
# ନ୍ୟୁ ଇଣ୍ଡିଆ ସମାଚାର

ବର୍ଷ : 01, ଅଙ୍କ : 04 | 15ରୁ 31 ଅଗଷ୍ଟ 2020, ନିଃଶୁଳ୍କ



## ସଶକ୍ତ ଭାରତର ସମଗ୍ର ଶିକ୍ଷାନୀତି

**74 ତମ ସ୍ୱାଧୀନତା ଦିବସରେ 'ନୂତନ ଭାରତ'ର ସଂକଳ୍ପ**



# "କରୋନାର ବିପଦ ଟଳି ନାହିଁ, ଆମକୁ ଆହୁରି ଅଧିକ ସତର୍କ ରହିବା ଜରୁରି"

- **କାରଗିଲ:** କାରଗିଲର ଯୁଦ୍ଧ ଯେଉଁ ପରିସ୍ଥିତିରେ ହୋଇଥିଲା ତାହା ଭାରତ କେବେ ବି ଭୁଲି ପାରିବ ନାହିଁ । ଭାରତ ସେତେବେଳେ ପାକିସ୍ତାନ ସହ ଉତ୍ତମ ସମ୍ପର୍କ ପ୍ରତିଷ୍ଠା ଲାଗି ପ୍ରୟାସରତ ଥିଲା । କିନ୍ତୁ, କଥାରେ ଅଛି, "ଦୁଷ୍ଟର ସ୍ୱଭାବ ହିଁ ଏମିତି ଯେ ସେ ପ୍ରତ୍ୟେକଙ୍କ ସହିତ ଅକାରଣରେ ଶତ୍ରୁତା ଆଚରଣ କରିବ। ସେତେବେଳେ ଭାରତର ପରାକ୍ରମକୁ ସାରା ବିଶ୍ୱ ଦେଖିଥିଲା । ସେତେବେଳେ କାରଗିଲ ଯାଇ ବୀର ଯବାନମାନଙ୍କର ବୀରତ୍ୱ ଦେଖିବାର ସୁଯୋଗ ମୋତେ ମିଳିଥିଲା

- **ସେନାର ମନୋବଳ:** ରାଷ୍ଟ୍ର ସର୍ବୋପରି ମନ୍ତ୍ରକୁ ନେଇ, ଏକତାର ସୂତ୍ରରେ ବାନ୍ଧି ହୋଇଥିବା ଦେଶବାସୀ, ଆମର ସୈନିକମାନଙ୍କର ମନୋବଳକୁ ଅନେକ ଗୁଣ ବଢ଼ାଇ ଦେଇଥାନ୍ତି । ଆମ ଦେଶରେ କୁହାଯାଏ 'ସଂଘେ ଶକ୍ତି କଲୌ ଯୁଗେ'

- **କରୋନା:** କରୋନାର ବିପଦ ଟଳି ନାହିଁ, ଆମକୁ ଆହୁରି ଅଧିକ ସତର୍କ ରହିବାକୁ ହେବ । ଆମକୁ ଧ୍ୟାନରେ ରଖିବାକୁ ହେବ ଯେ କରୋନା ଆଜି ମଧ ସେତିକି ଘାତକ, ଯେତିକି ପୂର୍ବରୁ ଥିଲା । ସେଥିଲାଗି ଆମକୁ ସାବଧାନତା ଅବଲମ୍ବନ କରିବାକୁ ହେବ। ମୁହଁରେ ମାସ୍କ, ଦୁଇ ଗଜ ଦୂରତା, ଏହା ଆମର ଅସ୍ତ୍ର । ମାସ୍କ ପିନ୍ଧିଲେ କଷ୍ଟ ହେଉଛି, ଆମେ ମୁହଁରୁ କାଢ଼ି ଦେଉଛୁ, କିନ୍ତୁ ଭାବନ୍ତୁ ଡାକ୍ତର, ନର୍ସ କିପରି ଘଣ୍ଟା ଘଣ୍ଟା ମାସ୍କ ପିନ୍ଧି କାମ କରୁଛନ୍ତି। ଆରୋଗ୍ୟ ହାର ଅନ୍ୟ ଦେଶ ତୁଳନାରେ ଆମ ଦେଶରେ ଉନ୍ନତ ରହିଛି, କିନ୍ତୁ ଜଣେ ହେଲେ ବ୍ୟକ୍ତିଙ୍କୁ ହରାଇବା ଆମ ପାଇଁ ବେଶ ଦୁଃଖଦାୟକ ।

- **ପ୍ରେରଣା:** ଗୋଟିଏ ପଟେ ଆମକୁ କରୋନା ବିରୋଧୀ ଲଢ଼େଇ ସମ୍ପୂର୍ଣ୍ଣ ସତର୍କତା ଓ ସଚେତନତାର ସହ ଲଢ଼ିବାକୁ ହେବ, ଅନ୍ୟପଟେ କଠୋର ପରିଶ୍ରମ କରି, ବ୍ୟବସାୟ, ଚାକିରି, ପାଠପଢ଼ା, ଯାହା ବି କର୍ତ୍ତବ୍ୟ ଆମକୁ ତୁଲାଇବାକୁ ପଡୁଛି ତାହା ଆମକୁ ବଢ଼ାଇବାକୁ ହେବ । କରୋନା କାଳରେ ଗ୍ରାମୀଣ କ୍ଷେତ୍ର ସାରା ଦେଶର ମାର୍ଗଦର୍ଶନ କରିଛି । ଜମ୍ମୁର ତ୍ରେୱା, କଶ୍ମୀରର ଗାନ୍ଦରବଲର ସରପଞ୍ଚ ଏବଂ ଅନନ୍ତନାଗ ନଗରପାଳିକାର ଅଧ୍ୟକ୍ଷ ଏହାର ଉଦାହରଣ ପ୍ରସ୍ତୁତ କରିଛନ୍ତି ।

- **ମଧୁବନୀ ପେଣ୍ଟିଂ ଥିବା ମାସ୍କ :** ବିପତ୍ତିକୁ ଅବସରରେ ବଦଳାଇବାରେ କମ ବୟସ୍କ ମହିଳାମାନେ ଯୋଗ ଦାନ ଦେଉଛନ୍ତି । ବିହାରରେ ଅନେକ ମହିଳା ଗୋଷ୍ଠୀ ମଧୁବନୀ ପେଣ୍ଟିଂ ଥିବା ମାସ୍କ ତିଆରି କରିଛନ୍ତି ଯାହା ଖୁବ ଲୋକପ୍ରିୟ ହୋଇଛି । ଏହା ମାଧ୍ୟମରେ ପରମ୍ପରା ରକ୍ଷା ହେବା ସହିତ ଲୋକମାନଙ୍କୁ ସ୍ୱାସ୍ଥ୍ୟ ଓ ରୋଜଗାର ମିଳିପାରୁଛି ।

- **ବନ୍ୟା:** ବିହାର, ଆସାମ ଭଳି ରାଜ୍ୟର ଅନେକ କ୍ଷେତ୍ରରେ ବନ୍ୟା ଅତ୍ୟନ୍ତ ସଂକଟଜନକ ପରିସ୍ଥିତି ସୃଷ୍ଟି କରିଛି, ଏ ବିପତ୍ତି ଦ୍ୱାରା ପ୍ରଭାବିତ ସମସ୍ତ ଲୋକଙ୍କ ସହିତ ସାରା ଦେଶ ଛିଡ଼ା ହୋଇଛି ।

- **ଆତ୍ମନିର୍ଭରତାର ସଂକଳ୍ପ :** ମୁଁ ସମସ୍ତ ଦେଶବାସୀଙ୍କୁ ଅନୁରୋଧ କରୁଛି ଯେ ଆମେ ସ୍ୱାଧୀନତା ଦିବସରେ ମହାମାରୀରୁ ସ୍ୱାଧୀନତା ପାଇବା ଲାଗି ସଂକଳ୍ପ ନେବା, ଆତ୍ମନିର୍ଭର ଭାରତର ସଂକଳ୍ପ ନେବା, କିଛି ନୂଆ ଶିଖିବା ଏବଂ ଶିଖାଇବାର ସଂକଳ୍ପ ନେବା, ନିଜ କର୍ତ୍ତବ୍ୟ ପାଳନ କରିବାର ସଂକଳ୍ପ ନେବା ।

- **ବାଉଁଶ କାରିଗରୀ :** ଉତ୍ତର ପୂର୍ବାଞ୍ଚଳରେ ବାଉଁଶ କାରିଗରମାନେ ଉଚ୍ଚ ମାନର ବୋତଲ, ଟିଫିନ ବାକ୍ସ ତିଆରି କରିବା ଆରମ୍ଭ କରିଛନ୍ତି । କ୍ୱାଲିଟି ଦେଖିଲେ ଭରସା କରିବା କଷ୍ଟକର ଯେ ବାଉଁଶରେ ତିଆରି ବୋତଲ ମଧ ଏତେ ଚମତ୍କାର ହୋଇପାରେ । ଏଗୁଡ଼ିକ ପରିବେଶ ଉପଯୋଗୀ, ଏଗୁଡ଼ିକୁ ତିଆରି କରିବା ପୂର୍ବରୁ ନିମ୍ବ ଏବଂ ଅନ୍ୟ ଔଷଧୀୟ ଚାରା ସହିତ ଗରମ ପାଣିରେ ଫୁଟାଇ ଯାଇଥାଏ । ଯାହାଫଳରେ ଏଥିରେ ମଧ ଔଷଧୀୟ ଗୁଣ ଭରି ଯାଇଥାଏ ।

- **ଡ୍ରାଗନ ଫଳ ଚାଷ:** କଚ୍ଛରେ କୃଷକମାନେ ଡ୍ରାଗନ ଫ୍ରୁଟ୍ସ ଚାଷ ଲାଗି ପ୍ରଶଂସନୀୟ ପ୍ରୟାସ କରୁଛନ୍ତି। ଅନେକ ଲୋକ ଏକଥା ଶୁଣିଲେ ମଧ ବିଶ୍ୱାସ କରିପାରୁନାହାନ୍ତି ଯେ କଚ୍ଛରେ ପୁଣି ଡ୍ରାଗନ ଫଳ!   କଚ୍ଛର କୃଷକମାନେ ସଂକଳ୍ପ କରିଛନ୍ତି, ଦେଶକୁ ଯେପରି ଡ୍ରାଗନ ଫ୍ରୁଟ୍ସ ଆମଦାନୀ କରିବାକୁ ପଡ଼ିବ ନାହିଁ । ଏହା ହିଁ ଆତ୍ମନିର୍ଭରଶୀଳତାର କଥା

- **ହସ୍ତତନ୍ତର ଉପଯୋଗ:** ଭାରତରେ ଶହ ଶହ ବର୍ଷ ଧରି ହସ୍ତତନ୍ତ, ହସ୍ତଶିଳ୍ପର ଗୌରବଶାଳୀ ପରମ୍ପରା ଓ ଇତିହାସ ରହିଆସିଛି । ଭାରତୀୟ ହସ୍ତତନ୍ତ ଓ ହସ୍ତଶିଳ୍ପ ଅଧିକ ଉପଯୋଗ କରିବା ଲାଗି ଆମେ ସମସ୍ତେ ପ୍ରୟାସ କରିବା ଉଚିତ ।

- **ଛାତ୍ରଛାତ୍ରୀଙ୍କ ସହିତ ଆଲୋଚନା :** ଆଜି 'ମନ କୀ ବାତ'ରେ ଚାଲନ୍ତୁ ଆମେ କିଛି ପ୍ରତିଭାଶାଳୀ ପୁଅ-ଝିଅଙ୍କ ସହ କଥା ହେବା । ଏମିତି ଜଣେ ପ୍ରତିଭାଶାଳୀ ଝିଅ ହେଉଛନ୍ତି ହରିୟାଣା ପାନୀପତର କୃତିକା ନାନ୍ଦଲ, କେରଳ ଏର୍ଣ୍ଣାକୁଲମର ଯୁବକ ବିନାୟକ, ଉତ୍ତର ପ୍ରଦେଶ ଅମରୋହାର ଉସ୍ମାନ ସୈଫୀ ଏବଂ ତାମିଲନାଡୁ ନାମାକ୍କିଲରୁ ଝିଅ କନିଗ୍ମା । ମୁଁ ସମସ୍ତ ଯୁବା ସାଥୀଗଣଙ୍କୁ ଅନୁରୋଧ କରୁଛି ଯେ ସେମାନେ ନିଜ କାହାଣୀ ନିଜେ ସମସ୍ତଙ୍କୁ କୁହନ୍ତୁ ।

- **ସୁରୀନାମରେ ଭାରତୀୟ ଗୌରବ :** ସାତ ଦରିଆ ପାରି, ଭାରତ ଭାରତ ଠାରୁ ହଜାର ହଜାର ମାଇଲ ଦୂରରେ ଏପରି ଏକ ଦେଶ ରହିଛି 'ସୁରୀନାମ'। ସେଠାକାର ସାଧାରଣ ଭାଷା ମଧ୍ୟରୁ ଗୋଟିଏ 'ସରନାମୀ' ହେଉଛି 'ଭୋଜପୁରୀ'ର ଏକ ଉପଭାଷା । ସେଠାରେ ଚନ୍ଦ୍ରିକା ପ୍ରସାଦ ସନ୍ତୋଖୀ ନୂଆ ରାଷ୍ଟ୍ରପତି ହୋଇଛନ୍ତି । ସେ ସଂସ୍କୃତରେ ବେଦ ମନ୍ତ୍ର ପାଠ କରି ପଦ ଓ ଗୋପନୀୟତାର ଶପଥ ନେଇଛନ୍ତି । ବାସ୍ତବରେ ଏହା ଆମ ସମସ୍ତଙ୍କ ପାଇଁ ଗୌରବର କଥା ।

- **ରକ୍ଷାବନ୍ଧନ :** ଆମର ପର୍ବ ଆମ ସମାଜର, ଏହା ଆମ ଘର ପାଖରେ ଥିବା ଲୋକମାନଙ୍କର ବ୍ୟବସାୟ ବଢ଼ାଉ । ସେମାନଙ୍କର ପର୍ବ ମଧ ସୁଖମୟ ହେଉ, ତା'ହେଲେ ଯାଇ ପର୍ବର ଆନନ୍ଦ ଆହୁରି ବଢ଼ିଯିବ । ସମସ୍ତ ଦେଶବାସୀଙ୍କୁ ରକ୍ଷା ବନ୍ଧନର ଅନେକ ଅନେକ ଶୁଭକାମନା ।

ମନ କୀ ବାତ ସମ୍ପୂର୍ଣ୍ଣ ଭାବେ ଶୁଣିବା ଲାଗି କ୍ୟୁଆର କୋଡ ସ୍କାନ କରନ୍ତୁ

ନ୍ୟୁ ଇଣ୍ଡିଆ
# ସମାଚାର
ବର୍ଷ : 1, ସଂଖ୍ୟା : 4 | 15-31 ଅଗଷ୍ଟ 2020

**ପ୍ରକାଶକ ଓ ମୁଦ୍ରାକର**
**ସତ୍ୟେନ୍ଦ୍ର ପ୍ରକାଶ,**
**ମହାନିର୍ଦ୍ଦେଶକ, ବିଓସି**
**(ବ୍ୟୁରୋ ଅଫ ଆଉଟରିଚ ଆଣ୍ଡ କମ୍ୟୁନିକେସନ)**

ମୁଦ୍ରଣ : ଇନଫିନିଟି ଆଡଭର୍ଟାଇଜିଂ ସରଭିସେସ, ନୂଆଦିଲ୍ଲୀ

**ବ୍ୟୁରୋ ଅଫ ଆଉଟରିଚ ଆଣ୍ଡ କମ୍ୟୁନିକେସନ, ସୂଚନା ଭବନ, ଦ୍ୱିତୀୟ ମହଲା**
ନୂଆଦିଲ୍ଲୀ-110003ରୁ ପ୍ରକାଶିତ
**ଏଡିଟର ଇନ ଚିଫ :**
**କୁଳଦୀପ ସିଂ ଧତୱାଲିଆ,**
**ପ୍ରଧାନ ମହାନିର୍ଦ୍ଦେଶକ**
ପତ୍ର ସୂଚନା କାର୍ଯ୍ୟାଳୟ, ନୂଆଦିଲ୍ଲୀ

ଏଡିଟର :
**ସନ୍ତୋଷ କୁମାର**

ଆସୋସିଏଟ ଏଡିଟର:
**ବିଭୋର ଶର୍ମା**


ସିନିୟର ଆର୍ଟିଷ୍ଟ :
**ଶ୍ୟାମ ତିୱାରୀ**

ଆବରଣ ଫଟୋ : ଅତୁଲ ହୁସ୍ତ

ଆର.ଏନ.ଆଇ ନମ୍ବର
DELODI/2020/78831

## ଭିତର ପୃଷ୍ଠାରେ...

## ଗ୍ଲୋବାଲ ନଲେଜ ସୁପର ପାୱାର ଆଡ଼କୁ ବଢୁଛି ପାଦ...



**ଆବରଣ କଥା** | 34 ବର୍ଷ ପରେ ବଦଳିଲା ଦେଶର ଶିକ୍ଷା ନୀତି, ଏବେ ଗବେଷଣା ଓ ସମାନ ଶିକ୍ଷା ମାର୍ଗରେ ଦେଶକୁ ଆଗକୁ ବଢ଼ାଇବାର ପ୍ରୟାସ ପୃଷ୍ଠା 18-23

## ଦେଶ ସହିତ ତାଳ ଦେଇ ଚାଲିଛି କଶ୍ମୀର



ଅନୁଚ୍ଛେଦ 370 ଏବଂ 35 ଏ ଉଚ୍ଛେଦର ଏକ ବର୍ଷ ପରେ ଘାଟୀରେ ପରିବର୍ତ୍ତନ ପର୍ଯ୍ୟାୟ ଆରମ୍ଭ ପୃଷ୍ଠା 6-8

## ଡିଜିଟାଲ ଆତ୍ମନିର୍ଭରଶୀଳତାର ଧମକ




59 ବିଦେଶୀ ଆପ ଉପରେ ପ୍ରତିବନ୍ଧକ ଏବଂ ଡିଜିଟାଲ ଆତ୍ମନିର୍ଭରଶୀଳତା ଦିଗରେ ବଢୁଥିବା ଭାରତ ପୃଷ୍ଠା 13-15

**'କର ଅବା ମର' ଠାରୁ 'କରିବା ଓ ହାସଲ କରିବା'**
ଭାରତ ଛାଡ଼ ଆନ୍ଦୋଳନକୁ 78 ବର୍ଷ | ପୃଷ୍ଠା 3

**ସମାଚାର-ସାର**
ଦେଶର ପ୍ରମୁଖ ଖବର | ପୃଷ୍ଠା 4-5

**ବଦଳୁଥିବା ଭାରତର କାହାଣୀ**
ପ୍ରେରଣାଦାୟୀ ସକାରାତ୍ମକ ଖବର | ପୃଷ୍ଠା 9

**ଗାଁରେ ହିଁ ଶସ୍ୟ ଓ ରୋଜଗାର**
ଗରିବ କଲ୍ୟାଣ ଅଭିଯାନ ବଳରେ ବଦଳୁଛି ଚିତ୍ର | ପୃଷ୍ଠା 10-12

**ବିସ୍ତାରବାଦ ନୁହେଁ, ବିକାଶବାଦର ଯୁଗ**
ପ୍ରଧାନମନ୍ତ୍ରୀ ଓ ପ୍ରତିରକ୍ଷା ମନ୍ତ୍ରୀ | ପୃଷ୍ଠା 16-17

**କରୋନା ମୁକାବିଲାରେ ଆମେ ବିଶ୍ୱଠାରୁ ଆଗରେ**
ସହିତ ଉପରାଷ୍ଟ୍ରପତିଙ୍କ ରଚନା |ପୃଷ୍ଠା 24-26

**ସବକା ସାଥ ସବକା ବିକାଶ**
ୟୁଏନ ଓ ଅନ୍ୟ ଅନ୍ତର୍ଜାତିକ ମଞ୍ଚରେ ପିଏମ | ପୃଷ୍ଠା 27-29

**ଆତ୍ମନିର୍ଭରଶୀଳତା ମାର୍ଗରେ ଭାରତୀୟ ଅର୍ଥବ୍ୟବସ୍ଥା**
ଆତ୍ମନିର୍ଭରଶୀଳତା ପ୍ୟାକେଜର ଅଗ୍ରଗତି | ପୃଷ୍ଠା 30-31

**ୱାଇଫାଇ : ଶିକ୍ଷା ହେଲା ସାଧନ** | ପୃଷ୍ଠା 32-33

**କେଦାରନାଥକୁ ଭବ୍ୟ ରୂପ ଦେବା ଲାଗି ପ୍ରୟାସ** | ପୃଷ୍ଠା 36



## ଭବ୍ୟ ରାମ ମନ୍ଦିରର ଭିତ୍ତିପ୍ରସ୍ତର

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଅଯୋଧ୍ୟାରେ ରାମଲଲାଙ୍କ ମନ୍ଦିରର ଭିତ୍ତିପ୍ରସ୍ତର ସ୍ଥାପନ | ପୃଷ୍ଠା 34-35

# ସମ୍ପାଦକଙ୍କ କଲମରୁ...

ଏଥର ଅଗଷ୍ଟ 15 ତାରିଖରେ ଦେଶ 74ତମ ସ୍ୱାଧୀନତା ଦିବସ ପାଳନ କରିବ। ଏହି ଦିନ ମଧ୍ୟ ଭାରତଛାଡ଼ ଆନ୍ଦୋଳନକୁ 78 ବର୍ଷ ପୂରିବ । ଏ ଆନ୍ଦୋଳନରେ ଜାତିର ପିତା ମହାତ୍ମା ଗାନ୍ଧୀ 8 ଅଗଷ୍ଟ 1942 ତାରିଖ ଦିନ 'କର ଅବା ମର'ର ଡାକରା ଦେଇଥିଲେ। କିନ୍ତୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ନାରାକୁ ଆଗକୁ ବଢ଼ାଇ "କରିବା ଏବଂ ହାସଲ କରିବା"ର ସଂକଳ୍ପ ସହିତ ଦେଶ ଓ ସମାଜକୁ ଦାରିଦ୍ର୍ୟ, ଭ୍ରଷ୍ଟାଚାର, ବେକାରୀ, କୁପୋଷଣ ଭଳି ବ୍ୟାଧିରୁ ମୁକ୍ତି ଦେବା ଦିଗରେ ଆଗକୁ ପାଦ ବଢ଼ାଇଛନ୍ତି । ଏହା ହିଁ ହେବ ପ୍ରକୃତ ଅର୍ଥରେ ସ୍ୱାଧୀନତା । ଏହାକୁ ଧ୍ୟାନରେ ରଖି ସ୍ୱାଧୀନତା ଦିବସ ଅବସରରେ ଆମେ 'ନ୍ୟୁ ଇଣ୍ଡିଆ ସମାଚାର' ପାକ୍ଷିକ ପତ୍ରିକାର ଆରମ୍ଭ କରିଛୁ। ଏହି ପତ୍ରିକା ରାଷ୍ଟ୍ରପିତାଙ୍କୁ ସମର୍ପିତ। ସେ ହରିଜନ ପତ୍ରିକାରେ ଲେଖୁଥିଲେ ଏବଂ ସେ ସାପ୍ତାହିକ ୟଙ୍ଗ ଇଣ୍ଡିଆର ସମ୍ପାଦନା କରୁଥିଲେ ।

ପତ୍ରିକା ଆରମ୍ଭ କରିବାର ବିଚାର ନେଇ ଆୟୋଜିତ ବୈଠକରେ ସମସ୍ତେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ନ୍ୟୁ ଇଣ୍ଡିଆ' ଆହ୍ୱାନକୁ ଧ୍ୟାନରେ ରଖି ସର୍ବସମ୍ମତିକ୍ରମେ 'ନ୍ୟୁ ଇଣ୍ଡିଆ ସମାଚାର' ନାମ ଚୟନ କରିଥିଲେ । ଏହି ପାକ୍ଷିକ ପତ୍ରିକା ଭିନ୍ନ ଭିନ୍ନ ଆଞ୍ଚଳିକ ଭାଷାରେ ମଧ୍ୟ ପ୍ରକାଶିତ ହେବ ।

ଏଥିରେ ସମସ୍ତ ସଦ୍ୟ ଘଟଣାର ଅର୍ଥ ଓ ଯଥାର୍ଥ ଉଲ୍ଲେଖ କରାଯିବ। ପ୍ରତ୍ୟେକ ସଂଖ୍ୟାରେ ସରକାରୀ ଯୋଜନାର ସମ୍ପୂର୍ଣ୍ଣ ବର୍ଣ୍ଣନା, ସାମାଜିକ ଯୋଜନାର ଭଲ ପରିଣାମ, କ୍ୟାବିନେଟର ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଓ ଆବରଣ କଥା ଉଲ୍ଲେଖ କରାଯିବ। ଭାରତର କାହାଣୀ, 'ମନ କୀ ବାତ' ଏପରି ଅନେକ ବିଷୟ ଏଥିରେ ଉଲ୍ଲେଖ କରାଯିବ। ଏହି ପତ୍ରିକା ମାଗଣାରେ ସମସ୍ତ ଗ୍ରାମ ପଞ୍ଚାୟତ, ପଞ୍ଚାୟତ ସମିତି, ଜିଲ୍ଲା ପରିଷଦ କାର୍ଯ୍ୟାଳୟ ଏବଂ ସଦସ୍ୟ, ବିଧାୟକ, ସାଂସଦ, ନ୍ୟାୟପାଳିକା ଓ ସାମ୍ବାଦିକମାନଙ୍କୁ ମିଳିବ ।

ଏ ପତ୍ରିକାର ଇ-ବୁକ ମଧ୍ୟ ପ୍ରକାଶିତ ହେବ ଯାହା ସମସ୍ତଙ୍କ ଉପଯୋଗ ନିମନ୍ତେ ସୁଗମ ହେବ। ଏହି ଇ-ବୁକ ସମସ୍ତ ଶିକ୍ଷକ, ପ୍ରାଧ୍ୟାପକ ଓ ଆମ ପାଖରେ ଯେଉଁମାନଙ୍କର ଇ-ମେଲ ଠିକଣା ରହିଛି, ସେମାନଙ୍କୁ ପଠାଇ ଦିଆଯିବ । ଏହା ସରକାରୀ ମୁଖପତ୍ର ନୁହେଁ, ଏହା ସରକାରଙ୍କ ପକ୍ଷରୁ ଜନକଲ୍ୟାଣ ଲାଗି ଗ୍ରହଣ କରାଯାଇଥିବା ପଦକ୍ଷେପ ଏବଂ ସମସ୍ତ କାର୍ଯ୍ୟ ସୂଚନା ଦେଉଥିବା ଏକ ପତ୍ରିକା ।

**ଆଶା, ଆପଣମାନେ ଏ ପତ୍ରିକାକୁ ପସନ୍ଦ କରିବେ । ଆପଣମାନେ ଏହାକୁ ପଢ଼ନ୍ତୁ ଏବଂ ଆମକୁ ମତାମତ ଲେଖି ପଠାନ୍ତୁ । ଅନେକ ଅନେକ ଧନ୍ୟବାଦ ।**

कुलदीप
(कुलदीप धतवालिया)




> “ଏକ ଛୋଟିଆ ମନ୍ତ୍ର ଯାହା ମୁଁ ଆପଣମାନଙ୍କୁ ଦେଉଛି। ଏହାକୁ ଆପଣ ନିଜ ହୃଦୟରେ ଅଙ୍କିତ କରି ଦିଅନ୍ତୁ ଏବଂ ନିଜର ପ୍ରତ୍ୟେକ ଶ୍ୱାସପ୍ରଶ୍ୱାସରେ ଏହାକୁ ଅଭିବ୍ୟକ୍ତ କରନ୍ତୁ । ଏହି ମନ୍ତ୍ର ହେଉଛି- 'କର ଅବା ମର'। ଆମର ଏ ପ୍ରୟାସରେ ଆମେ ସ୍ୱାଧୀନତା ହାସଲ କରିବା ନଚେତ ଜୀବନ ବଳିଦେବା।”
>
> -ମହାତ୍ମା ଗାନ୍ଧୀ (ଭାରତ ଛାଡ଼ ଆନ୍ଦୋଳନର ପ୍ରସ୍ତାବ ପାରିତ ହେବା ପରେ ବକ୍ତବ୍ୟ)

# ‘କର ଅବା ମର’ରୁ ‘କରିବା ଓ ହାସଲ କରିବା’ ହିଁ ବାପୁଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି

**ସ୍ଥାନ- ମୁମ୍ବାଇର ଗ୍ୱାଲିୟା ଟ୍ୟାଙ୍କ ମୈଦାନ। ସମୟ 8 ଅଗଷ୍ଟ 1942**

ଭାରତରୁ ବ୍ରିଟିଶ ସାମ୍ରାଜ୍ୟର ସମ୍ପୂର୍ଣ୍ଣ ବିଲୋପନ ପାଇଁ ରାଷ୍ଟ୍ରପିତା ମହାତ୍ମା ଗାନ୍ଧୀ 'କର ଅବା ମର' ଡାକରା ଦେଇଥିଲେ। ସାରା ଦେଶର ଜନସାଧାରଣଙ୍କୁ ଆହ୍ୱାନ କରି ସେ 'ଭାରତ ଛାଡ଼ ଆନ୍ଦୋଳନ'ର ଶୁଭାରମ୍ଭ କରିଥିଲେ। ବାପୁଙ୍କର 'ଇଂରେଜ ଭାରତ ଛାଡ଼' ଏବଂ 'କର ଅବା ମର' ଏହି ମନ୍ତ୍ର ଆନ୍ଦୋଳନର ପରିଚୟ ପାଲଟିଗଲା। ଚିନ୍ତିତ ବ୍ରିଟିଶ ସରକାର ବାପୁଙ୍କ ଆହ୍ୱାନର 24 ଘଣ୍ଟା ମଧ୍ୟରେ ସ୍ୱାଧୀନତା ଆନ୍ଦୋଳନର ନେତୃତ୍ୱ ନେଉଥିବା ସମସ୍ତ ନେତାମାନଙ୍କୁ ଗିରଫ କରି ଜେଲରେ ପୂରାଇ ଦେଲେ। ସମସ୍ତ ବଡ଼ ନେତାମାନଙ୍କୁ ଜେଲ ପଠାଇ ଦିଆଯିବା ସତ୍ତ୍ୱେ ଅରୁଣା ଆସଫ ଅଲ୍ଲୀ ପରଦିନ ଗ୍ୱାଲିୟା ଟ୍ୟାଙ୍କ ମୈଦାନରେ ତ୍ରିରଙ୍ଗା ଉଡ଼ାଇଲେ। ଭାରତୀୟ ଇତିହାସରେ ଏହାକୁ 'ଅଗଷ୍ଟ କ୍ରାନ୍ତି' ନାମରେ ସମସ୍ତେ ଜାଣନ୍ତି।

ଭାରତ ଛାଡ଼ ଆନ୍ଦୋଳନର 75ତମ ବର୍ଷ ପୂର୍ତ୍ତି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ସଂସଦରେ ବାପୁଙ୍କ ଶବ୍ଦକୁ ରେଖାଙ୍କିତ କରି କହିଥିଲେ, “1947ର ସ୍ୱାଧୀନତା ପୂର୍ବରୁ 1942ର ଆନ୍ଦୋଳନ, ଅନ୍ତିମ ବ୍ୟାପକ ଜନ ଆନ୍ଦୋଳନ ଥିଲା। ଏହି ଆନ୍ଦୋଳନ ଦେଶର କୋଣ ଅନୁକୋଣ ପର୍ଯ୍ୟନ୍ତ ପହଞ୍ଚିଲା । ସେ ସମୟରେ ବାପୁ କହିଥିଲେ, 'କର ଅବା ମର'। ଏହାର ସୂତ୍ର ଥିଲା- 'କରିବା ଏବଂ ହାସଲ କରିବା'। 2017ରୁ 2022ର ଭାରତ କିପରି ହେବା ଉଚିତ? ଏହି ସଂକଳ୍ପ ନେଇ ଆଗକୁ ବଢ଼ିବାକୁ ହେଲେ ଆମକୁ ଆମର ଏହି ସୂତ୍ରକୁ ପାଳନ କରିବାକୁ ହେବ। 1942ର ଭାରତ ଛାଡ଼ ଆନ୍ଦୋଳନ ଭଳି ସଂକଳ୍ପ ଏବେ ନେବାକୁ ହେବ। ଭ୍ରଷ୍ଟାଚାର, ଦାରିଦ୍ର୍ୟ, ବେକାରି, କୁପୋଷଣ ଭଳି ସମସ୍ୟାକୁ ଦୂର କରିବାକୁ ହେବ ଏବଂ ଆମେ ନିଶ୍ଚିତ ଭାବେ ଏହି ଲକ୍ଷ୍ୟ ହାସଲ କରିବୁ। ଆମେ 2022ରେ ସ୍ୱାଧୀନତାର 75ତମ ବର୍ଷ ପୂରଣ କରିବାକୁ ଯାଉଛୁ। ସେଥିପାଇଁ ଆମେ ଏହି ସଂକଳ୍ପକୁ ଆଗେଇ ନେଇ ଚାଲିବୁ।”




बापू के इस अभूतपूर्व आह्वान पर जारी डाक टिकट

ଭାରତ ଛାଡ଼ ଆନ୍ଦୋଳନ ସମୟରେ ମହାତ୍ମା ଗାନ୍ଧୀ ନିଜ ଭାଷଣରେ କହିଥିଲେ, “ଆମର ଏ ଲଢ଼େଇ କ୍ଷମତା ପାଇଁ ନୁହେଁ, ବରଂ ଅହିଂସା ମାର୍ଗରେ ଆଗକୁ ବଢ଼ି ଭାରତକୁ ସ୍ୱାଧୀନତା ଦେବା ପାଇଁ।” ୧୯୪୨ରେ ଯେପରି ଭାବେ ଗାନ୍ଧୀଜୀ ଇଂରେଜଙ୍କ ଭାରତ ଛାଡ଼ ପାଇଁ ସଂକଳ୍ପ ନେଇଥିଲେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନକ୍ରମେ ଆଜି ଆମେ ନୂତନ ଭାରତ ନିର୍ମାଣ ଲାଗି ସେପରି ସଂକଳ୍ପ ନେବାର ଆବଶ୍ୟକତା ରହିଛି । ପ୍ରଧାନମନ୍ତ୍ରୀ ମୋଦୀ ସ୍ପଷ୍ଟ କରିଛନ୍ତି ଯେ ଏହା କୌଣସି ଦଳ କିମ୍ବା ନେତାର ସଂକଳ୍ପ ନୁହେଁ, ବରଂ 130 କୋଟିରୁ ଅଧିକ ଦେଶବାସୀଙ୍କ ସଂକଳ୍ପ ଅଟେ । ଆମର ସ୍ୱାଧୀନତା ସଂଗ୍ରାମୀମାନେ ସ୍ୱାଧୀନତା ପାଇଁ ଯେଉଁ ସଂଘର୍ଷ କରିଥିଲେ ଏବଂ ବଳିଦାନ ଦେଇଥିଲେ, ଏବେ ଏ ସଂକଳ୍ପ ମାଧ୍ୟମରେ ଆମେ ସଠିକ ଢଙ୍ଗରେ ସେହି ସ୍ୱାଧୀନତା ଅନୁଭବ କରିପାରିବା । ■

# ଧାର୍ଯ୍ୟ ଲକ୍ଷ୍ୟ ପୂର୍ବରୁ ବାଘଙ୍କ ସଂଖ୍ୟା ଦ୍ୱିଗୁଣିତ

## 2022ରେ ସମ୍ପୂର୍ଣ୍ଣ କରିବାର ଥିଲା ଲକ୍ଷ୍ୟ, ଭାରତ 2018ରେ ହାସଲ କଲା



ବାଘ ସଂଖ୍ୟା କ୍ଷେତ୍ରରେ ଭାରତ ନୂତନ ବିଶ୍ୱ କୀର୍ତ୍ତିମାନ ପ୍ରତିଷ୍ଠା କରିଛି । 2006ରେ ଭାରତରେ ବାଘଙ୍କ ସଂଖ୍ୟା 1,411 ଥିଲା, ଯାହା 2018ରେ ବୃଦ୍ଧି ପାଇ 2967ରେ ପହଞ୍ଚିଛି । ଧାର୍ଯ୍ୟ ସମୟର 4 ବର୍ଷ ପୂର୍ବରୁ ଭାରତ ଏହି ଉପଲବ୍ଧି ହାସଲ କରିଛି । ବାଘଙ୍କ ଗଣନା ଲାଗି ପାଖାପାଖି 26,760ଟି ସ୍ଥାନରେ ଲଗାଯାଇଥିବା ପେୟର୍ଡ କ୍ୟାମେରା ଟ୍ରାପ ଜରିଆରେ 3.5 କୋଟି ଫଟୋ ସଂଗ୍ରହ କରାଯାଇଛି ଯାହାକି ଗିନିଜ ବୁକ ଅଫ ୱାର୍ଲ୍ଡ ରେକର୍ଡସରେ ସାମିଲ ହୋଇଛି। ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ପ୍ରକାଶ ଜାଭଡ଼େକର ଏହାକୁ ଆତ୍ମନିର୍ଭର ଭାରତର ଉତ୍ତମ ଉଦାହରଣ ଭାବେ ଅଭିହିତ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ 'ସଂକଳ୍ପରୁ ସିଦ୍ଧି' ମାଧ୍ୟମରେ ଏହି ସଂକଳ୍ପ ପୂରଣ ହୋଇଛି। ଅନ୍ତର୍ଜାତୀୟ ବ୍ୟାଘ୍ର ଦିବସ ଅବସରରେ ବାଘ ଗଣନା ରିପୋର୍ଟ ଜାରି କରି ସେ କହିଥିଲେ ଯେ ବିଶ୍ୱର 70 ପ୍ରତିଶତ ବାଘ ଭାରତରେ ରହିଛନ୍ତି।

## ମାତ୍ର ବର୍ଷକରେ 82% ହ୍ରାସ ପାଇଲା ତିନି ତଲାକ ମାମଲା



ଅଗଷ୍ଟ ପହିଲା ତାରିଖ ମୁସଲିମ ମହିଳାମାନଙ୍କ ପାଇଁ ସାମ୍ବିଧାନିକ-ମୌଳିକ-ଗଣତାନ୍ତ୍ରିକ ଏବଂ ସମାନତା ଅଧିକାର ଦିବସରେ ପରିଣତ ହୋଇଛି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ମୋଦୀ ସରକାରଙ୍କ ପକ୍ଷରୁ ତଲାକ-ଏ-ବିଦ୍ଦତ ଉପରେ ଗତ ବର୍ଷ ଆଇନ ପ୍ରଣୟନ କରାଯାଇଥିଲା। ଏହାପରେ ମାତ୍ର ଏକ ବର୍ଷ ମଧ୍ୟରେ ଏପରି ତଲାକ ମାମଲା 82% ହ୍ରାସ ପାଇଛି। ଯେଉଁଠି ଏପରି ମାମଲା ସାମ୍ନାକୁ ଆସିଛି, ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। କେନ୍ଦ୍ର ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରୀ ମୁଖତାର ଅବାସ ନକଭୀ କହିଛନ୍ତି, ଏହି ତାରିଖ ଏବେ ଭାରତ ଇତିହାସରେ "ମୁସଲିମ ମହିଳା ଅଧିକାର" ଦିବସ ଭାବେ ଲିପିବଦ୍ଧ ହୋଇ ସାରିଛି । ନକଭୀ କହିଥିଲେ ଯେ 1986ରେ ହିଁ ଶାହବାନୋ ମାମଲାରେ ସୁପ୍ରିମକୋର୍ଟଙ୍କ ରାୟ ପ୍ରକାଶ ପାଇବା ପରେ ତତ୍କାଳୀନ ସରକାର ମୁସଲିମ ମହିଳାମାନଙ୍କ କଲ୍ୟାଣକୁ ଦୃଷ୍ଟିରେ ରଖି ନିର୍ଣ୍ଣୟ ନେଇପାରିଥାନ୍ତେ । କିନ୍ତୁ ତତ୍କାଳୀନ ସରକାର ଏ କୁପ୍ରଥା ସାମ୍ନାରେ ଆଣ୍ଠେଇ ପଡ଼ିଥିଲେ ।





## ସେନାକୁ ସାମରିକ ସୁବିଧା ସହିତ ପେନସନର ଲାଭ

ଭାରତୀୟ ସେନାକୁ ସାମରିକ ସହିତ ବ୍ୟକ୍ତିଗତ ସ୍ତରରେ ଦୃଢ଼ତା ପ୍ରଦାନ କରିବା ଲାଗି କେନ୍ଦ୍ର ସରକାର ପଦକ୍ଷେପ ଗ୍ରହଣ କରିଛନ୍ତି। ଜମ୍ମୁ-କଶ୍ମୀର ନିୟନ୍ତ୍ରଣ ରେଖା ନିକଟବର୍ତ୍ତୀ ଅଞ୍ଚଳରେ ସେନାର ସୁବିଧା ନିମନ୍ତେ ବର୍ଡର ରୋଡ ଅର୍ଗାନାଇଜେସନ (ବିଆରଓ) 43 କୋଟି ଟଙ୍କା ବ୍ୟୟରେ ଚୈ ନୂଆ ସେତୁ ନିର୍ମାଣ କରି ସେନାକୁ ଅର୍ପଣ କରିଛି। ଅନ୍ୟପଟେ ସେନାରେ 10 ବର୍ଷରୁ କମ ସେବା ଦେଉଥିବା ଯବାନଙ୍କୁ ମଧ୍ୟ ଏବେ ପେନସନର ସୁବିଧା ମିଳିବ। ପୂର୍ବରୁ କେବଳ ଅଧିକ ବର୍ଷ ସେନାରେ କାର୍ଯ୍ୟ କରିଥିବା ଯବାନମାନଙ୍କୁ ଏହି ସୁବିଧା ମିଳୁଥିଲା। ବିଶେଷ କରି ସେବା ପ୍ରଦାନ କରିବା ସମୟରେ ଶାରୀରିକ ରୂପରେ ଅକ୍ଷମ କିମ୍ବା ଅନ୍ୟ କାରଣରୁ ଆଗୁଆ ସେବାନିବୃତ୍ତ ହୋଇଯାଉଥିବା ଯବାନମାନଙ୍କୁ ଏବେ ଏହାର ଲାଭ ମିଳିବ।


## ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରରେ 19.93 କୋଟି ଲୋକଙ୍କ ଚିକିତ୍ସା



କରୋନା ମହାମାରୀ ମଧ୍ୟରେ ମୋଦୀ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟ ବୀମା ଯୋଜନା 'ଆୟୁଷ୍ମାନ ଭାରତ' ଲୋକମାନଙ୍କ ପାଇଁ ଆଶ୍ୱସ୍ତିଭରା ରହିଛି । 'ଆୟୁଷ୍ମାନ ଭାରତ' ଅଧୀନରେ ପରିଚାଳିତ ସ୍ୱାସ୍ଥ୍ୟ ଏବଂ ଆରୋଗ୍ୟ କେନ୍ଦ୍ରରେ 14 ଏପ୍ରିଲ ଠାରୁ ବର୍ତ୍ତମାନ ସୁଦ୍ଧା 19 କୋଟି 93 ଲକ୍ଷ ଲୋକ ଚିକିତ୍ସା ସୁବିଧା ପାଇପାରିଛନ୍ତି । ଏମାନଙ୍କ ମଧ୍ୟରୁ 44 ଲକ୍ଷ ଲୋକ କେବଳ 18 ଜୁଲାଇରୁ ଆରମ୍ଭ କରି 24ଜୁଲାଇ ମଧ୍ୟରେ ଆରୋଗ୍ୟ କେନ୍ଦ୍ରରେ ପହଞ୍ଚିଛନ୍ତି। ଏହି ସମୟରେ ଲୋକମାନଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ଦେଖି କେନ୍ଦ୍ର ସରକାର 13 ହଜାର 657ଟି ଅତିରିକ୍ତ ସ୍ୱାସ୍ଥ୍ୟ ଏବଂ ଆରୋଗ୍ୟ କେନ୍ଦ୍ରର ଶୁଭାରମ୍ଭ କରିଛନ୍ତି। ବର୍ତ୍ତମାନ 44 ହଜାରରୁ ଅଧିକ କଲ୍ୟାଣ କେନ୍ଦ୍ର ସାରା ଦେଶରେ ପରିଚାଳିତ ହେଉଛି ।

# 2009-2014ରେ ଦୈନିକ ମାତ୍ର 2 କିମି, ଏବେ 8.5 କିମି ରେଳ ମାର୍ଗର ବିଦ୍ୟୁତିକରଣ

ରେଳ ମନ୍ତ୍ରଣାଳୟ 2030 ସୁଦ୍ଧା ଭାରତୀୟ ରେଳକୁ ସମ୍ପୂର୍ଣ୍ଣ ଭାବେ ଗ୍ରୀନ ରେଳବାଇ ଆଡ଼କୁ ବଦଳାଇବା ଦିଗରେ ବଡ଼ ପ୍ରୟାସ କରୁଛି। ଏଥିପାଇଁ ରେଳବାଇ 40 ହଜାର କିମିରୁ ଅଧିକ ରେଳ ମାର୍ଗର ବିଦ୍ୟୁତିକରଣ କାମ ସମ୍ପୂର୍ଣ୍ଣ କରି ନେଇଛି। ରେଳ ମନ୍ତ୍ରଣାଳୟ ଠାରୁ ମିଳିଥିବା ସୂଚନା ଅନୁଯାୟୀ, 2020ରେ ମୋଟ 18,605 କିମି ମାର୍ଗର ବିଦ୍ୟୁତିକରଣ କାମ ସମ୍ପୂର୍ଣ୍ଣ ହୋଇଛି। ଏହା ତୁଳନାରେ 2009ରୁ 2014 ମଧ୍ୟରେ ମାତ୍ର 3835 କିମି ମାର୍ଗ ବିଦ୍ୟୁତିକରଣ



ହୋଇଥିଲା । ରେଳବାଇ 2023 ସୁଦ୍ଧା ସମସ୍ତ ବ୍ୟସ୍ତବହୁଳ ରେଳ ଲାଇନର ବିଦ୍ୟୁତିକରଣ କରିବା ଲାଗି ଲକ୍ଷ୍ୟ ନିର୍ଦ୍ଧାରଣ କରିଛି। କେବଳ ସେତିକି ନୁହେଁ ସୌର ଶକ୍ତିକୁ ପ୍ରୋତ୍ସାହନ ଦେବା ଲାଗି ଏବେ 900 ଷ୍ଟେସନ ସମେତ ରେଳବାଇ ସହ ଜଡ଼ିତ ଅଟ୍ଟାଳିକାଗୁଡ଼ିକରେ 100 ମେଗାୱାଟ କ୍ଷମତା ବିଶିଷ୍ଟ ସୌର ପ୍ଲାଣ୍ଟ ସ୍ଥାପନ କରାଯାଇଛି । ରେଳ ମନ୍ତ୍ରୀ ପୀୟୂଷ ଗୋୟଲ କହିଛନ୍ତି, 2030 ସୁଦ୍ଧା ଭାରତୀୟ ରେଳବାଇ ସମ୍ପୂର୍ଣ୍ଣ ଗ୍ରୀନ ରେଲୱେରେ ପରିବର୍ତ୍ତିତ ହେବା ଦିଗରେ କାମ କରୁଛି ।

## ଦୁଇ ମାସରେ 2.6 ଲକ୍ଷରୁ ଅଧିକ ଉଠାଦୋକାନୀଙ୍କୁ ଲାଭ



ଉଠାଦୋକାନୀ ବା ଷ୍ଟ୍ରିଟ ଭେଣ୍ଡର୍ସଙ୍କ ପାଇଁ ଆରମ୍ଭ କରାଯାଇଥିବା ପିଏମ ସ୍ୱନିଧି ଯୋଜନାରେ ଏବେ ଆପ ଜରିଆରେ ଋଣ ପାଇଁ ଆବେଦନ କରାଯାଇପାରିବ । ଆପ ଜରିଆରେ ଯେକୌଣସି ଇ-କେୱାଇସି, ଆପ୍ଲିକେସନ ପ୍ରୋସେସ ଏବଂ ନିଜ ଆବେଦନର ମନିଟରିଂ କରାଯାଇପାରିବ । ଉଠାଦୋକାନୀଙ୍କ ସହାୟତା ଲାଗି 1 ଜୁନଠାରୁ ଏହି ଯୋଜନାର ଶୁଭାରମ୍ଭ କରାଯାଇଥିଲା । 5ହଜାର କୋଟି ଟଙ୍କାର ଏହି ଯୋଜନା ଅନ୍ତର୍ଗତ ଉଠାଦୋକାନୀମାନଙ୍କୁ 10 ହଜାର ଟଙ୍କା ପର୍ଯ୍ୟନ୍ତ ଋଣ ଦିଆଯିବ। ଜୁଲାଇ ସୁଦ୍ଧା 2.6 ଲକ୍ଷରୁ ଅଧିକ ଉଠାଦୋକାନୀ ଋଣ ପାଇଁ ଆବେଦନ କରିଛନ୍ତି, ଏମାନଙ୍କ ମଧ୍ୟରୁ 64,000 ଅଧିକ ଆବେଦନକୁ ମଞ୍ଜୁରି ମିଳିସାରିଛି ।


## ଝିଅମାନଙ୍କୁ ସମାନ ଅଧିକାର : ସ୍ଥଳ ସେନାରେ ସ୍ଥାୟୀ କମିଶନ ଦେବାକୁ ନିର୍ଦ୍ଦେଶ



ଭାରତୀୟ ସେନାରେ ଏବେ ଝିଅମାନଙ୍କ ମଧ୍ୟ ସମାନ ଅଧିକାର ମିଳିବ । ପ୍ରତିରକ୍ଷା ମନ୍ତ୍ରଣାଳୟ ଏଥିପାଇଁ ଜରୁରି ଆଦେଶ ଜାରି କରିସାରିଛି । ମହିଳାମାନଙ୍କୁ ସେନାର ସମସ୍ତ 10ଟି ଷ୍ଟ୍ରିମ-ଆର୍ମି ଏୟାର ଡିଫେନ୍ସ ସିଗ୍ନାଲ, ଇଞ୍ଜିନିୟର, ଏଭିଏସନ, ଇଲେକ୍ଟ୍ରୋନିକ୍ସ ଆଣ୍ଡ ମେକାନିକାଲ ଇଞ୍ଜିନିୟର, ଆର୍ମି ସର୍ଭିସ କର୍ପ, ଇଣ୍ଟେଲିଜେନ୍ସ ଜଜ, ଆଡଭୋକେଟ ଜେନେରାଲ ଏବଂ ଏଜୁକେସନାଲ କର୍ପରେ ସ୍ଥାୟୀ କମିଶନ ମିଳିପାରିବ । ବାୟୁସେନା ଏବଂ ନୌସେନାରେ ମହିଳା ଅଫିସରମାନଙ୍କୁ ପୂର୍ବରୁ ସ୍ଥାୟୀ କମିଶନ ସୁବିଧା ମିଳିପାରୁଛି । ନୂଆ ଆଦେଶ ପରେ ସ୍ଥଳସେନାରେ ମଧ୍ୟ ସର୍ଟ ସର୍ଭିସ କମିଶନ ପାଉଥିବା ମହିଳାମାନେ ସ୍ଥାୟୀ କମିଶନ ସୁବିଧା ପାଇପାରିବେ ।

## ଦୈନିକ 1 ଲକ୍ଷ ଘରେ ଲାଗୁଛି ନଳ ଜଳ ସଂଯୋଗ

କେନ୍ଦ୍ର ସରକାର ଦେଶର ପ୍ରତ୍ୟେକ ଘର ପର୍ଯ୍ୟନ୍ତ ପାନୀୟ ଜଳ ସଂଯୋଗ ପହଞ୍ଚାଇବାର ଯୋଜନା ଉପରେ କାମ କରୁଛନ୍ତି। ଏହି ସଂକଳ୍ପକୁ ପୂରଣ କରିବା ଲାଗି କେନ୍ଦ୍ର ଜଳ ଶକ୍ତି ମନ୍ତ୍ରଣାଳୟ ପକ୍ଷରୁ 'ଜଳ ଜୀବନ ମିଶନ' ଅନ୍ତର୍ଗତ 45 ଦିନରେ ଦେଶର 45 ଲକ୍ଷ ଘର ପର୍ଯ୍ୟନ୍ତ ପାଇପ ଜଳ ସଂଯୋଗ ଯୋଗାଇ ଦିଆଯାଇସାରିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗତବର୍ଷ ସ୍ୱାଧୀନତା ଦିବସ ଅବସରରେ ଏହି ଯୋଜନାର ଘୋଷଣା କରିଥିଲେ । ଏହାର ଅନ୍ତର୍ଗତ 2024 ସୁଦ୍ଧା



ଦେଶର ପ୍ରତ୍ୟେକ ଘରକୁ ନଳ ସଂଯୋଗ ସହିତ ଯୋଡ଼ାଯିବ । ଏହି ଯୋଜନା ଅନ୍ତର୍ଗତ ଏବେସୁଦ୍ଧା 84.83 ଲକ୍ଷ ଗ୍ରାମୀଣ ଆବାସକୁ ନଳ ସଂଯୋଗ ଯୋଗାଇ ଦିଆଯାଇସାରିଛି । ପ୍ରତିବର୍ଷ 3.2 କୋଟି ଘରକୁ ସଂଯୋଗ ଦିଆଯାଉଛି, ଅର୍ଥାତ ପ୍ରତିଦିନ 88 ହଜାର ଘରେ ସଂଯୋଗ ଦେବାକୁ ଲକ୍ଷ୍ୟ ରଖାଯାଇଛି ।

### ମଣିପୁରରେ ଜଳ ଯୋଗାଣ ପ୍ରକଳ୍ପର ଆରମ୍ଭ

କେନ୍ଦ୍ର ଜଳ ଶକ୍ତି ମନ୍ତ୍ରଣାଳୟର ଜଳ ଜୀବନ ମିଶନ ଅନ୍ତର୍ଗତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଣିପୁରରେ ଜଳ ଯୋଗାଣ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି । 3057.58 କୋଟି ଟଙ୍କାର ଏହି ପ୍ରକଳ୍ପ ଅନ୍ତର୍ଗତ 2 ଲକ୍ଷ 80 ହଜାର ଘରକୁ ନଳ ସଂଯୋଗ ଯୋଗାଇ ଦିଆଯିବ । ଭିଡିଓ କନଫରେନ୍ସିଂ ଜରିଆରେ ଏହି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉତ୍ତର ପୂର୍ବାଞ୍ଚଳ ଲାଗି ତିନୋଟି 'ପି' ବିଷୟରେ ଉଲ୍ଲେଖ କରିଥିଲେ। ସେ କହିଥିଲେ, "ନର୍ଥ ଇଷ୍ଟରେ ଶାନ୍ତିର ପ୍ରତିଷ୍ଠା ହେଉଛି। ପିସ(ଶାନ୍ତି), ପ୍ରୋଗ୍ରେସ (ପ୍ରଗତି) ଏବଂ ପ୍ରସ୍ପରିଟି (ସମୃଦ୍ଧି)ର ମନ୍ତ୍ର ଗୁଞ୍ଜରି ହେଉଛି ।"



# ଦେଶ ସହିତ ତାଳ ଦେଇ ଚାଲିଛି କଶ୍ମୀର

**ବହୁ ଦଶନ୍ଧି ଧରି ଚାଲିଆସିଥିବା ଦୂରତାକୁ ସମାପ୍ତ କରି ନରେନ୍ଦ୍ର ମୋଦୀ ସରକାର ଜମ୍ମୁକଶ୍ମୀର ଓ ଲଦାଖରୁ ଧାରା 370 ଉଚ୍ଛେଦ କରି 70 ବର୍ଷର ବନ୍ଧନକୁ ସମାପ୍ତ କରି ଦେଇଛନ୍ତି । ଏବେ ଏହି କ୍ଷେତ୍ର ମୁଖ୍ୟଧାରା ସହିତ ଯୋଡ଼ି ହୋଇ ଦେଶର ଅନ୍ୟ ରାଜ୍ୟ ସହିତ ସମାନ ହୋଇପାରିଛି । ଖାଲି ସେତିକି ନୁହେଁ ମାତ୍ର ଗୋଟିଏ ବର୍ଷ ମଧ୍ୟରେ ଏହି କ୍ଷେତ୍ର ବିକାଶର ନୂଆ ଯାତ୍ରାରେ ଆଗେଇ ଚାଲିଛି, ଏଠାରେ କେନ୍ଦ୍ରର 170ରୁ ଅଧିକ ଆଇନ ଲାଗୁ ହୋଇଛି ।**

ଆଜି ଐତିହାସିକ ଭୁଲ ସୁଧାରିବାର ଦିନ, ସଂସଦରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ 70 ବର୍ଷର ବନ୍ଧନକୁ ସମାପ୍ତ କରି ଧାରା 370 ଉଚ୍ଛେଦ କରିବା ସହିତ ଜମ୍ମୁକଶ୍ମୀର ଓ ଲଦାଖକୁ ବିଭାଜିତ କରିବା ଲାଗି ବିଲ ପାସ କରାଇବା ସମୟରେ ଏ କଥା କହିଥିଲେ, ସେତେବେଳେ ଏହାକୁ ନେଇ ଅନେକ ପ୍ରଶ୍ନ ଉଠିଥିଲା । କିନ୍ତୁ ମାତ୍ର ଗୋଟିଏ ବର୍ଷ ପରେ ଜମ୍ମୁକଶ୍ମୀର ଓ ଲଦାଖ କ୍ଷେତ୍ର ବିକାଶର ନୂତନ ଉଚ୍ଚତା ଦିଗରେ ଦ୍ରୁତଗତିରେ ଆଗକୁ ବଢ଼ିବାରେ ଲାଗିଛି । ଏହି ବିକାଶର ଜଣେ ପ୍ରହରୀ ହେଉଛନ୍ତି ଲଦାଖର ମହିଳା କୃଷକ ହଜିୟା ଫାତିମା ବାନୋ, ସେ ଅଭିନବ ପ୍ରଣାଳୀରେ ଚାଷ ପାଇଁ ସର୍ବଶ୍ରେଷ୍ଠ କୃଷକ ସମେତ ଅନେକ ପୁରସ୍କାର ପାଇସାରିଛନ୍ତି। ସେ ବ୍ୟାପକ ମାତ୍ରାରେ ପନିପରିବା ଉତ୍ପାଦନ କରି ନିଜ ଅଞ୍ଚଳରେ ପ୍ରେରଣାର ସ୍ରୋତ ପାଲଟିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଉକ୍ତିରେ, "ମୁଁ



"ଅନୁଚ୍ଛେଦ 370 ଏବଂ 35-ଏ ଜମ୍ମୁ-କଶ୍ମୀରକୁ ବିଚ୍ଛିନ୍ନତାବାଦ-ଆତଙ୍କବାଦ-ପରିବାରବାଦ ଓ ବ୍ୟବସ୍ଥାରେ ବ୍ୟାପକ ମାତ୍ରାରେ ବ୍ୟାପି ରହିଥିବା ଦୁର୍ନୀତି ବ୍ୟତୀତ ଆଉ କିଛି ଦେଇନଥିଲା । ଜମ୍ମୁ-କଶ୍ମୀର ଏବଂ ଲଦାଖର ଆଶାନୁରୂପ ବିକାଶ ହୋଇପାରିନଥିଲା । ଏହି କ୍ଷେତ୍ରକୁ ଉପଯୁକ୍ତ ଅଧିକାର ମିଳିପାରିନଥିଲା । ଏବେ ବ୍ୟବସ୍ଥାର ଅଭାବକୁ ଦୂର କରାଯାଇ ଥିବାରୁ ଜମ୍ମୁ-କଶ୍ମୀର ଓ ଲଦାଖର ଲୋକମାନଙ୍କ ବର୍ତ୍ତମାନ ସୁଧୁରିବା ସହିତ ଭବିଷ୍ୟତ ମଧ୍ୟ ସୁରକ୍ଷିତ ହୋଇପାରିବ ।



**-ନରେନ୍ଦ୍ର ମୋଦୀ,**
**ପ୍ରଧାନମନ୍ତ୍ରୀ**

ଜମ୍ମୁ କଶ୍ମୀରର ଭଉଣୀ ଓ ଭାଇମାନଙ୍କର ସାହସ ଓ ସଂକଳ୍ପକୁ ପ୍ରଣାମ କରୁଛି । ବର୍ଷ ବର୍ଷ ଧରି କିଛି ସ୍ୱାର୍ଥପର ତତ୍ତ୍ୱ 'ଇମୋସନାଲ ବ୍ଲାକମେଲିଂ' କରିଆସୁଥିଲେ। ଲୋକମାନଙ୍କୁ ବାଟବଣା କରିଥିଲେ ଓ ବିକାଶ ପ୍ରତି ଅଣ ଦେଖା କରିଆସିଥିଲେ। ଜମ୍ମୁ କଶ୍ମୀର ଓ ଲଦାଖ ଏବେ ଏପରି ଲୋକମାନଙ୍କ କବଳରୁ ମୁକ୍ତ ହୋଇପାରିଛି। ଏକ ନୂଆ ସକାଳ, ଏକ ଉନ୍ନତ ଭବିଷ୍ୟତ ଦିଗରେ ଅଗ୍ରସର ହେଉଛି ।"

ଜମ୍ମୁ କଶ୍ମୀର କୁ ଅନୁଚ୍ଛେଦ 370 ଏବଂ 35-ଏ ମାଧ୍ୟମରେ ଦିଆଯାଇଥିବା ସ୍ୱତନ୍ତ୍ର ମାନ୍ୟତାକୁ ଉଚ୍ଛେଦ କରିବା ଲାଗି 5 ଅଗଷ୍ଟ 2019ରେ ସଂସଦର ମଞ୍ଜୁରି ମିଳିଥିଲା । ସେତେବେଳେ ଗୃହ ମନ୍ତ୍ରୀ ଅମିତ ଶାହ ଏହାକୁ 'ଐତିହାସିକ ଭୁଲର ସୁଧାର ପାଇଁ ଏକ ଐତିହାସିକ ପଦକ୍ଷେପ' ବୋଲି ଅଭିହିତ କରିଥିଲେ । ସେ କହିଥିଲେ, "ଐତିହାସିକ ଢଙ୍ଗରେ କେନ୍ଦ୍ରୀୟ ପାଣ୍ଠିର ସର୍ବାଧିକ ଅଂଶ ଜମ୍ମୁ କଶ୍ମୀରକୁ ଦିଆଯାଇଛି, ତା' ସତ୍ତ୍ୱେ ବି ଏହା ମୌଳିକ ଭିତ୍ତିଭୂମି, ଶିକ୍ଷା, ସ୍ୱାସ୍ଥ୍ୟ ସେବା, ନିଯୁକ୍ତି ସୁଯୋଗ ଆଦି ଭଳି ବିକାଶ କାର୍ଯ୍ୟରେ କାହିଁକି ପରିଲକ୍ଷିତ ହୋଇନାହିଁ? ଏହି ରାଜ୍ୟ ଦେଶର ଅନ୍ୟ ରାଜ୍ୟ ଭଳି ବିକଶିତ ହୋଇପାରିନାହିଁ କାହିଁକି? ରାଜନୈତିକ ଲାଭ ପାଇଁ ଯୁବବର୍ଗଙ୍କ ଉପଯୋଗ କରାଯାଉଛି ଏବଂ ରାଜ୍ୟର ଯୁବକମାନଙ୍କୁ ଉପେକ୍ଷା କରି ହାତଗଣତି ଆଭିଜାତ୍ୟ ବର୍ଗ ଏହି ପାଣ୍ଠିରୁ ବ୍ୟକ୍ତିଗତ ଲାଭ ପାଉଛନ୍ତି। ଲିଙ୍ଗ, ବର୍ଗ, ଜାତି ଓ ମୂଳସ୍ଥାନ ଆଧାରରେ ଅନୁଚ୍ଛେଦ 370ର ବ୍ୟବସ୍ଥା ଭେଦଭାବପୂର୍ଣ୍ଣ । ଅନୁଚ୍ଛେଦ 370 ଫଳରେ ଜମ୍ମୁ କଶ୍ମୀର, ଲଦାଖ ଓ ବିଶେଷ କରି ଘାଟୀ ପ୍ରତି ହୋଇଥିବା କ୍ଷତି ପ୍ରତି କେହି ଦୃଷ୍ଟି ଦେଇନାହାନ୍ତି । ଏହି କାରଣରୁ ପ୍ରତି ଘରେ ଦାରିଦ୍ର୍ୟ ଦେଖିବାକୁ ମିଳୁଛି । କେନ୍ଦ୍ର ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଇଥିବା କୋଟି କୋଟି ଟଙ୍କା ଭ୍ରଷ୍ଟାଚାର ଜରିଆରେ ହଡ଼ପ କରାଯାଇଛି । ଏହି କାରଣରୁ ଜମ୍ମୁ କଶ୍ମୀରରେ ଶିକ୍ଷା ବ୍ୟବସ୍ଥା ମଜବୁତ ହୋଇପାରିନାହିଁ, ଏହି ଅନୁଚ୍ଛେଦ ମହିଳା ବିରୋଧୀ, ଗରିବ ବିରୋଧୀ, ଆଦିବାସୀ ବିରୋଧୀ ଅଟେ। ଏହାରି କାରଣରୁ ହିଁ ଜମ୍ମୁ କଶ୍ମୀରରେ ଗଣତନ୍ତ୍ର ବିକଶିତ ହୋଇପାରି ନାହିଁ, ଦୁର୍ନୀତି ବଢ଼ିଛି ଏବଂ ଚରମ ସୀମାରେ ପହଞ୍ଚିଯାଇଛି ।"

ସଂସଦରେ ବିରୋଧୀ ଦଳଗୁଡ଼ିର ବ୍ୟାପକ ହୋହଲ୍ଲା ସତ୍ତ୍ୱେ ଏହି ବିଲ ପାସ ହେବା ସମୟରେ ରାଜ୍ୟ ସଭାରେ ଏହା ସପକ୍ଷରେ 125 ଏବଂ ବିରୋଧରେ 61 ଭୋଟ ମିଳିଥିଲା । ସେହିପରି ଲୋକସଭାରେ 70 ସଦସ୍ୟ ଏହାର ବିରୋଧ କରିଥିବା ବେଳେ 370 ସଦସ୍ୟ ସରକାରଙ୍କୁ ସମର୍ଥନ ଜଣାଇଥିଲେ। ଗୃହମନ୍ତ୍ରୀ ଅମିତ ଶାହ ସଂସଦରେ କହିଥିଲେ, କଶ୍ମୀର ଭାରତର ଅଭିନ୍ନ ଅଙ୍ଗ ହେବା ଉଚିତ ବୋଲି 70 ବର୍ଷ ଧରି ଭାରତର ଲୋକମାନଙ୍କର ଇଚ୍ଛା ରହିଆସିଥିଲା । ଏହି ସ୍ୱପ୍ନକୁ ସାକାର କରିବା ଲାଗି



## ସିଧାସଳଖ ହିତାଧିକାରୀଙ୍କ ନିକଟରେ ପହଞ୍ଚୁଛି ଯୋଜନା

370କୁ ଉଛେଦ କରିବା ହିଁ ଏକମାତ୍ର ରାସ୍ତା ଥିଲା । ଅନୁଚ୍ଛେଦ 370 ଲାଗୁ ପରେ ବିଗତ 70 ବର୍ଷ ମଧ୍ୟରେ 41 ହଜାର 500ରୁ ଅଧିକ ଶିଖ, ବୌଦ୍ଧ ଏବଂ ଅନ୍ୟ ଧର୍ମର ଲୋକମାନଙ୍କୁ କଶ୍ମୀରରେ ଜୀବନ ହରାଇବାକୁ ପଡ଼ିଛି । ଗୃହମନ୍ତ୍ରୀ ପ୍ରଶ୍ନ ଉଠାଇ କହିଥିଲେ- ଜମ୍ମୁ-କଶ୍ମୀର ଓ ଲଦାଖର ଯୁବକମାନଙ୍କ ବିକାଶ ଜରୁରି ନୁହେଁ କି? କେତେ ଦିନ ପର୍ଯ୍ୟନ୍ତ ଭୋଟ ବ୍ୟାଙ୍କ ପଲିଟିକ୍ସ ପାଇଁ ଏମାନଙ୍କ ମଧ୍ୟରେ ବିଭାଜନ ସୃଷ୍ଟି କରାଯିବ?

ନରେନ୍ଦ୍ର ମୋଦୀ ସରକାରଙ୍କ ଏହି ଦୀର୍ଘକାଳିନ ଚିନ୍ତାଧାରା କାରଣରୁ ଆଜି କଶ୍ମୀର ମଧ୍ୟ ଦେଶ ସହିତ ବିକାଶର ମାର୍ଗରେ ତାଳ ଦେଇ ଚାଲିଛି । ଚାଇଲ୍ଡ ମ୍ୟାରେଜ ଆକ୍ଟ, ଶିକ୍ଷା ଅଧିକାର, ଏବଂ ଭୂମି ସୁଧାର ଭଳି ଆଇନ ଏବେ ଏଠାରେ ମଧ୍ୟ ଲାଗୁ ହୋଇଛି । ବାଲ୍ମିକୀ, ଦଳିତ ଏବଂ ଗୋରଖା ଯେଉଁମାନେ ବହୁ ଦଶନ୍ଧି ଧରି ରାଜ୍ୟରେ ରହିଆସୁଥିଲେ ସେମାନଙ୍କୁ ମଧ୍ୟ ଅନ୍ୟ ବାସିନ୍ଦାଙ୍କ ଭଳି ସମାନ ଅଧିକାର ମିଳୁଛି । 2020-21 ଲାଗି 15ତମ ଅର୍ଥ ଆୟୋଗଙ୍କ ସୁପାରିସ ଅନୁଯାୟୀ, ଜମ୍ମୁ ଓ କଶ୍ମୀର କେନ୍ଦ୍ର ଶାସିତ ପ୍ରଦେଶକୁ କ୍ରମଶଃ 30,757 କୋଟି ଟଙ୍କା ଏବଂ 5,959 କୋଟି ଟଙ୍କାର ଅନୁଦାନ ଦିଆଯାଇଛି । ଫ୍ଲାଗସିପ ଯୋଜନା ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ଅନ୍ତର୍ଗତ ଜମ୍ମୁ-କଶ୍ମୀରରେ 5300 କିମି ସଡ଼କ ନିର୍ମାଣ କରାଯିବ। ଗ୍ଲୋବାଲ ଇନଭେଷ୍ଟମେଣ୍ଟ ସମିଟ ଜରିଆରେ 13,600 କୋଟି ଟଙ୍କାର ଏମଓୟୁ ସ୍ୱାକ୍ଷରିତ ହୋଇଛି । 7 ନଭେମ୍ବର, 2015ରେ ପ୍ରଧାନମନ୍ତ୍ରୀ ସାମାଜିକ-ଆର୍ଥିକ ଭିତ୍ତିଭୂମିକୁ ମଜବୁତ କରିବା ଏବଂ ଜମ୍ମୁ-କଶ୍ମୀରର ବିକାଶ ନିମନ୍ତେ 80,068 କୋଟି ଟଙ୍କାର ପୁନର୍ନିର୍ମାଣ ଯୋଜନାର ଘୋଷଣା କରିଥିଲେ । ପୁନର୍ଗଠନ ପରେ ଜମ୍ମୁ ଓ କଶ୍ମୀରକୁ 58ଟି ଯୋଜନା ପାଇଁ 58627 କୋଟି ଟଙ୍କା ଏବଂ ଲଦାଖକୁ 9ଟି ପ୍ରକଳ୍ପ ପାଇଁ 21441 କୋଟି ଟଙ୍କା ଯୋଗାଇ ଦିଆଯାଇଛି । ଏହା ବ୍ୟତୀତ ଏଠାରେ ହେଉଥିବା ବିକାଶ କାର୍ଯ୍ୟ ଉପରେ ଏକ ଦୃଷ୍ଟିପାତ :

- ସେଓ ପାଇଁ ମାର୍କେଟ ଇଣ୍ଟରଭେନସନ ଯୋଜନା ଲାଗୁ କରାଯାଇଛି । ଡିବିଟି ମାଧ୍ୟମରେ ପଇଠ ଏବଂ କେନ୍ଦ୍ରୀୟ କ୍ରୟ ଏଜେନ୍ସି ଦ୍ୱାରା ପରିବହନ ଫଳରେ ଏହାର ମୂଲ୍ୟ ସ୍ଥିର ହୋଇଛି ।
- ସୌଭାଗ୍ୟ ଯୋଜନାରେ 100% ଉପଲବ୍ଧି । 357405 ଲୋକଙ୍କୁ ଲାଭ ମିଳିଛି ।
- ଉଜ୍ଜ୍ୱଳା ଯୋଜନାରେ 12,60,685 ଏବଂ ଉଜାଲା ଯୋଜନାରେ 15,90,873 ଲୋକଙ୍କୁ ମିଳିଛି ଲାଭ ।
- ସମନ୍ୱିତ ସାମାଜିକ ସୁରକ୍ଷା (ରାଜ୍ୟ ଯୋଜନା) ଅନ୍ତର୍ଗତ 5,92,333 ହିତାଧିକାରୀ
- ମିଶନ ଇନ୍ଦ୍ରଧନୁଷ ଅନ୍ତର୍ଗତ ଜମ୍ମୁ 1353 ଶିଶୁ ଏବଂ 381 ଗର୍ଭବତୀ ମହିଳାମାନଙ୍କର ଟିକାକରଣ
- ସ୍ୱଚ୍ଛତା ମିଶନ ଅନ୍ତର୍ଗତ ଜମ୍ମୁ-କଶ୍ମୀରକୁ ମାର୍ଚ୍ଚରେ 100% ଓଡିଏଫ ଘୋଷଣା ।
- ଆୟୁଷ୍ମାନ ଭାରତରେ 11.41 ଲକ୍ଷ କାର୍ଡ ପ୍ରସ୍ତୁତ । 3,48,370 ପରିବାର ଲାଭାନ୍ୱିତ ।
- ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ)ରେ 77252 ଘର ମଞ୍ଜୁରି (ଜୁନ 2022)

### ନିଯୁକ୍ତି ଓ ଦକ୍ଷତା

- ବର୍ତ୍ତମାନ ସୁଦ୍ଧା ସବୁଠୁ ବଡ଼ ନିଯୁକ୍ତି ଅଭିଯାନରେ 10,000 ପଦବୀ ସୃଷ୍ଟି । 25,000 ଚାକିରି ପାଇପଲାଇନରେ ରହିଛି ।
- ହିମାୟତ ଯୋଜନା ଲାଗୁ କରିବା ସମ୍ପର୍କରେ ପ୍ରଧାନମନ୍ତ୍ରୀ ମୋଦୀ ମନ କୀ ବାତ କାର୍ଯ୍ୟକ୍ରମରେ ଉଲ୍ଲେଖ ମଧ୍ୟ କରିଛନ୍ତି । ଏଥିରେ 74324 ପ୍ରାର୍ଥୀଙ୍କ ପ୍ରଶିକ୍ଷଣକୁ ମଞ୍ଜୁରି।
- ଅନେକ ବର୍ଷ ପରେ ପଞ୍ଚାୟତ ନିର୍ବାଚନ ଅନୁଷ୍ଠିତ ଏବଂ ଏଥିରେ 74.1% ମତଦାନ ସମ୍ପନ୍ନ। ପ୍ରଥମ ଥର ଆୟୋଜିତ ବ୍ଲକ ଡେଭଲପମେଣ୍ଟ କାଉନସିଲ ନିର୍ବାଚନରେ 98.3% ମତଦାନ ରେକର୍ଡ ।
- ବ୍ୟାକ ଟୁ ଭିଲେଜ ଯୋଜନା ଲାଗୁ । କ୍ଷମତାପ୍ରାପ୍ତ ଅଧିକାରୀଙ୍କୁ ଆବଣ୍ଟିତ ପଞ୍ଚାୟତ ବ୍ଲକରେ 2 ଦିନ ଏବଂ ଗୋଟିଏ ରାତି ରହିବାକୁ ହେବ ।
- ନଗର ପାଳିକାର ଆର୍ଥିକ କ୍ଷମତା 20 କୋଟି ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ।

### ଅଭୂତପୂର୍ବ ବିକାଶ

- ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଘୋଷିତ ବିକାଶ କାର୍ଯ୍ୟକ୍ରମ ତ୍ୱରାନ୍ୱିତ ହୋଇଛି; ଜୁନ 2018ରେ ଖର୍ଚ୍ଚ 26%ରୁ ବଢ଼ି 2020ରେ 54% ହୋଇଯାଇଛି ।
- 5 ବର୍ଷ ଧରି ବନ୍ଦ ପଡ଼ି ରହିଥିବା ଶ୍ରୀନଗର ରାମବାଗ ଫ୍ଲାଇଓଭର ଖୋଲିଲା
- ଆଇଆଇଟି ଜମ୍ମୁକୁ ନିଜସ୍ୱ କ୍ୟାମ୍ପସ ମିଳିଲା। ଏମ୍ସ ଜମ୍ମୁର କାମ ମଧ୍ୟ ଆରମ୍ଭ ।
- ଆଇଆଇଟି ଜମ୍ମୁକୁ ନିଜସ୍ୱ କ୍ୟାମ୍ପସ ମିଳିଲା। ଏମ୍ସ ଜମ୍ମୁର କାମ ମଧ୍ୟ ଆରମ୍ଭ ।
- ଜମ୍ମୁର ସେମି ରିଙ୍ଗ ରୋଡ ଏବଂ 8.45 କିମି ନୂଆ ବନିହାଲ ସୁଡ଼ଙ୍ଗ ଆସନ୍ତା ବର୍ଷ ଖୋଲିବ।
- ପିଏମଡିପି ଅନ୍ତର୍ଗତ ଚେନାବ ନଦୀରେ ବିଶ୍ୱର ସବୁଠୁ ଉଚ୍ଚ 467 ମିଟର ସେତୁ ଆସନ୍ତା ବର୍ଷ ସୁଦ୍ଧା ସମ୍ପୂର୍ଣ୍ଣ ହେବାକୁ ଯାଉଛି
- ଜମ୍ମୁ ଓ କଶ୍ମୀର ଭିତ୍ତିଭୂମି ବିକାଶ ଅର୍ଥ ନିଗମର ପ୍ରତିଷ୍ଠା । ଦଶନ୍ଧି ପୁରୁଣା 2273 ପ୍ରକଳ୍ପ (5979 କୋଟି ଟଙ୍କା) ମଞ୍ଜୁର, 506 ପ୍ରକଳ୍ପ ସମ୍ପୂର୍ଣ୍ଣ ମାର୍ଚ୍ଚ 2021 ସୁଦ୍ଧା 963ପ୍ରକଳ୍ପ (2256କୋଟି ଟଙ୍କାର) ସମ୍ପୂର୍ଣ୍ଣ ହେବ ।
- ବିଦ୍ୟୁତ ପ୍ରକଳ୍ପ ସଂଖ୍ୟା ବୃଦ୍ଧି । 1000 ମେଗାୱାଟର ପାକାଲଦୁଲ ଏବଂ 624 ମେଗାୱାଟର କିରୁ ପ୍ରକଳ୍ପର କଣ୍ଟ୍ରାକ୍ଟ ପ୍ରଦାନ ।
- 213 ପାୱାର ଟ୍ରାନ୍ସମିଶନ ଏବଂ ଡିଷ୍ଟ୍ରିବ୍ୟୁସନ ଯୋଜନାର କାର୍ଯ୍ୟାନ୍ୱୟନ ।
- ଝେଲମ ବନ୍ୟା ପ୍ରଶମନ ପ୍ରକଳ୍ପ ଜରିଆରେ ଝେଲମର କ୍ଷମତାରେ 10 ହଜାର କ୍ୟୁସେକ ବୃଦ୍ଧି
- ଜମ୍ମୁ ଓ ଶ୍ରୀନଗର ପାଇଁ ମେଟ୍ରୋ ଡିପିଆର 10,599 କୋଟି ଟଙ୍କାରେ ପ୍ରସ୍ତୁତ ।

### ସାମାଜିକ କ୍ଷେତ୍ର

- ଜମ୍ମୁ-କଶ୍ମୀରରେ ପ୍ରଥମ ଥର 8 ଲକ୍ଷ ସ୍ୱାସ୍ଥ୍ୟ କାର୍ଡ ଜାରି ।
- 50ଟି ନୂଆ ଡିଗ୍ରୀ କଲେଜ ଆରମ୍ଭ, 25ହଜାର ନୂଆ କଲେଜ ସିଟ ବୃଦ୍ଧି । 7ଟି ନୂଆ ମେଡ଼ିକାଲ କଲେଜ କାର୍ଯ୍ୟକ୍ଷମ/ଅନୁମତି । 5ଟି ନୂଆ ନର୍ସିଂ କଲେଜକୁ ମଞ୍ଜୁରି
- କଶ୍ମୀରୀ କେସରକୁ ଜିଆଇ ଟ୍ୟାଗ ମାନ୍ୟତା ।
- ଗୁଲମର୍ଗରେ ପ୍ରଥମ ଥର ପାଇଁ ଭାରତୀୟ ଶୀତକାଳିନ କ୍ରୀଡ଼ା ଆୟୋଜିତ ।



# ବଦଳୁଥିବା ଭାରତର କାହାଣୀ

**ସୁଯୋଗ ଓ ପରିବେଶ ମିଳିପାରିଲେ 130 କୋଟି ଭାରତୀୟ ନିଜ କ୍ଷମତାର କିଭଳି ପ୍ରଦର୍ଶନ କରିଥାନ୍ତି, ତା'ର ଉଦାହରଣ ଏବେ ଗାଁରେ ମଧ୍ୟ ଦେଖିବାକୁ ମିଳିଲାଣି**

## ଆତ୍ମନିର୍ଭରଶୀଳତାର ବନ୍ଧୁତା

ଭାରତକୁ ଆତ୍ମନିର୍ଭରଶୀଳ କରିବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରୟାସକୁ ପାଞ୍ଚ ଜଣ ବନ୍ଧୁ ଏପରି ଅଭିନବ ରୂପ ଦେଲେ ଯେ ଏହାଦ୍ୱାରା କେବଳ ସେମାନେ ଆତ୍ମନିର୍ଭରଶୀଳ ହେଲେ ନାହିଁ, ବରଂ ଲୋକମାନଙ୍କୁ ନିଯୁକ୍ତି ଉପଲବ୍ଧ କରାଇବା ଆରମ୍ଭ କରି ଦେଲେ । ଝାଡ଼ଖଣ୍ଡ ବୋକାରୋର ପାଞ୍ଚ ଜଣ ଯୁବକ ଏକ ଗୋଷ୍ଠୀ ତିଆରି କରି ବାୟୋଫ୍ଲକ ପଦ୍ଧତିରେ ମାଛ ପାଳନ କରିବାର କାମ ଆରମ୍ଭ କଲେ । ପାଞ୍ଚ ଜଣ ଯୁବକଙ୍କ ବନ୍ଧୁତା ଯେଉଁ ମାର୍ଗ ଦେଖାଇଛି ତାହା ସ୍ଥାନୀୟ ଅଞ୍ଚଳ ପାଇଁ ପ୍ରେରଣାର ଉତ୍ସ ପାଲଟିଛି । ଆୟ ସହିତ ବନ୍ଧୁଙ୍କ ମଧ୍ୟରେ ପାରସ୍ପରିକ ସକାରାତ୍ମକ ସହଯୋଗ ଶକ୍ତିକୁ ମଧ୍ୟ ଦର୍ଶାଉଛି । ଏଥିପାଇଁ 10 ହଜାର ଲିଟର କ୍ଷମତା ବିଶିଷ୍ଟ ଏକ ଟାଙ୍କି ନିର୍ମାଣ କରାଯାଇଛି ଯେଉଁଥିରେ ମାତ୍ର 40 ହଜାର ଟଙ୍କା ଖର୍ଚ୍ଚ ହୋଇଛି । ଏହି ପଦ୍ଧତି ଲାଗି ଆବଶ୍ୟକ ସମସ୍ତ ସାମଗ୍ରୀ ପଡ଼ୋଶୀ ରାଜ୍ୟ ପଶ୍ଚିମବଙ୍ଗର କୋଲକାତାରୁ ସେମାନେ କିଣିଥିଲେ। ଏହି ଟିମର ସଦସ୍ୟ ସୋମନାଥ ଗିରି କୁହନ୍ତି ଯେ ଥରେ ହାର୍ଭେଷ୍ଟିଂରେ ପ୍ରତ୍ୟେକ ଟାଙ୍କିରୁ 300-400 କିଲୋଗ୍ରାମ ମାଛ ଉତ୍ପାଦନ କରାଯାଇପାରିବ। ଏଥିରେ ତିନିରୁ ଚାରି ମାସ ସମୟ ଲାଗିଥାଏ । ଗୋଷ୍ଠୀର ଅନ୍ୟ ଜଣେ ସଦସ୍ୟ ସୁନୀଲ କୁମାର ଏହି ଜ୍ଞାନକୌଶଳ ବିଷୟରେ କୁହନ୍ତି ଯେ ବାୟୋଫ୍ଲକ ଏକ ଜୀବାଣୁ ଯାହାର ବ୍ୟବହାର ଟାଙ୍କିରେ କରାଯାଇଥାଏ। ଟାଙ୍କିରେ ସେହି ପ୍ରାକୃତିକ ପରିବେଶ ମାଛଗୁଡ଼ିକୁ ମିଳିଥାଏ ଯାହା ସାଧାରଣତଃ ପୋଖରୀରେ ଥାଏ ।




## ଉଜ୍ଜ୍ୱଳାରେ ଜଳୁଛି ଚୁଲି

ଅରୁଣାଚଳ ପ୍ରଦେଶର ପାସୀଘାଟରେ ରହୁଥିବା ଅନିତା ମୁଖର୍ଜୀଙ୍କ ପାଇଁ ଲକଡାଉନ ଓ ଏହାପରେ ବର୍ଷା କାରଣରୁ ଜାଳେଣି କାଠ ଯୋଗାଡ଼ କରିବା ସମ୍ଭବ ହେଲା ନାହିଁ । ରୋଷେଇ ପାଇଁ ଚୁଲି କିପରି ଜାଳିବେ ତା'କୁ ନେଇ ସେ ଚିନ୍ତାରେ ଥିଲେ । କିନ୍ତୁ ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା ଅନ୍ତର୍ଗତ ମାଗଣାରେ ଗ୍ୟାସ ସିଲିଣ୍ଡର ସୁବିଧା ତାଙ୍କୁ ଆଶ୍ୱସ୍ତି ଦେଲା । ଅନିତା କୁହନ୍ତି, "ମୋଦୀ ସରକାର ଯେଉଁ ଗ୍ୟାସ ସିଲିଣ୍ଡର ବ୍ୟବସ୍ଥା କରିଛନ୍ତି ସେଥିପାଇଁ ଧନ୍ୟବାଦ । ବର୍ଷା ସମୟରେ କାଠ ମିଳୁନାହିଁ, ଏପରି ସ୍ଥିତିରେ ଏହି ଗ୍ୟାସ ସିଲିଣ୍ଡର ହିଁ ଆମ ଜୀବନକୁ ଭଲରେ ଚଳାଇଛି ।"

## 24 କିମି ସାଇକେଲ ଚଳାଇ ଯାଉଥିଲେ ସ୍କୁଲ ହାସଲ କଲେ 98.9% ମାର୍କ




କଥାରେ ଅଛି ପରିଶ୍ରମ ଓ ସମର୍ପଣ ଜରିଆରେ ମନମୁତାବକ ଲକ୍ଷ୍ୟ ହାସଲ କରାଯିବା ସମ୍ଭବପର ହୋଇଥାଏ । ଭିଣ୍ଡ ଜିଲ୍ଲାର ଅଜନୌଲ ଗ୍ରାମରେ ରହୁଥିବା ରୋଶନୀ ଭଦୌରିୟା ହେଉଛନ୍ତି ଏହାର ଉଦାହରଣ । ରୋଶନୀ ରାଜ୍ୟ ବୋର୍ଡର ଦଶମ ପରୀକ୍ଷାରେ ଅଷ୍ଟମ ସ୍ଥାନ ହାସଲ କରିଛନ୍ତି। ସେ ମୋଟ 400 ମାର୍କରୁ ୩୯୫ ମାର୍କ (୯୮.୯ ପ୍ରତିଶତ) ରଖିଛନ୍ତି । ରୋଶନୀଙ୍କର ଏହି ଉପଲବ୍ଧି ବିଶେଷ କରି ଗାଁର ଝିଅମାନଙ୍କୁ ପ୍ରେରଣ ଦେବ। କାରଣ ସେ ପ୍ରତିଦିନ ନିଜ ଗାଁଠାରୁ ମେହଗାଓଁ ପର୍ଯ୍ୟନ୍ତ 24 କିମି ଦୂର ସ୍କୁଲକୁ ଯାତ୍ରା କରୁଥିଲେ । ବଡ଼ ହୋଇ ଆଇଏଏସ ହେବାକୁ ଲକ୍ଷ୍ୟ ରଖିଥିବା ରୋଶନୀ ଏ ସଫଳତାର ଶ୍ରେୟ ନିଜ ବାପାଙ୍କୁ ଦେଇଥାନ୍ତି ।

## ଜଳ ସଞ୍ଚୟରୁ ଧନ ସଞ୍ଚୟର ବାର୍ତ୍ତା ଦେଉଥିବା ଗୁରୁକୁଳ

ବିପତ୍ତିକୁ ସୁଯୋଗରେ କିଭଳି ପରିଣତ କରାଯାଇପାରିବ, ତା'ର ପ୍ରେରଣା ସାଜିଛି ବିହାର ବେଗୁସରାୟସ୍ଥିତ ଭରଦ୍ୱାଜ ଗୁରୁକୁଳ ଶିକ୍ଷା ସଂସ୍ଥାନ । କରୋନା କାରଣରୁ ଲକଡାଉନ ଜାରି ହେଲା ଏବଂ ଏ ଗୁରୁକୁଳର ଛାତ୍ରଛାତ୍ରୀ ହଷ୍ଟେଲ ଛାଡ଼ି ଘରକୁ ଚାଲିଗଲେ। ଏପରି ସମୟରେ ସଂସ୍ଥାନର ନିର୍ଦ୍ଦେଶକ ଶିବ ପ୍ରକାଶ ଭାରଦ୍ୱାଜ 10 ହଜାର ବର୍ଗଫୁଟ ପରିବ୍ୟାପ୍ତ ସ୍କୁଲ ଛାତ ଉପରେ ହିଁ ପାଣି ଡ୍ରମରେ ମାଟି ଭରି କଲରା, ଲାଉ ଏବଂ ଅନେକ ପନପରିବା ଚାଷ କରିବା ଆରମ୍ଭ କରି ଦେଲେ । ଏହି ଗୁରୁକୁଳ ପ୍ରତି ବର୍ଷ ଦେଢ଼ କୋଟି ଲିଟର ପାଣି ସଞ୍ଚୟ କରିଥାଏ ଏବଂ ଗୋଟିଏ ବୁନ୍ଦା ପାଣି ଡ୍ରେନରେ ନିଷ୍କାସିତ ହେବାକୁ ଦେଇନଥାଏ । ଏଥିସହିତ ବର୍ଷା ପାଣିର ସଞ୍ଚୟ ହୋଇଥାଏ ଏବଂ ଏହାର ଉପଯୋଗ କପଡ଼ା ଧୋଇବା ଓ ପନିପରିବା ଚାଷରେ କରାଯାଇଥାଏ ।





# ଏବେ ଗାଁରେ ମିଳୁଛି ଖାଦ୍ୟଶସ୍ୟ ଓ ରୋଜଗାର

**ଦୁନିଆ କରୋନା ମହାମାରୀ କବଳରେ ପଡ଼ିବା ସମୟରେ କେନ୍ଦ୍ର ସରକାର ସର୍ବପ୍ରଥମେ ଗରିବଙ୍କ ବିଷୟରେ ଚିନ୍ତା କଲେ, 81 କୋଟି ଗରିବ ମାନଙ୍କୁ 8 ମାସ ମଧ୍ୟରେ 40 କିଗ୍ରା ମାଗଣା ଖାଦ୍ୟଶସ୍ୟ ଏବଂ ପ୍ରତି ପରିବାରକୁ 8 କିଗ୍ରା ଡାଲି ବା ଚଣା ଯୋଗାଇ ଦେବାର ଯୋଜନାକୁ ଘରେ ଘରେ ପହଞ୍ଚାଇଲେ। ଏବେ 50 ହଜାର କୋଟି ଟଙ୍କାର କଲ୍ୟାଣ ରୋଜଗାର ଅଭିଯାନ ଜରିଆରେ 6ଟି ରାଜ୍ୟର 116ଟି ଜିଲ୍ଲାରେ ପ୍ରବାସୀ ଶ୍ରମିକମାନଙ୍କୁ ରୋଜଗାର ଉପଲବ୍ଧ କରାଇବାର ଯୋଜନାକୁ ତୃଣମୂଳସ୍ତରରେ କାର୍ଯ୍ୟକାରୀ କଲେ। ଗରିବଙ୍କ ପାଇଁ ମୋଟ 1.5 ଲକ୍ଷ କୋଟି ଟଙ୍କା ବ୍ୟୟ କରାଯିବାକୁ ଯୋଜନା କରାଗଲା ଯାହାକି ଦୁନିଆର ସବୁଠୁ ବଡ଼ ମହତ୍ୱାକାଂକ୍ଷୀ ଯୋଜନା। ଏହା ଜରିଆରେ ପ୍ରଧାନମନ୍ତ୍ରୀ ଦେଖାଇଦେଲେ ଯେ ଦାରିଦ୍ର୍ୟ ଦୂରୀକରଣ କେବଳ ଏକ ସ୍ଲୋଗାନ ନୁହେଁ, ନିଷ୍ଠା ଅଟେ। ଯାହା ମାଧ୍ୟମରେ ଗରିବଙ୍କୁ ଗୁଣବତ୍ତାପୂର୍ଣ୍ଣ ଜୀବନ ବଞ୍ଚିବାର ଅଧିକାର ମିଳିପାରିବ।**


> "ଆପଣମାନଙ୍କୁ କହିଦେବାକୁ ଚାହେଁ ଯେ ଯେଉଁମାନେ ମୋତେ ଜାଣନ୍ତି, ସେମାନେ ମୋତେ ଭଲ ଭାବେ ବୁଝନ୍ତି ମଧ୍ୟ । ମୁଁ ମୋ ପାଇଁ ନୁହେଁ, ନା ମୋର ପରିବାର ପାଇଁ । ମୁଁ ଏଠାରେ ଗରିବଙ୍କ ପାଇଁ ଅଛି । ମୁଁ ଦାରିଦ୍ର୍ୟରେ ଜନ୍ମ ନେଇଛି ଓ ଦରିଦ୍ର ହୋଇ ବଞ୍ଚିଛି ମଧ୍ୟ । ମୁଁ ଗରିବଙ୍କ ଯନ୍ତ୍ରଣାକୁ ବୁଝିଛି ମଧ୍ୟ।"

ଅନେକ ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଏହି ଉକ୍ତି ତାଙ୍କ କାର୍ଯ୍ୟଶୈଳୀର ଅଂଶବିଶେଷ ହୋଇସାରିଛି। ଶାସନ ବା ରାଜନୀତିରେ କହିବା ଓ କରିବାରେ ସମାନତାର ଏହାର ସଠିକ ଉଦାହରଣ ଦେଖିବାକୁ ମିଳିବ ନାହିଁ। ଯେତେବେଳେ ଦେଶରେ ଲକଡାଉନ ଘୋଷଣା ହେଲା, ତା'ର ପରଦିନ ହିଁ ପ୍ରଧାନମନ୍ତ୍ରୀ ମୋଦୀ 26 ମାର୍ଚ୍ଚରେ 1.75 ଲକ୍ଷ କୋଟି ସ୍ୱତନ୍ତ୍ର ଗରିବ ପ୍ୟାକେଜର ଘୋଷଣା କଲେ । ଏହାର ଅନ୍ତର୍ଗତ 80 କୋଟି ଲୋକଙ୍କୁ ଚାଉଳ, ଡାଲି, 20 କୋଟି ମହିଳାମାନଙ୍କ ଜନଧନ ଆକାଉଣ୍ଟରେ 500

ଟଙ୍କା ଲେଖାଏଁ, ୮ କୋଟି ପରିବାରକୁ ଉଜ୍ଜ୍ୱଳା ଯୋଜନାରେ ମାଗଣା ସିଲିଣ୍ଡର, 3 କୋଟି ବୃଦ୍ଧ, ଦିବ୍ୟାଙ୍ଗ, ବିଧବାମାନଙ୍କୁ 1000 ଟଙ୍କାର ମାସିକ ପେନସନ, ଶ୍ରମିକମାନଙ୍କୁ ସେମାନଙ୍କର ଘରେ ପହଞ୍ଚାଇବାର ବ୍ୟବସ୍ଥା ଏବଂ ସମସ୍ତ ରାଜ୍ୟଗୁଡ଼ିକୁ ପ୍ରବାସୀମାନଙ୍କ ଯତ୍ନ ନିମନ୍ତେ 11 ହଜାର କୋଟି କୋଟି ଟଙ୍କାର ଅର୍ଥରାଶି ଜାରି କରାଯାଇଛି । ବର୍ତ୍ତମାନ ଦେଶ ଅନଲକ ହେବା ଏବଂ ଅର୍ଥବ୍ୟବସ୍ଥା ଟ୍ରାକକୁ ଫେରିବା ପରେ ସେ 20 ଜୁନରେ 50 ହଜାର କୋଟି ଟଙ୍କାର ଗରିବ କଲ୍ୟାଣ ରୋଜଗାର ଅଭିଯାନ ଆରମ୍ଭ କରିଦେଲେ । ଫଳରେ ପ୍ରବାସୀ ଶ୍ରମିକମାନଙ୍କୁ ଖାଦ୍ୟଶସ୍ୟ ସହିତ ଘର ପାଖରେ ମଧ ରୋଜଗାର ମିଳିପାରିବ। ଝାଡ଼ଖଣ୍ଡର ଗିରିଡିହର ରାମଶଙ୍କର ଠାକୁର ରୋଜଗାର ଅଭିଯାନ ସହିତ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନାକୁ ଜୀବନ ରକ୍ଷାକାରୀ ଭାବେ ଅଭିହିତ କରିଛନ୍ତି। ସେ କହିଛନ୍ତି ଯେ ଏପରି ସଙ୍କଟ ସମୟରେ ଦୀପାବଳି ଏବଂ ଛଟ୍ ପୂଜା ପର୍ଯ୍ୟନ୍ତ ଗରିବଙ୍କୁ ଖାଦ୍ୟଶସ୍ୟ ଯୋଗାଇ ଦେବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଏହି ଯୋଜନା ବଡ଼ ସହାୟତା ପ୍ରଦାନ କରିବ।

**୮ ଲକ୍ଷ ମାନବ ଦିବସ ସମାନ ନିଯୁକ୍ତି ଦେଉଛି ରେଳବାଇ**

ପ୍ରଧାନମନ୍ତ୍ରୀ ମୋଦୀଙ୍କ ଏହି ଗରିବ କଲ୍ୟାଣ ରୋଜଗାର ଅଭିଯାନରେ କେବଳ ରେଳବାଇ ଭିତ୍ତିଭୂମି ବିକାଶର ବିଭିନ୍ନ ପ୍ରକଳ୍ପରେ ପ୍ରବାସୀଙ୍କୁ ରୋଜଗାର ଉପଲବ୍ଧ କରାଇବା ଆରମ୍ଭ କରି ଦେଇଛି । 125 ଦିନ ପାଇଁ ମିଶନ ମୋଡରେ ଆରମ୍ଭ କରାଯାଇଥିବା ଏହି ଅଭିଯାନରେ ରେଳବାଇ ୮ ଲକ୍ଷ ମାନବ ଦିବସ ସମାନ ରୋଜଗାର ସୁଯୋଗ ଦେଉଛି । ଏଥିପୂର୍ବରୁ 23 ଜୁଲାଇ ସୁଦ୍ଧା ରେଳବାଇ 3,20,413 ମାନବ ଦିବସ ରୋଜଗାର ଦେବାକୁ ଲକ୍ଷ୍ୟ ରଖିଥିଲା ଏବଂ କେନ୍ଦ୍ର ରେଳ ମନ୍ତ୍ରୀ ପୀୟୂଷ ଗୋୟଲ କହିଛନ୍ତି, ଏହି ଅବସରରେ ପ୍ରବାସୀ ଶ୍ରମିକମାନଙ୍କୁ କାମ ପାଇଁ 737 କୋଟି ଟଙ୍କା ମଜୁରି ପ୍ରଦାନ କରାଯାଇସାରିଛି । ଏହି ରୋଜଗାର ଅଭିଯାନ ଅନ୍ତର୍ଗତ ଏପରି 25ଟି ଶ୍ରେଣୀର କାମକୁ ଚିହ୍ନଟ କରାଯାଇଛି ଯାହା ଗ୍ରାମାଞ୍ଚଳରେ ମୌଳିକ ଭିତ୍ତିଭୂମି ସୁବିଧା ସହିତ ଆଧୁନିକ ସୁବିଧା ମଧ ଉପଲବ୍ଧ କରାଇବ । ରେଳ ମନ୍ତ୍ରୀ ପୀୟୂଷ ଗୋୟଲ ଏ ସମ୍ପର୍କରେ କହିଛନ୍ତି, "ପ୍ରବାସୀ ଶ୍ରମିକମାନଙ୍କୁ ଗରିବ କଲ୍ୟାଣ ରୋଜଗାର ଯୋଜନା ଅନ୍ତର୍ଗତ ରୋଜଗାର ମିଳୁଛି । ରେଳବାଇ ପ୍ରୋଜେକ୍ଟରେ ରୋଜଗାର ମିଳିବା ପରେ ଶ୍ରମିକମାନଙ୍କର ଭଲ ଆୟ ହେବା ସହିତ ରେଳବାଇର କାର୍ଯ୍ୟ ମଧ ସୁଗମତାରେ ସମ୍ପୂର୍ଣ୍ଣ ହେଉଛି।




## କରୋନା ସମୟରେ ଗାଁମାନେ ସମ୍ଭାଳିବେ

ପ୍ରଧାନମନ୍ତ୍ରୀ କହିଥିଲେ ଯେ ଏହି ଲଢ଼େଇରେ ଦେଶର ଗ୍ରାମାଞ୍ଚଳଗୁଡ଼ିକ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛନ୍ତି। 6 ଲକ୍ଷ ଗାଁରେ ରହୁଥିବା ୮0-୮5 କୋଟି ଜନସଂଖ୍ୟା କରୋନା ସଂକ୍ରମଣକୁ ପ୍ରଭାବୀ ଢଙ୍ଗରେ ରୋକିପାରିଲେ। ସାରା ୟୁରୋପକୁ ମିଶାଇଲେ ମଧ ଏତେ ଜନସଂଖ୍ୟା ନଥିବେ।

## ଗରିବଙ୍କୁ ନେବାକୁ ପଡ଼ିବ ନାହିଁ ଋଣ

ପ୍ରଧାନମନ୍ତ୍ରୀ ମୋଦୀ ଏହି ଯୋଜନା ଆରମ୍ଭ କରି ଗରିବଙ୍କ ପ୍ରତି ନିଜର ଭାବନାକୁ ବ୍ୟକ୍ତ କରି କହିଥିଲେ, "ଗରିବର ଆତ୍ମସମ୍ମାନକୁ ଆମେ ବୁଝିଛୁ। ଆପଣ ଶ୍ରମେବ ଜୟତେ, ଶ୍ରମକୁ ପୂଜା କରୁଥିବା ଲୋକ, ଆପଣମାନଙ୍କୁ କାମ ଦରକାର, ରୋଜଗାର ଦରକାର। ଏହି ଭାବନାକୁ ସର୍ବୋପରି ରଖି ହିଁ ସରକାର ଏହି ଯୋଜନା ପ୍ରସ୍ତୁତ କରିଛନ୍ତି, ଏହି ଯୋଜନାକୁ ଅତି କମ ସମୟ ମଧରେ ଲାଗୁ କରାଯାଇଛି।" ପ୍ରଧାନମନ୍ତ୍ରୀ କହିଥିଲେ ଯେ ଦେଶର ଇତିହାସରେ ପ୍ରଥମ ଥର ପାଇଁ ଏପରି ହେଉଛି, ଯେତେବେଳେ ଗ୍ରାମାଞ୍ଚଳରେ ସହର ଅପେକ୍ଷା ଅଧିକ ଇଣ୍ଟରନେଟ ବ୍ୟବହାର କରାଯାଉଛି।

"6 ବର୍ଷ ମଧରେ ପ୍ରତ୍ୟେକ ସ୍ତରରେ, ପ୍ରତ୍ୟେକ କ୍ଷେତ୍ରରେ ଏପରି ପଦକ୍ଷେପ ଗ୍ରହଣ କରାଯାଇଛି ଯାହା ଗରିବମାନଙ୍କୁ, ସାଧାରଣ ଜନତାଙ୍କୁ ଆଗକୁ ବଢ଼ାଇବା ନିମନ୍ତେ ପ୍ରୋତ୍ସାହିତ କରିବ। 'ଇଜ ଅଫ ଲିଭିଂ', ସହଜ ଜୀବନ ଧାରଣ, ଉନ୍ନତ ଜୀବନ ଧାରଣ ଏକ ଜରୁରି ସର୍ତ୍ତ। ଟଙ୍କା କମ ଥାଇପାରେ, ବେଶୀ ଥାଇପାରେ। କିନ୍ତୁ 'ଇଜ ଅଫ ଲିଭିଂ' ଉପରେ ସମସ୍ତଙ୍କର ଅଧିକାର ରହିଛି। ସେଥିପାଇଁ ବିଗତ ୬ ବର୍ଷ ମଧରେ ଭାରତରେ 'ଇଜ ଅଫ ଲିଭିଂ'ର ମଧ ଏକ ବଡ଼ ଆନ୍ଦୋଳନ ଚାଲୁଅଛି। ଏହି 6 ବର୍ଷ ମଧରେ ପ୍ରତ୍ୟେକ ସ୍ତରରେ ସେସବୁ ପଦକ୍ଷେପ ଗ୍ରହଣ କରାଯାଇଛି, ଯାହା ଗରିବଙ୍କୁ ସାଧାରଣ ଜନତାଙ୍କୁ ଆଗକୁ ବଢ଼ିବା ନିମନ୍ତେ ଅନୁପ୍ରାଣିତ କରିବ।"

**– ନରେନ୍ଦ୍ର ମୋଦୀ**



## ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନାରେ ଲକଡାଉନ ଠାରୁ ବର୍ତ୍ତମାନ ସୁଦ୍ଧା ହୋଇଥିବା ଖର୍ଚ୍ଚ

| ଯୋଜନା | ହିତାଧିକାରୀଙ୍କ ସଂଖ୍ୟା | ଅର୍ଥରାଶି |
|---|---|---|
| ଜନଧନ ମହିଳା ଆକାଉଣ୍ଟଧାରୀଙ୍କୁ ସହାୟତା | ପ୍ରଥମ କିସ୍ତି- 20.65 କୋଟି (100%)<br>ଦ୍ୱିତୀୟ କିସ୍ତି-20.63 କୋଟି<br>ତୃତୀୟ କିସ୍ତି 20.62 କୋଟି (100%) | ପ୍ରଥମ କିସ୍ତି- 10,325 କୋଟି<br>ଦ୍ୱିତୀୟ କିସ୍ତି-10,315 କୋଟି<br>ତୃତୀୟ କିସ୍ତି-10.312 କୋଟି |
| **ଏନଏସଏପି (ବୃଦ୍ଧ, ବିଧବା ଏବଂ ଦିବ୍ୟାଙ୍ଗମାନ) ଙ୍କୁ ସହାୟତା** | 2.81 କୋଟି (100%) | 2814 କୋଟି |
| ପିଏମ କିସାନ ଅନ୍ତର୍ଗତ କୃଷକମାନଙ୍କ ବ୍ୟାଙ୍କ ଆକାଉଣ୍ଟରେ ଅର୍ଥ ପଇଠ | 8.94 କୋଟି | 4313 କୋଟି |
| କୋଠାବାଡ଼ି ଏବଂ ଅନ୍ୟାନ୍ୟ ନିର୍ମାଣ ଶ୍ରମିକମାନଙ୍କୁ ସହାୟତା | 2.3 କୋଟି | 4313 କୋଟି |
| ଇପିଏଫରେ 24% ଯୋଗଦାନ | 66 ଲକ୍ଷ | 996 କୋଟି |
| ଉଜ୍ଜ୍ୱଳା | ପ୍ରଥମ କିସ୍ତି -7.48 କୋଟି<br>ଦ୍ୱିତୀୟ କିସ୍ତି-4.48 କୋଟି | 8488 କୋଟି |
| **ମୋଟ** | **42.84 କୋଟି** | **65,454 କୋଟି** |

(ଉତ୍ସ : ଅର୍ଥମନ୍ତ୍ରଣାଳୟ)

**ବିହାରରୁ ଆରମ୍ଭ ହୋଇଛି ଅଭିଯାନ**

ଏହି ଅଭିଯାନ ଶୁଭାରମ୍ଭ ଲାଗି ବିଶେଷ କରି ବିହାରକୁ ଚୟନ କରାଯାଉଛି ଯେଉଁଠୁ ଲୋକମାନେ ଅଧିକ ସଂଖ୍ୟାରେ କାମ ପାଇଁ ପ୍ରବାସ କରିଥାନ୍ତି । ଭିଡିଓ କନଫରେନ୍ସ ମାଧ୍ୟମରେ ବିହାରର ଖଗାଡ଼ିଆ ଜିଲ୍ଲାର ତେଲିହର ଗ୍ରାମରୁ ଏହି ଅଭିଯାନ ଆରମ୍ଭ କରାଯାଇଛି, ଯାହାର ଉଦ୍ଦେଶ୍ୟ ହେଉଛି :

- କରୋନା ମହାମାରୀ କାରଣରୁ ପ୍ରଭାବିତ ହୋଇ ବହୁସଂଖ୍ୟାରେ ଘରକୁ ଫେରିଆସିଥିବା ଶ୍ରମିକ ଏବଂ ସ୍ଥାନୀୟ ଶ୍ରମିକମାନଙ୍କୁ ଜୀବିକା ସୁଯୋଗ ଉପଲବ୍ଧ କରାଇବା ।
- ଗ୍ରାମାଞ୍ଚଳରେ ମୌଳିକ ଭିତ୍ତିଭୂମିର ସମ୍ପ୍ରସାରଣ ଉପରେ ଜୋର ଦେଇ ସୁଯୋଗ ପ୍ରସ୍ତୁତ କରିବା ।
- ପ୍ରବାସୀ ଶ୍ରମିକମାନଙ୍କୁ କୌଶଳ ଆଧାରରେ 125 ଦିନର ରୋଜଗାର ଯୋଗାଇ ଦେବା।

ପ୍ରଧାନମନ୍ତ୍ରୀ ଏହି ଅଭିଯାନର ଶୁଭାରମ୍ଭ କରି ବିହାରର ତେଲୀହରକୁ ଫେରିଥିବା ପ୍ରବାସୀମାନଙ୍କ ସହିତ ବର୍ତ୍ତମାନର ସ୍ଥିତି ଏବଂ ଲକଡାଉନ ସମୟରେ ଆରମ୍ଭ କରାଯାଇଥିବା ବିଭିନ୍ନ କଲ୍ୟାଣକାରୀ ଯୋଜନା ବିଷୟରେ ମଧ୍ୟ ଆଲୋଚନା କରିଥିଲେ । ଏହି ଆଲୋଚନା ସମୟରେ ପ୍ରଧାନମନ୍ତ୍ରୀ କହିଥିଲେ,"ଆପଣମାନଙ୍କ ସହିତ କଥାବାର୍ତ୍ତା ହୋଇ ଆପଣମାନଙ୍କର ଶକ୍ତି, ସମ୍ମାନ ଓ ବିଶ୍ୱାସର ଭାବନାକୁ ମୁଁ ଅନୁଭବ କରିପାରୁଛି । କରୋନାର ଏତେ ବଡ଼ ସଙ୍କଟ, ସାରା ବିଶ୍ୱ ଯାହା ସାମନାରେ ଦୋହଲିଯାଇଛି, ଡରିଯାଇଛି କିନ୍ତୁ ଆପଣମାନେ ସାହସର ସହିତ ଛିଡ଼ା ହୋଇଛନ୍ତି । ଭାରତର ଗ୍ରାମାଞ୍ଚଳରେ ତ' କରୋନାର ଯେପରି ଭାବେ ମୁକାବିଲା କରାଯାଉଛି, ସେଥିରୁ ସହରଗୁଡ଼ିକୁ ମଧ୍ୟ ବଡ଼ ଶିକ୍ଷା ମିଳୁଛି"।

ଲକଡାଉନପରେସରକାରତିନିମାସରେ 80 କୋଟି ଗରିବ ଲୋକଙ୍କ ଥାଳି ପର୍ଯ୍ୟନ୍ତ ରାସନ-ଡାଲି ପହଞ୍ଚାଇବାର କାମ କଲେ। ରାସନ ସହିତ ସେମାନଙ୍କୁ ଗ୍ୟାସ ସିଲିଣ୍ଡର ମଧ୍ୟ ମାଗଣା ଦିଆଯାଇଛି। ସେହିପରି, 20 କୋଟି ଗରିବ ମହିଳାମାନଙ୍କର ଜନଧନ ଆକାଉଣ୍ଟରେ 10 ହଜାର କୋଟି ଟଙ୍କାରୁ ଅଧିକ ସିଧାସଳଖ ହସ୍ତାନ୍ତର କରାଯାଇଛି। ଗରିବ, ବୟସ୍କ, ମା'-ଭଉଣୀ ଏବଂ ଦିବ୍ୟାଙ୍ଗ ସାଥୀମାନଙ୍କ ଲାଗି 1000 ଟଙ୍କାର ସହାୟତା ସିଧାସଳଖ ସେମାନଙ୍କର ବ୍ୟାଙ୍କ ଖାତାରେ ଜମା କରାଯାଇଛି। ପ୍ରଧାନମନ୍ତ୍ରୀ ମଧ୍ୟ ପ୍ରଶ୍ନ ଉଠାଇଥିଲେ ଯେ ଯଦି ଘରକୁ ଘର ଯାଇ ଜନ ଧନ ଆକାଉଣ୍ଟ ଖୋଲାଯାଇନଥା'ନ୍ତା, ମୋବାଇଲ ନମ୍ବର ଓ ଆଧାର କାର୍ଡ ସହ ଏସବୁ ବ୍ୟାଙ୍କ ଖାତାକୁ ଯୋଡ଼ାଯାଇନଥାନ୍ତା, ତା'ହେଲେ ଏହା କିଭଳି ଭାବେ ହୋଇପାରିଥାନ୍ତା?

ନିଶ୍ଚିତ ଭାବେ ପ୍ରଧାନମନ୍ତ୍ରୀ ମୋଦୀ ଗାଁ-ଗରିବଙ୍କ ପ୍ରତି ନିଜର ନିଷ୍ଠାକୁ ବ୍ୟବହାରିକତାରେ ପରିବର୍ତ୍ତନ କରି ଗରିବ ରୋଜଗାର କଲ୍ୟାଣ ଯୋଜନା ଜରିଆରେ ଦୃଢ଼ ବାର୍ତ୍ତା ଦେଲେ ଯେ ଦାରିଦ୍ର୍ୟତା ତାଙ୍କ ପାଇଁ କେବଳ ଏକ ଘୋଷଣା ନୁହେଁ, ବରଂ ତାଙ୍କର ଲକ୍ଷ୍ୟ ଜୀବନ ଧାରଣ ମାନରେ ସୁଧାର ଆଣିବାକୁ ସଂଘର୍ଷ କରୁଥିବା ଗରିବଙ୍କ ଜୀବନ ଧାରଣ ବଦଳାଇ ସେମାନଙ୍କୁ ଗୁଣବତ୍ତା ପୂର୍ଣ୍ଣ ଜୀବନ ପ୍ରଦାନ କରିବା।

# ଭାରତରେ ଏବେ ଡିଜିଟାଲ ଆତ୍ମନିର୍ଭରଶୀଳତାର ପ୍ରଭାବ

**କେନ୍ଦ୍ର ସରକାର ଦେଶର ସାର୍ବଭୌମତ୍ୱ, ଅଖଣ୍ଡତା ଏବଂ ସୁରକ୍ଷା ଦୃଷ୍ଟିକୋଣରୁ ବିପଜ୍ଜନକ ୫୨ଟି ଆପ ଉପରେ ପ୍ରତିବନ୍ଧକ ଲାଗୁ କରିଥିଲେ । ସାରା ବିଶ୍ୱରେ ଏହି ପଦକ୍ଷେପର ପ୍ରଭାବ ଦେଖିବାକୁ ମିଳିଥିଲା। ସାମରିକ ଏବଂ ଆର୍ଥିକ ଆଘାତ ପରେ ଭାରତ ଏବେ ଡିଜିଟାଲ ଷ୍ଟ୍ରାଇକ ଜରିଆରେ ଏକ ନୂଆ କ୍ରାନ୍ତିର ସୂତ୍ରପାତ କଲେ। ଏହାର ଫଳାଫଳ ଏବେ ଦେଖିବାକୁ ମିଳିଛି। ଭାରତୀୟ ଆପ ଉନ୍ନତ ବିକଳ୍ପ ଭାବେ ଉଭା ହୋଇଛନ୍ତି। ଭାରତକୁ 1 ଟ୍ରିଲିୟନ ଡଲାର ଡିଜିଟାଲ ଅର୍ଥବ୍ୟବସ୍ଥାରେ ପରିଣତ କରିବା ଲାଗି ନୂଆ ଡିଜିଟାଲ କ୍ରାନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଉକ୍ତି ଆଧାରିତ, ଯେଉଁଥିରେ ବିକାଶ ଯୋଜନାର ଶୁଭାରମ୍ଭ କରି ସେ କହିଥିଲେ- "ଭାରତ ମାତା ଏଠାରେ ଅଟକି ଯିବ ନାହିଁ, ଆହୁରି ଆଗକୁ ବଢ଼ିବ। ଆତ୍ମନିର୍ଭରଶୀଳ ହେବ।**




ରାଜନୀତି ହେଉ ଅବା କୂଟନୀତି, ଡିଜିଟାଲର ଭୂମିକା କେତେ ମହତ୍ତ୍ୱପୂର୍ଣ୍ଣ ତାହା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବ୍ୟତୀତ ଆଉ କିଏ ଭଲ ଭାବେ ବୁଝିପାରିବ? 2014ରେ ସେ କ୍ଷମତାସୀନ ହେବା ପରେ ଭାରତର ଶାସନ ଓ ପ୍ରଶାସନିକ ବ୍ୟବସ୍ଥାରେ ନୂଆ ଡିଜିଟାଲ ଯୁଗର ଶୁଭାରମ୍ଭ ହେଲା । ଡିଜିଟାଲ ଇଣ୍ଡିଆ ଅଭିଯାନ ଅନ୍ତର୍ଗତ ଭାରତକୁ ଦୁନିଆର ଅଗ୍ରଣୀ ଡିଜିଟାଲ ଦେଶଗୁଡ଼ିକ ମଧ୍ୟରେ ସାମିଲ କରିବା ଲାଗି ପ୍ରଧାନମନ୍ତ୍ରୀ ହିଁ ପ୍ରୟାସ କରିଥିଲେ।

ଆଭ୍ୟନ୍ତରିଣ ସୁରକ୍ଷା ଦୃଷ୍ଟିକୋଣରୁ ନିକଟରେ ୫୨ଟି ଆପ ଉପରେ ପ୍ରତିବନ୍ଧକ ଲାଗୁ କରି ମୋଦୀ ସରକାର ଡିଜିଟାଲ ଷ୍ଟ୍ରାଇକର ଉଦାହରଣ ଉପସ୍ଥାପନ କଲେ । ଏଥିସହିତ, ଡିଜିଟାଲ ବିଶ୍ୱରେ ଆତ୍ମନିର୍ଭରଶୀଳତାକୁ ବଢ଼ାଇବା ପାଇଁ ଦେଶର ଆଇଟି ପେସାଦାରମାନଙ୍କୁ ନେଇ ନୂଆ ପ୍ଲାଟଫର୍ମ ମଧ୍ୟ ଉପଲବ୍ଧ କରାଇଛନ୍ତି। ଅନ୍ୟପଟେ, 29 ଜୁନରେ ଆପ ବ୍ୟାନ ହେବା ପରେ ଟିକଟକ, ଶେୟରଚାଟ, ୟୁସି ବ୍ରାଉଜର ଓ କ୍ୟାମ ସ୍କାନର ତୁଳନାରେ ଲୋକମାନେ ଭାରତୀୟ ଆପ୍ସ ଉପରେ ଅଧିକ ଭରସା କରୁଛନ୍ତି। ଏହି କାରଣରୁ ରୋପୋସୋ, ଶେୟାର ଚାଟ ଓ ଚିଙ୍ଗାରି ଭଳି ଭାରତୀୟ ଆପ୍ସଗୁଡ଼ିକ ଆହୁରି ଅଧିକ ଡାଉନଲୋଡ ହେଉଛି।

### ଡିଜିଟାଲ ଆତ୍ମନିର୍ଭରଶୀଳତାର ଆବଶ୍ୟକତା

ସମଗ୍ର ବିଶ୍ୱର ଆପ୍ସ ମାର୍କେଟରେ ଭାରତୀୟ ବ୍ୟବହାରକାରୀ ଆପ ଡାଉନଲୋଡ ମାମଲାରେ ସବୁଠୁ ଆଗରେ ରହିଛନ୍ତି । କିନ୍ତୁ ଉପଯୁକ୍ତ ପ୍ଲାଟଫର୍ମ ମିଳିନପାରିବା କାରଣରୁ ବର୍ତ୍ତମାନସୁଦ୍ଧା ଭାରତୀୟ ଆଇଟି ବିଶେଷଜ୍ଞମାନେ ପ୍ରସ୍ତୁତ କରିଥିବା ଆପ ସେତେଟା ଲୋକପ୍ରିୟ ହୋଇପାରିନାହିଁ । ଏହାକୁ ଦୃଷ୍ଟିରେ ରଖି ଡିଜିଟାଲ ଇଣ୍ଡିଆ ଆତ୍ମନିର୍ଭର ଭାରତ ଇନୋଭେସନ ଚ୍ୟାଲେଞ୍ଜ ଆରମ୍ଭ କରାଯାଇଛି । କେନ୍ଦ୍ର ସୂଚନା ଏବଂ ପ୍ରସାରଣ ମନ୍ତ୍ରୀ ରବି ଶଙ୍କର ପ୍ରସାଦ କହିଛନ୍ତି, ୫୨ଟି ଆପ୍ସ ନିଷିଦ୍ଧ ହେବା ପରେ ପାଖାପାଖି 200 ନୂଆ ଭାରତୀୟ ଆପ ପ୍ରସ୍ତୁତ କରାଯାଇଛି । ଭାରତର ଡିଜିଟାଲ ଉଡ଼ାଣକୁ ଦେଖିଲେ ଦେଶର 1.41 ଲକ୍ଷ ଗ୍ରାମ ଅପ୍ଟିକାଲ ଫାଇବର ନେଟୱର୍କ ସହ ଯୋଡ଼ି ହୋଇସାରିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ କାର୍ଯ୍ୟକାଳ ପୂର୍ବରୁ ମାତ୍ର 358 କିମି ଅପ୍ଟିକାଲ ଫାଇଭର ନେଟୱର୍କ ତୁଳନାରେ ବିଗତ 6 ବର୍ଷ ମଧ୍ୟରେ 4,33,268 କିମି ଫାଇବର ନେଟୱର୍କ ବିଛାଯାଇଛି । ଭାରତର ଡିଜିଟାଲ ଭିତ୍ତିଭୂମି ଏହି ସମୟରେ ଦ୍ରୁତ ଗତିରେ

ସୁଦୃଢ଼ ହୋଇଛି ।
ଡାଟା ପ୍ରାଇଭେସି ଲାଗି ଏହା ଜରୁରି
କେନ୍ଦ୍ର ମନ୍ତ୍ରୀ ରବି ଶଙ୍କର ପ୍ରସାଦ କହିଛନ୍ତି ଯେ ଆଜିର ଡିଜିଟାଲ ଯୁଗରେ ଡାଟା ଗୋପନୀୟତା ମଧ ପ୍ରତ୍ୟେକ ଭାରତୀୟଙ୍କ ମୌଳିକ ଅଧିକାର। ପ୍ରସାଦ କହିଛନ୍ତି ବର୍ତ୍ତମାନ ସମୟରେ ରଣନୈତିକ ଦୃଷ୍ଟିକୋଣରୁ ମଧ ଡାଟା ସବୁଠୁ ଅଧିକ ମହତ୍ୱପୂର୍ଣ୍ଣ, ଏପରି କ୍ଷେତ୍ରରେ ସବୁଠୁ ବଡ଼ ପ୍ରଶ୍ନ ହେଉଛି ଏହି ଡାଟା କାହା ଅଧିକାର କ୍ଷେତ୍ରରେ ରହିଛି? ସେଥିପାଇଁ ଏବେ ଆମକୁ ଏହି କ୍ଷେତ୍ରରେ ମଧ ଆତ୍ମନିର୍ଭରଶୀଳ ହେବାକୁ ପଡ଼ିବ।

1.41 ଲକ୍ଷ ଗ୍ରାମ ଅପ୍ଟିକାଲ ଫାଇବର ନେଟୱର୍କ ସହ ଯୋଡ଼ି ହୋଇସାରିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ କାର୍ଯ୍ୟକାଳ ପୂର୍ବରୁ ମାତ୍ର 358 କିମି ଅପ୍ଟିକାଲ ଫାଇଭର ନେଟୱର୍କ ତୁଳନାରେ ବିଗତ 6 ବର୍ଷ ମଧରେ 4,33,268 କିମି ଫାଇବର ନେଟୱର୍କ ବିଛାଯାଇଛି । ଭାରତର ଡିଜିଟାଲ ଭିତ୍ତିଭୂମି ଏହି ସମୟରେ ଦ୍ରୁତ ଗତିରେ ସୁଦୃଢ଼ ହୋଇଛି ।

**ଡାଟା ପ୍ରାଇଭେସି ଲାଗି ଏହା ଜରୁରି**

କେନ୍ଦ୍ର ମନ୍ତ୍ରୀ ରବି ଶଙ୍କର ପ୍ରସାଦ କହିଛନ୍ତି ଯେ ଆଜିର ଡିଜିଟାଲ ଯୁଗରେ ଡାଟା ଗୋପନୀୟତା ମଧ ପ୍ରତ୍ୟେକ ଭାରତୀୟଙ୍କ ମୌଳିକ ଅଧିକାର। ପ୍ରସାଦ କହିଛନ୍ତି ବର୍ତ୍ତମାନ ସମୟରେ ରଣନୈତିକ ଦୃଷ୍ଟିକୋଣରୁ ମଧ ଡାଟା ସବୁଠୁ ଅଧିକ ମହତ୍ୱପୂର୍ଣ୍ଣ, ଏପରି କ୍ଷେତ୍ରରେ ସବୁଠୁ ବଡ଼ ପ୍ରଶ୍ନ ହେଉଛି ଏହି ଡାଟା କାହା ଅଧିକାର କ୍ଷେତ୍ରରେ ରହିଛି? ସେଥିପାଇଁ ଏବେ ଆମକୁ ଏହି କ୍ଷେତ୍ରରେ ମଧ ଆତ୍ମନିର୍ଭରଶୀଳ ହେବାକୁ ପଡ଼ିବ।


**ଆତ୍ମନିର୍ଭର ଡିଜିଟାଲ ଅଭିଯାନ**

ବିଶ୍ୱର ଯେକୌଣସି ବଡ଼ କମ୍ପାନୀରେ ଭାରତୀୟ ଆଇଟି ପେସାଦାରମାନେ ନିଜ ସାମର୍ଥ୍ୟକୁ ପ୍ରମାଣିତ କରିଛନ୍ତି। କିନ୍ତୁ ଦେଶ ଭିତରେ ଉଚିତ ପ୍ଲାଟଫର୍ମ ମିଳିପାରିନଥିବା କାରଣରୁ ଆପ ଏବଂ ଆଇଟି ଇନୋଭେସନରେ ଭାରତୀୟ ପେସାଦାରମାନେ ପଛରେ ପଡ଼ିଯାଇଛନ୍ତି । ଆହ୍ୱାନ ମଧରେ ଅବସର ଖୋଜିବାର ପରିଣାମସ୍ୱରୂପ ସରକାର 59ଟି ବିଦେଶ ଆପକୁ ନିଷିଦ୍ଧ କରି ଭାରତୀୟ ଆଇଟି ଏକ୍ସପର୍ଟମାନଙ୍କୁ ନୂଆ ପ୍ଲାଟଫର୍ମ ଦେବାକୁ ପ୍ରୟାସ କରିଛନ୍ତି । ଏଥିପାଇଁ ଡିଜିଟାଲ ଇଣ୍ଡିଆ ଆତ୍ମନିର୍ଭର ଭାରତ ଆପ ଇନୋଭେସନ ଚ୍ୟାଲେଞ୍ଜର ଶୁଭାରମ୍ଭ କରାଯାଇଛି । ଏଥିରେ ନୀତି ଆୟୋଗଙ୍କ ଅଟଳ ଇନୋଭେସନ ମିଶନ, ମନ୍ତ୍ରଣାଳୟ ସହିତ ମିଶି କାମ କରୁଛି । ଏହାକୁ ଦୁଇଟି ପଦ୍ଧତିରେ ସମ୍ପାଦନ କରାଯିବ । ପ୍ରଥମତଃ, ବର୍ତ୍ତମାନ ସମସ୍ତ ଆପରେ ସୁଧାରର ସୁଯୋଗ ସନ୍ଧାନ କରି ଏହାକୁ ବିଶ୍ୱସ୍ତରୀୟ କରିବା ନିମନ୍ତେ ଆକଳନ କରାଯିବ । ଏହି ଚ୍ୟାଲେଞ୍ଜର ପ୍ରଥମ ଟ୍ରାକ ନିକଟରେ 8 ଟି ଶ୍ରେଣୀ ଚୟନ କରାଯାଇଛି । ଏଥିରେ କାର୍ଯ୍ୟାଳୟର ଉତ୍ପାଦକତା, ୱର୍କ ଫ୍ରମ ହୋମ

# ଭରସାର ପ୍ରତୀକ ସାଜିଲେ ଭାରତୀୟ ଆପ

*ସୁରକ୍ଷା ଦୃଷ୍ଟିକୋଣରୁ ବିପଦ ସାଜିଥିବା 59ଟି ବିଦେଶୀ ଆପ ଉପରେ ପ୍ରତିବନ୍ଧକ ଲାଗୁ ହେବା ପରେ ଭାରତରେ ଲୋକମାନଙ୍କର ସ୍ୱଦେଶୀ ଆପ୍ସଗୁଡ଼ିକ ଉପରେ ଭରସା ବୃଦ୍ଧି ପାଇଛି । ଗଣମାଧମର ରିପୋର୍ଟ ଅନୁଯାୟୀ ଆପ ଉପରେ ବ୍ୟାନର ଭଲ ପ୍ରଭାବ ଭାରତୀୟ ଆପ ଚିଙ୍ଗାରୀ, ରୋପୋସେ, ବୋଲୋ ଇଣ୍ଡିଆ ଏବଂ ମିତ୍ରୋଁ ଉପରେ ପଡିଛି ।*

**ଆପ ନିଷିଦ୍ଧ ପରେ ବଢ଼ିଛି ଡାଉନ ଲୋଡିଂ**




- ଉଦାହରଣ ସ୍ୱରୂପ ଆମେ ଯଦି ଦେଖିବା ମିତ୍ରୋଁ ଆପ ମାତ୍ର କିଛି ମାସ ପୂର୍ବରୁ ଆରମ୍ଭ ହୋଇଥିଲା । କିନ୍ତୁ ଟିକଟକ ବ୍ୟାନ ହେବାର ପରଦିନ ହିଁ ଏହାର ବ୍ୟବହାରକାରୀଙ୍କ ସଂଖ୍ୟା 11 ଗୁଣ ବଢ଼ିଯାଇଥିଲା।

- ଏହି ସମୟରେ ୟୁଜର୍ସମାନେ 10ଟି ଭିନ୍ନ ଭିନ୍ନ ଭାଷାରେ ଭିଡିଓ ଅପଲୋଡ କରିଥିଲେ । ଏହି ସମୟରେ ଗୋଟିଏ ଘଣ୍ଟାରେ ହାରାହାରୀ 24 ମିଲିୟନ ଭିୟୁ ମିଳିଥିଲା । ଆଉ ଏକ ଭିଡିଓ ଆପ ବୋଲୋ ଇଣ୍ଡିଆକୁ ମଧ ବ୍ୟାନର 24 ଘଣ୍ଟା ମଧରେ ତିନି ଗୁଣା ଲୋକ ଡାଉନଲୋଡ କରିଥିଲେ ।

- ସେହିପରି ରୋପୋସୋ ଗୁଗୁଲ ପ୍ଲେ ଷ୍ଟୋରେ ମାଗଣା ଆପ ଶ୍ରେଣୀରେ ଶ୍ରେଷ୍ଠ 3ରେ ସାମିଲ ହୋଇଯାଇଛି । ଭାରତୀୟ ଆପ ଚିଙ୍ଗାରିକୁ ବର୍ତ୍ତମାନ ସୁଦ୍ଧା 10 ମିଲିୟନର ଅଧିକ ଥର ଡାଉନଲୋଡ କରାଯାଇସାରିଲାଣି । ସେହିପରି ଫାଇଲ ଟ୍ରାନ୍ସଫର ଆପ ଶେୟାର ଚାଟକୁ 100 ମିଲିୟନରୁ ଅଧିକ ଥର ଡାଉନଲୋଡ କରାଯାଇସାରିଲାଣି ।

- ଆରୋଗ୍ୟ ସେତୁ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ବିଶ୍ୱର ସବୁଠୁ ବଡ଼ ଆପ ହୋଇପାରିଛି । ଆରମ୍ଭ ହେବା ଦିନ ଠାରୁ ଜୁଲାଇ ମାସ ପର୍ଯ୍ୟନ୍ତ 14 କୋଟି 83 ଲକ୍ଷ ଲୋକ ଏହାକୁ ଡାଉନଲୋଡ କରିସାରିଲେଣି ।

> ଆମ ସମସ୍ତଙ୍କୁ ଏହା ବୁଝିବାକୁ ହେବ ଯେ ଡିଜିଟାଲ ଅର୍ଥବ୍ୟବସ୍ଥାକୁ ଡାଟା ଇକୋନୋମି ସହିତ ହାତ ମିଶାଇ ଚାଲିବାକୁ ହେବ । ଆମେ ଡାଟାର ସୁରକ୍ଷାକୁ ବୁଝିବାର ଆବଶ୍ୟକତା ରହିଛି । ଡାଟା ସମ୍ପୃକ୍ତ ସାର୍ବଭୌମ ଦେଶ ନିକଟରେ ରହିବା ଉଚିତ ଯିଏକି ନିଜ ଲୋକମାନଙ୍କର ଗୋପନୀୟତାକୁ ସୁରକ୍ଷା ଦେଇପାରିବ । ସୁରକ୍ଷା, ପ୍ରତିରକ୍ଷା ଏବଂ ଗୋପନୀୟତା କଥା କହିଲେ ଡିଜିଟାଲ ପ୍ଲାଟଫର୍ମଗୁଡ଼ିକୁ ସାର୍ବଭୌମ ରାଷ୍ଟ୍ରର ଚିନ୍ତା ପ୍ରତି ଉତ୍ତରଦାୟୀ ଓ ସମ୍ବେଦନଶୀଳ ହେବା ଉଚିତ ।
>
> - ରବିଶଙ୍କର ପ୍ରସାଦ



କେନ୍ଦ୍ର ସୂଚନା ଏବଂ ପ୍ରଯୁକ୍ତି ମନ୍ତ୍ରୀ (ଜି 20 ଦେଶର ଡିଜିଟାଲ ବୈଠକରେ)

### ଗ୍ଲୋବାଲ ଡିଜିଟାଲ ଭାରତ ଲାଗି ପ୍ରଧାନମନ୍ତ୍ରୀ ମୋଦୀଙ୍କ ପ୍ରୟାସ

# ଡିଜିଟାଲ ଇଣ୍ଡିଆରେ ନିବେଶ କରିବେ ଗୁଗଲ-ଆଇବିଏମ







ଆତ୍ମନିର୍ଭର ଡିଜିଟାଲ ଭାରତର ମିଶନରେ ଭାରତର ସ୍ୱପ୍ନକୁ ସାକାର କରିବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସଂକଳ୍ପରେ ଯୋଗ ଦାନ ଦେବେ ବିଶ୍ୱର ବୃହତ ଆଇଟି କମ୍ପାନୀ ଆଇବିଏମ ଏବଂ ଗୁଗଲ । ଏ ସଂକ୍ରାନ୍ତରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭିଡିଓ କନଫରେନ୍ସ ଜରିଆରେ ଆଇବିଏମର ସିଇଓ ଅରବିନ୍ଦ କୃଷ୍ଣାଙ୍କ ସହିତ ଆଲୋଚନା କରିଛନ୍ତି । ପ୍ରଧାନମନ୍ତ୍ରୀଙ୍କ ସହିତ ଆଲୋଚନା ସମୟରେ ଶ୍ରୀ କୃଷ୍ଣା ଭାରତରେ ଆଇବିଏମ ପକ୍ଷରୁ ବଡ଼ ନିବେଶ ଯୋଜନା ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ । ସେ ଡିଜିଟାଲ ଇଣ୍ଡିଆ ଅଭିଯାନର ପ୍ରଶଂସା କରି କହିଥିଲେ ଯେ ଭାରତର ଟେକ ସେକ୍ଟରରେ ନିବେଶର ଏହା ସବୁଠୁ ବଡ଼ ଅବସର । ପ୍ରଧାନମନ୍ତ୍ରୀ ମୋଦୀ କହିଥିଲେ ଯେ ଏପରି ସମୟରେ ଯେତେବେଳେ ସାରା ବିଶ୍ୱ ଆର୍ଥିକ ମାନ୍ଦାବସ୍ଥା ଦେଇ ଗତି କରୁଛି, ଭାରତରେ ବିଦେଶୀ ନିବେଶ ବଢ଼ୁଛି । ଭାରତ ଆତ୍ମନିର୍ଭର ହେବାର ସ୍ୱପ୍ନକୁ ପୂରଣ କରିବା ନିମନ୍ତେ ଆଗକୁ ବଢ଼ୁଛି, ଯାହାଦ୍ୱାରା ଦେଶରେ ଏକ ସୁଦୃଢ଼ ଲୋକାଲ ସପ୍ଲାଇ ଚେନ ବିକଶିତ ହୋଇପାରିବ । ଅନ୍ୟପଟେ ଗୁଗଲ ସିଇଓ ସୁନ୍ଦର ପିଚାଇ ମଧ ଡିଜିଟାଲ ଇଣ୍ଡିଆ ଅଭିଯାନର ପ୍ରଶଂସା କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହିତ ଭାରତରେ ଗୁଗଲର ଅନେକ ଗୁରୁତ୍ୱପୂର୍ଣ୍ଣ ଯୋଜନା ବିଷୟରେ ସୂଚନା ଦେଇଥିଲେ । ଡିଜିଟାଲ ଇଣ୍ଡିଆ ଅଭିଯାନ ଅନ୍ତର୍ଗତ ଗୁଗଲ ଭାରତରେ ପାଖାପାଖି 75 ହଜାର କୋଟି ଟଙ୍କା ନିବେଶ କରିବ ।

## ଜବରଦସ୍ତ କ୍ରେଜ : ଚ୍ୟାଲେଞ୍ଜ ଅନ୍ତର୍ଗତ ଆସିଛି 6940 ଏଣ୍ଟ୍ରି

| ଶ୍ରେଣୀ | ସଂଖ୍ୟା |
|---|---|
| ବିଜନେସ | 1142 |
| ସ୍ୱାସ୍ଥ୍ୟ-କଲ୍ୟାଣ | 901 |
| ଇ-ଲର୍ଣ୍ଣିଂ | 1062 |
| ସୋଶଲ ନେଟୱର୍କିଂ | 1155 |
| ଗେମ୍ସ | 326 |
| ଅଫିସ/ୱର୍କ ଫ୍ରମ ହୋମ | 662 |
| ନ୍ୟୁଜ | 237 |
| ଏଣ୍ଟରଟେନମେଣ୍ଟ | 320 |
| ଅନ୍ୟ | 1135 |

ଲାଗି ଟୁଲ୍ସ ସୋଶାଲ ନେଟୱର୍କିଂ, ଇ-ଲର୍ଣ୍ଣିଂ, ଏଣ୍ଟରଟେନମେଣ୍ଟ, ହେଲଥ ଫିଟନେସ ସହିତ ସାମଚାର ଓ କ୍ରୀଡ଼ା ସାମିଲ ରହିଛି । ଏହାଛାଡ଼ା ଦ୍ୱିତୀୟ ପଦ୍ଧତିରେ ଇନୋଭେସନ ଚ୍ୟାଲେଞ୍ଜକୁ ବଢ଼ାଇ ଷ୍ଟାର୍ଟଅପ, ଉଦ୍ୟୋଗୀ ଏବଂ କମ୍ପାନୀଗୁଡ଼ିକର ଚିହ୍ନଟ କରାଯିବ ଯେଉଁମାନେ ନୂଆ ଆଇଡିଆ ଆଣିବା, ଆଗକୁ ବଢ଼ାଇବା ଏବଂ ଏହାର ପ୍ରୋଟୋଟାଇପ ବିକଶିତ କରିବା ଦିଗରେ ଆଗକୁ କାମ କରିପାରିବେ ।

**ସବୁଠୁ ଅଧିକ ବ୍ୟବହାରକାରୀ ଭାରତୀୟ...**

Mygovର ସିଇଓ ଅଭିଷେକ ସିଂଙ୍କ ସୂଚନା ଅନୁଯାୟୀ, ସାରା ଦେଶରେ ଆପ ବ୍ୟବହାରକାରୀଙ୍କ ସଂଖ୍ୟାରେ ଭାରତରେ ସବୁଠୁ ବଡ଼ ବଜାର ରହିଛି । ଜାନୁଆରୀରୁ ମାର୍ଚ୍ଚ 2020 ମଧରେ ସାରା ଦେଶରେ ମୋଟ 33.6 ବିଲିୟନ ଆପ ଡାଉନଲୋଡ ହୋଇଛି । 2019ରେ ଏହି ସମୟରେ ଏହି ସଂଖ୍ୟା 27.9 ବିଲିୟନ ଥିଲା । ଅର୍ଥାତ ଗୋଟିଏ ବର୍ଷରେ ଏଥିରେ 20.3 ପ୍ରତିଶତ ବୃଦ୍ଧି ହୋଇଛି । ଏଥିରେ ମଧ 5 ବିଲିୟନରୁ ଅଧିକ ଆପ କେବଳ ଭାରତରେ ହିଁ ଡାଉନଲୋଡ ହୋଇଛି । ଏହି ସମୟରେ ଫେସବୁକ ସବୁଠୁ ଅଧିକ 400 ମିଲିୟନ ଥର ଡାଉନଲୋଡ ସହିତ 1 ନମ୍ବର ସ୍ଥାନରେ ରହିଛି । ଦ୍ୱିତୀୟ ସ୍ଥାନରେ ଗୁଗଲ ଏବଂ ତୃତୀୟ ସ୍ଥାନରେ ଟିକଟକ ରହିଛନ୍ତି । ସବୁଠୁ ଅଧିକ ଥର ଡାଉନଲୋଡ ହୋଇଥିବା ଆପଗୁଡ଼ିକ ମଧ୍ୟରେ 2ଟି ଆମେରିକୀୟ, 2ଟି ଚୀନ ଏବଂ ଗୋଟିଏ ଫ୍ରେଞ୍ଚ ରହିଛନ୍ତି । ସେହିପରି ବିଶ୍ୱର ଶୀର୍ଷ 20ଟି କମ୍ପାନୀମଧ୍ୟରୁ 5ଟି ଆମେରିକୀୟ, 5ଚୀନ କମ୍ପାନୀ ରହିଛନ୍ତି । ଅବଶିଷ୍ଟ 10 କମ୍ପାନୀ ଫ୍ରାନ୍ସ, ବେଲାରୁସ,ଇସ୍ରାଏଲ, ଜର୍ମାନୀ, ବ୍ରିଟେନ, ସ୍ୱିଜରଲ୍ୟାଣ୍ଡ ଏବଂ ତୁର୍କୀ ଭଳି ଦେଶର । ଏହି ତଥ୍ୟରୁ ଏହା ସ୍ପଷ୍ଟ ହେଉଛି ଯେ ଦୁନିଆରେ ଆପ ୟୁଜର୍ସଙ୍କ ସର୍ବାଧିକ ସଂଖ୍ୟା ଭାରତରେ ରହିଛି, କିନ୍ତୁ ବିଶ୍ୱର ଶୀର୍ଷ 20ଟି କମ୍ପାନୀ ମଧ୍ୟରେ କୌଣସି ଭାରତୀୟ କମ୍ପାନୀ ନାହାନ୍ତି । ମୋବାଇଲ ଇଣ୍ଟେଲିଜେନ୍ସ ଫର୍ମସେନ୍ସର ଟାୱାର ଏକ ରିପୋର୍ଟ ମୁତାବକ ବିଶ୍ୱର ସବୁଠୁ ଅଧିକ ଗେମ୍ସ, ଫଟୋ ଓ ଭିଡିଓ, ଫାଇଲ ଟ୍ରାନ୍ସଫର ବ୍ୟତୀତ ସୋଶଲ ଓ କମ୍ୟୁନିକେସନ ଆପ୍ସ ଡାଉନଲୋଡ ଭାରତରେ ହିଁ କରାଯାଇଥାଏ ।



# ବିସ୍ତାରବାଦ ନୁହେଁ, ଏବେ ବିକାଶବାଦର ଯୁଗ

**ସୀମା ବିବାଦ ମଧ୍ୟରେ ପ୍ରଧାନମନ୍ତ୍ରୀ ମୋଦୀ ଅଚାନକ ଲେହ-ଲଦାଖ ଗସ୍ତ କରିଥିଲେ । ସେଠାରେ ସେନାର ମନୋବଳ ବଢ଼ାଇଥିଲେ । କୌଣସି ଦେଶର ନାଁ ନନେଇ ଶାନ୍ତି ପ୍ରତି ଭାରତର ପ୍ରତିବଦ୍ଧତାକୁ ଦୁର୍ବଳତା ବୋଲି ନଭାବିବା ପାଇଁ କଡ଼ା ସନ୍ଦେଶ ଦେଇଥିଲେ । ଏହାର 15 ଦିନ ପରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ମଧ୍ୟ ଲଦାଖ ସମେତ ସମଗ୍ର ଜମ୍ମୁ-କଶ୍ମୀର ଗସ୍ତ କରି ସେନାର ପ୍ରସ୍ତୁତି ଅନୁଧ୍ୟାନ କରିଥିଲେ। ଦେଶର ଗୋଟିଏ ଇଞ୍ଚ ଭୂମିକୁ ଛୁଇଁଥିବା ଲୋକମାନଙ୍କୁ ମୁହଁତୋଡ଼ ଜବାବ ଦେବାକୁ ଚେତାବନୀ ଦେଇଥିଲେ।**

ତାରିଖ 3 ଜୁଲାଇ, ପ୍ରାୟ 11 ହଜାର ଫୁଟ ଉଚ୍ଚତାରେ ଥିବା ଲେହ ବିମାନ ବନ୍ଦରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅବତରଣ କରିବା ଖବର ଅନେକଙ୍କୁ ଆଚମ୍ବିତ କରିଥିଲା । ଏହି ସ୍ଥାନର ଭୌଗଳିକ ସ୍ଥିତି ଦେଶର ଅନ୍ୟ ଅଞ୍ଚଳ ଠାରୁ ଭିନ୍ନ ହୋଇଥିବା ବେଳେ ଉଚ୍ଚତା କାରଣରୁ ଅମ୍ଳଜାନ ଖୁବ କମ ଥାଏ । ଏପରି ସ୍ଥିତିରେ କେହି ସେଠାକୁ ଗଲେ ସେଠାକାର ବାତାବରଣ ସହିତ ଖାପଖୁଆଇବା ଲାଗି ଗୋଟିଏ ଦିନ ବିଶ୍ରାମ ନେବାକୁ କୁହାଯାଇଥାଏ। କିନ୍ତୁ ପ୍ରଧାନମନ୍ତ୍ରୀ ମୋଦୀ ସକାଳୁ ଲେହରେ ପହଞ୍ଚିବା ପରେ ସିଧାସଳଖ ନିମୁରେ ପହଞ୍ଚିଥିଲେ ଏବଂ ଯବାନମାନଙ୍କ ସହିତ ସାକ୍ଷାତ ଆଲୋଚନା କରିଥିଲେ । ସେହି ଦିନ ଅପରାହ୍ଣରେ ହିଁ ସେ ଦିଲ୍ଲୀକୁ ବିମାନ ଯୋଗେ ଫେରି ଆସିଥିଲେ । ଏହି ସମୟରେ ତାଙ୍କ ମୁଖମଣ୍ଡଳରେ ତିଳେମାତ୍ର ଥକାପଣ ଦେଖିବାକୁ ମିଳିନଥିଲା, ବରଂ ସେ ଉତ୍ସାହ ଓ ଶକ୍ତିରେ ପରିପୂର୍ଣ୍ଣ ଥିଲେ । ପ୍ରଧାନମନ୍ତ୍ରୀ ଭାରତର ଦୃଢ଼ ସଂକଳ୍ପର ଯେଉଁ ଉଦାହରଣ ଦେଇଥିଲେ। ଏହି ଗସ୍ତ ଅବସରରେ ସେ ଆହତ ଯବାନମାନଙ୍କୁ ଭେଟିଲେ। ନିଜର ଏହି ଗସ୍ତ ବିଷୟରେ ସେ କହିଥିଲେ, "ମୁଁ ଆଜି କେବଳ ଓ କେବଳ ଆପଣମାନଙ୍କୁ ପ୍ରଣାମ କରିବାକୁ ଆସିଛି। ଆପଣମାନଙ୍କୁ ଛୁଇଁ, ଆପଣମାନଙ୍କୁ ଦେଖି ଏକ ଉର୍ଜା ନେଇ ଯାଉଛି, ଏକ ପ୍ରେରଣା ସାଥୀରେ ନେଇ ଯାଉଛି। ଆମ ଭାରତ ଆତ୍ମନିର୍ଭରଶୀଳ ହେଉ, ଦୁନିଆର କୌଣସି ଶକ୍ତି ସାମନାରେ କେବେବି ଆମେ ମଥାନତ କରିନାହୁଁ, କିମ୍ବା କରିବୁ ନାହିଁ ମଧ୍ୟ।" ତାଙ୍କର ଏହି ସମ୍ବୋଧନର **ପ୍ରମୁଖ ଦିଗ ବିଷୟରେ ଏକ ଦୃଷ୍ଟିପାତ :**

# ମୌଳିକ ଭିତ୍ତିଭୂମି ବିକାଶ ଜରିଆରେ ସୁରକ୍ଷିତ ସୀମା

1962ର ମାନସିକ ଚାପରୁ ବାହାରକୁ ବାହାରି ଚୀନର ଯେକୌଣସି କୁତ୍ସିତ ଉଦ୍ୟମକୁ ଠିକଣା ଜବାବ ଦେବାର ଅଦମ୍ୟ ସାହସର ପରିଚୟ ଦେଲା। ଏହା ପଛରେ ଥିବା ବଡ଼ କାରଣ ହେଉଛି ଗତ କିଛି ବର୍ଷ ମଧ୍ୟରେ ମୋଦୀ ସରକାର ପରିବେଶ ମଞ୍ଜୁରି ପ୍ରତିବନ୍ଧକକୁ ସେନାର ପ୍ରକଳ୍ପରେ କୋହଳ କରି ଦେଇଛନ୍ତି। ଯାହା ସେନା ପ୍ରକଳ୍ପ ନିର୍ମାଣକୁ ସହଜ କରିଛି। ଏ ସମ୍ପର୍କରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ଯେ ସେନା ପାଇଁ ଆଧୁନିକ ଅସ୍ତ୍ରଶସ୍ତ୍ର ହେଉ ଅବା ଆପଣମାନଙ୍କ ଲାଗି ଜରୁରି ସରଞ୍ଜାମ, ଏ ସବୁ ପ୍ରତି ଆମେ ଖୁବ ଅଧିକ ଧ୍ୟାନ ଦେଉଛୁ । ଏବେ ଦେଶରେ ସୀମା ଭିତ୍ତିଭୂମି ଲାଗି ଖର୍ଚ୍ଚ ପାଖାପାଖି ତିନିଗୁଣ କରି ଦିଆଯାଇଛି । ଏହାଫଳରେ ସୀମାବର୍ତ୍ତୀ ଇଲାକାର ବିକାଶ ଏବଂ ସୀମାରେ ସଡ଼କ, ସେତୁ ନିର୍ମାଣର କାମ ମଧ୍ୟ ଖୁବ ଦ୍ରୁତ ଗତିରେ ହୋଇପାରୁଛି ।

**ବର୍ଡର ରୋଡ :** 20008-14 ମଧ୍ୟରେ 3600 କିମି ସଡ଼କ ନିର୍ମାଣ କରାଯାଇଥିବା ବେଳେ ମୋଦୀ ରାଜର ବିଗତ 6 ବର୍ଷ ମଧ୍ୟରେ 4800 କିମି।

**କନେକ୍ଟିଭିଟି** ଲାଗି ବିଆରଓ ପକ୍ଷରୁ ସୀମାବର୍ତ୍ତୀ ଇଲାକାରେ 30 ପ୍ରତିଶତରୁ ଅଧିକ କାର୍ଯ୍ୟ ଚଳିତ ବର୍ଷ ହିଁ ସମ୍ପୂର୍ଣ୍ଣ କରିଛି।

**ସେତୁ ନିର୍ମାଣ :** ପ୍ରଥମେ 7200 ମିଟର ତ' ଏବେ ଏନଡିଏ ଶାସନରେ 14000 କିମି ଅତିରିକ୍ତ ସେତୁ ନିର୍ମାଣ।

**ଟନେଲ ନିର୍ମାଣ :** ପ୍ରଥମେ ଗୋଟିଏ ନିର୍ମାଣ ହୋଇଥିବା ବେଳେ ଏବେ ଏନଡିଏ ଶାସନ କାଳରେ 6ଟି ସମ୍ପୂର୍ଣ୍ଣ ଏବଂ 19ଟିରେ କାର୍ଯ୍ୟ ଜାରି ।

**ରୋଡ କଂକ୍ରିଟକରଣ :** ପୂର୍ବରୁ ବାର୍ଷିକ 140 କିମି ତ' ଏବେ ଏନଡିଏ ଶାସନ କାଳରେ 380 କିମି ବାର୍ଷିକ ବେଗରେ କାମ ଜାରି।

**ସେନାବାହିନୀର** ଅନ୍ୟ ଆବଶ୍ୟକତା, ଯେପରିକି ଯୁଦ୍ଧ ବିମାନ, ଆଧୁନିକ ହେଲିକପ୍ଟର, କ୍ଷେପଣାସ୍ତ୍ର ପ୍ରତିରକ୍ଷା ବ୍ୟବସ୍ଥା ଆଦି ଉପରେ ମଧ୍ୟ ଆମେ ବିଶେଷ ଜୋର ଦେଇଛୁ।

## ଭାରତର ଗୋଟିଏ ଇଞ୍ଚ ଜମିକୁ ମଧ୍ୟ ଦୁନିଆର କୌଣସି ଶକ୍ତି ଛୁଇଁ ପାରିବ ନାହିଁ : ରାଜନାଥ ସିଂହ

*ପ୍ରଧାନମନ୍ତ୍ରୀଙ୍କ ଗସ୍ତର ଗୋଟିଏ ପକ୍ଷ ପରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ମଧ୍ୟ ଲେହ-ଲଦାଖ ସମେତ ଜମ୍ମୁ-କଶ୍ମୀରର ବିଭିନ୍ନ ଅଞ୍ଚଳକୁ ଗସ୍ତ କରି ସୀମାବର୍ତ୍ତୀ ଇଲାକାରେ ସେନାର ପ୍ରସ୍ତୁତି ସମୀକ୍ଷା କରିଥଲେ। ବାବା ବର୍ଫାନୀଙ୍କ ଦର୍ଶନ କରି ଶ୍ରୀ ଅମରନାଥଙ୍କ ଗୁମ୍ଫାକୁ ମଧ୍ୟ ଯାଇଥିଲେ। ଏହି ଗସ୍ତ ଅବସରରେ ପ୍ରତିରକ୍ଷା ମନ୍ତ୍ରୀ କହିଥଲେ :*

ଆପଣମାନଙ୍କ ମଧ୍ୟରେ ସ୍ୱାଭିମାନର ଭାବନା ରହିଛି। ଆପଣମାନେ ସବୁକିଛି ସହିପାରିବେ କିନ୍ତୁ ସ୍ୱାଭିମାନ ଉପରେ ଆଘାତକୁ ସହିପାରିବେ ନାହିଁ। ସବୁଠୁ ଉପରେ ସ୍ୱାଭିମାନ ରହିଥାଏ।

ଏତିକି ବିଶ୍ୱାସ ଦେବାକୁ ଚାହେଁ ଯେ ଭାରତର ଗୋଟିଏ ଇଞ୍ଚ ଜମିକୁ ମଧ୍ୟ ଦୁନିଆର କୌଣସି ଶକ୍ତି ଛୁଇଁ ପାରିବ ନାହିଁ, ତା' ଉପରେ କବଜା କରିପାରିବ ନାହିଁ।



रक्षामंत्री का पूरा संबोधन सुनने के लिए स्कैन करें

ଏବେ ଆଉ ଦୁର୍ବଳ ଭାରତ ନାହିଁ, ଆଜି ନରେନ୍ଦ୍ର ମୋଦୀଙ୍କ ଭଳି ସଶକ୍ତ ନେତୃତ୍ୱ ଅଛନ୍ତି। ଆମ ସ୍ୱାଭିମାନକୁ କେହି ଆଘାତ କରିପାରିବ ନାହିଁ। ଏହା ଆମର ପୁଞ୍ଜି।

- ବୀର ଭୋଗ୍ୟା ବସୁନ୍ଧରା, ଅର୍ଥାତ ବୀର ନିଜର ଅସ୍ତ୍ର ଶକ୍ତି ବଳରେ ହିଁ ମାତୃଭୂମିର ରକ୍ଷା କରିଥାନ୍ତି, ଏ ମାଟି ବୀରଭୋଗ୍ୟା ଅଟେ, ଏହାର ରକ୍ଷା-ସୁରକ୍ଷା ଲାଗି ଆମର ସାମର୍ଥ୍ୟ ଓ ସଂକଳ୍ପ ହିମାଳୟ ଠାରୁ ମଧ୍ୟ ଉଚ୍ଚ । ଏହି ସାମର୍ଥ୍ୟ ଏବଂ ସଂକଳ୍ପ ମୁଁ ଆଜି ଆପଣମାନଙ୍କ ଆଖିରେ, ଚେହେରାରେ ଦେଖିପାରୁଛି ।

- ଆପଣମାନେ ସେହି ମାଟିର ବୀର ଅଟନ୍ତି, ଯେଉଁ ମାଟି ହଜାର ହଜାର ବର୍ଷ ଧରି ଅନେକ ଆକ୍ରମଣକାରୀମାନଙ୍କ ଆକ୍ରମଣ ଓ ଅତ୍ୟାଚାରର ମୁହଁତୋଡ଼ ଜବାବ ଦେଇଛନ୍ତି, ଆମେ ବଂଶୀଧାରୀ ଶ୍ରୀକୃଷ୍ଣଙ୍କୁ ପୂଜା କରିଥାଉ ଏବଂ ସୁଦର୍ଶନ ଚକ୍ରଧାରୀ ଶ୍ରୀକୃଷ୍ଣଙ୍କୁ ମଧ୍ୟ ନିଜ ଆଦର୍ଶ ଭାବେ ଗ୍ରହଣ କରିଥାଉ ।

- 4 କୋରର ସାହସିକତାର କାହାଣୀ ଚତୁର୍ଦ୍ଦିଗରେ ଗୁଞ୍ଜରିତ ହେଉଛି, ବିଶ୍ୱ ଆପଣମାନଙ୍କର ଅଦମ୍ୟ ସାହସକୁ ଦେଖିଛି, ଆପଣମାନଙ୍କର ଶୌର୍ଯ୍ୟ ଗାଥା ପ୍ରତିଘରେ ଗୁଞ୍ଜରିତ ହେଉଛି, ଭାରତର ଶତ୍ରୁମାନେ ଆପଣମାନଙ୍କର ସାହସ ଓ ପରାକ୍ରମକୁ ଦେଖିଛନ୍ତି ।

- ଦୁର୍ବଳ ଶାନ୍ତି ପାଇଁ ପ୍ରୟାସ କରିପାରିବେ ନାହିଁ । ବୀରତ୍ୱ ହିଁ ଶାନ୍ତିର ପୂର୍ବ ସର୍ତ୍ତ । ଭାରତ ଆଜି ଜଳ, ସ୍ଥଳ, ଆକାଶ ଓ ମହାକାଶ ପର୍ଯ୍ୟନ୍ତ ଯଦି ନିଜ ଶକ୍ତିକୁ ବଢ଼ାଉଛି ତ' ତା' ପଛରେ ଲକ୍ଷ୍ୟ ହେଉଛି ମାନବ କଲ୍ୟାଣ।

- ବିସ୍ତାରବାଦର ଯୁଗ ଶେଷ ହୋଇସାରିଛି, ଏହା ବିକାଶବାଦର ଯୁଗ । ଦ୍ରୁତ ଗତିରେ ପରିବର୍ତ୍ତିତ ସମୟରେ ବିକାଶବାଦ ହିଁ ପ୍ରାସଙ୍ଗିକ । ବିକାଶବାଦ ପାଇଁ ହିଁ ସୁଯୋଗ ରହିଛି ଏବଂ ବିକାଶବାଦ ହିଁ ଭବିଷ୍ୟତର ଆଧାର ।

- ଏହା ଭୁଲନ୍ତୁ ନାହିଁ, ଇତିହାସ ସାକ୍ଷୀ ରହିଛି ଯେ ଏପରି ଶକ୍ତି ନଷ୍ଟ ହୋଇଯାଇଛି କିମ୍ବା ପଛକୁ ଫେରିବା ଲାଗି ବାଧ୍ୟ ହୋଇଛି । ବିଶ୍ୱର ସବୁବେଳେ ଏହି ଅଭିଜ୍ଞତା ରହିଛି ଏବଂ ଏହି ଅଭିଜ୍ଞତା ଆଧାରରେ ହିଁ ଏବେ ଏଥର ସାରା ବିଶ୍ୱ ବିସ୍ତାରବାଦ ବିରୋଧରେ ଏକଜୁଟ ହୋଇଛି। ଆଜି ବିଶ୍ୱ ବିକାଶବାଦ ପ୍ରତି ସମର୍ପିତ ଏବଂ ବିକାଶର ଖୋଲା ପ୍ରତିଦ୍ୱନ୍ଦ୍ୱିତାକୁ ସ୍ୱାଗତ କରୁଛି ।

ପ୍ରଧାନମନ୍ତ୍ରୀଙ୍କ ସମ୍ପୂର୍ଣ୍ଣ ଭାଷଣ ଶୁଣିବା ପାଇଁ QR କୋଡ ସ୍କାନ କରନ୍ତୁ

# ଗ୍ଲୋବାଲ ନଲେଜ ସୁପର ପାୱ ଦିଗରେ ଆଗକୁ ବଢୁଛି ଭାରତ



"ମହାମାରୀ ସମୟରେ ପାଦ ଖସି ନଯାଉ", ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ମନ୍ତ୍ର ସହିତ ମହାମାରୀର ମୁକାବିଲା କରିବା ପାଇଁ ରଣନୀତି ପ୍ରସ୍ତୁତ କଲେ । ଏଥିରେ ସେ ଜୀବନ ଓ ଚିନ୍ତା କରି ଦେଶର ଗତିକୁ ଥମିବାକୁ ଦେଲେ ନାହିଁ । ଏବେ ଶିକ୍ଷା କ୍ଷେତ୍ରରେ ମଧ ଭାରତକୁ ପ୍ରୟାସ ଅନ୍ତର୍ଗତ ଲକଡାଉନ ମଧ୍ୟରେ ହିଁ ପ୍ରଧାନମନ୍ତ୍ରୀ ଶିକ୍ଷା କ୍ଷେତ୍ରରେ ନିର୍ଣ୍ଣାୟକ ପଦକ୍ଷେ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ଓ ଦକ୍ଷତାରେ ପରିପୂର୍ଣ୍ଣ କରିବା ଲାଗି ସ୍ୱାଧୀନ ଭାରତର ନୂଆ ଶିକ୍ଷାନୀ ଏବେ ଘରୋଇ ହେଉ ଅବା ସରକାରୀ ସଂସ୍ଥାନ, ଦେଶରେ ସମସ୍ତଙ୍କୁ ମିଳିବ ସମାନ ଶିକ୍ଷା

# ର ହେବା



କରୋନା ଭଳି ବିଶ୍ୱ
ଜୀବିକାର ସୁରକ୍ଷା ନିମନ୍ତେ
ଆତ୍ମନିର୍ଭରଶୀଳ କରିବାର
ଗ୍ରହଣ କରି 36 କୋଟି
ତିକୁ ସାମଗ୍ରିକ ରୂପ ଦେଲେ ।
...

ବର୍ଷ 2014ରେ ଦେଶର ରାଜନୈତିକ ଦୃଶ୍ୟପଟ୍ଟ ପରିବର୍ତ୍ତିତ ହେଲା । ଦେଶର ଆଶା ମଧ୍ୟ ବଢ଼ିଲା ଓ ବର୍ତ୍ତମାନର ସରକାର ଦେଶରେ ଦୀର୍ଘ ଦଶନ୍ଧି ଧରି ଚାଲିଆସିଥିବା ଲଟକାଇବା-ଅଟକାଇବା ପରମ୍ପରାକୁ ଆଡ଼େଇ ଦେଇ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ଆରମ୍ଭ କରି ଦେଲେ । ଯାହାର ଫଳସ୍ୱରୂପ ନରେନ୍ଦ୍ର ମୋଦୀ ସରକାରଙ୍କର ବିଗତ 6 ବର୍ଷର ଶାସନ କାଳ ମଧ୍ୟରେ ଏପରି ସାମଗ୍ରିକ ଶିକ୍ଷା ନୀତି ପ୍ରସ୍ତୁତ ହେଲା, ଯାହାକୁ କେବଳ ବୌଦ୍ଧିକ ଜଗତ ନୁହେଁ, ବରଂ ସାଧାରଣ ଜନତା ମଧ୍ୟ ସ୍ୱାଗତ କରୁଛନ୍ତି । ହେଲେ ଖୁବ କମ ଲୋକ ଜାଣନ୍ତି ଯେ ଲକଡାଉନ-2 ସମ୍ପୂର୍ଣ୍ଣ ହେବାର ଦୁଇ ଦିନ ପୂର୍ବରୁ (1 ମଇ)ରେ ହିଁ ପ୍ରଧାନମନ୍ତ୍ରୀ ନୂଆ ଶିକ୍ଷା ନୀତିରେ ଆଇଟିର ଉପଯୋଗ ଏବଂ ସମସ୍ତ ସହଜ ଗୁଣବତ୍ତା ପୂର୍ଣ୍ଣ ଶିକ୍ଷା ପ୍ରଦାନର ଢାଞ୍ଚା ପ୍ରସ୍ତୁତ କରି ନେଇଥିଲେ । ଏହି ବୈଠକରେ ପ୍ରଧାନମନ୍ତ୍ରୀ ସ୍ପଷ୍ଟ ଭାବେ କହିଦେଇଥିଲେ ଯେ ଭାରତକୁ "ଗ୍ଲୋବାଲ ନଲେଜ ସୁପର ପାୱାର" ହେବାକୁ ପଡ଼ିବ । ଏବେ କେନ୍ଦ୍ର କ୍ୟାବିନେଟ 29 ଜୁଲାଇରେ ନୂଆ ଶିକ୍ଷା ନୀତିକୁ ମଞ୍ଜୁରି ଦେଇଛନ୍ତି, ଏହାଦ୍ୱାରା ଶିକ୍ଷା କ୍ଷେତ୍ରରେ ବ୍ୟାପକ ସୁଧାର ପାଇଁ ମାର୍ଗପ୍ରଶସ୍ତ ହୋଇଛି । ଏହି ନୀତି ସମ୍ପର୍କରେ ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ ସମସ୍ତଙ୍କ ପାଇଁ ସହଜ ପହଞ୍ଚ, ସମାନତା, ଗୁଣବତ୍ତା, ଶସ୍ତା-ସୁଲଭ ଏବଂ ଉତ୍ତରଦାୟିତ୍ୱର ମୌଳିକ ଢାଞ୍ଚା ଉପରେ ନିର୍ମିତ ଏହି ନୂଆ ଶିକ୍ଷା ନୀତି ଏସଡିଜି 2030 ଅନୁକୂଳ । ଏହାର ଉଦ୍ଦେଶ୍ୟ ହେଉଛି ଏକ ବିଂଶ ଶତାବ୍ଦୀର ଆବଶ୍ୟକତା ଅନୁକୂଳ ସ୍କୁଲ ଓ କଲେଜ ଶିକ୍ଷାକୁ ଅଧିକ ସାମଗ୍ରିକ ତଥା ନମନୀୟ କରିବା । ଯାହାଦ୍ୱାରା ଭାରତକୁ ଏକ ଜ୍ଞାନ ଆଧାରିତ ଜୀବନ୍ତ ସମାଜ ମିଳିପାରିବ ଏବଂ ଏହା ଏକ ଜ୍ଞାନ ମହାଶକ୍ତି ଭାବେ ରୂପାନ୍ତରିତ ହୋଇ ଅଦ୍ୱିତୀୟ କ୍ଷମତାର ବିକାଶ କରିପାରିବ । କେବଳ ସେତିକି ନୁହେଁ, ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ଏବେ ଶିକ୍ଷା ମନ୍ତ୍ରଣାଳୟ ନାମରେ ପରିଚିତ ହେବ ।

## ନୂଆ ଶିକ୍ଷା ନୀତିର ଚାରିଟି ପ୍ରମୁଖ ଉଦ୍ଦେଶ୍ୟ




- ଶିକ୍ଷା ନୀତି-2020 ଅନ୍ତର୍ଗତ ଶିକ୍ଷା କ୍ଷେତ୍ରରେ ଦେଶର ଜିଡିପିର ପାଖାପାଖି 6% ଅଂଶ ସହ ସମାନ ଖର୍ଚ୍ଚ କରିବା ଲାଗି ଲକ୍ଷ୍ୟ ରଖାଯାଇଛି । ବର୍ତ୍ତମାନ ଏହା ଜିଡିପିର 4.43% ରହିଛି ।
- ବୈଷୟିକ ଶିକ୍ଷା, ଭାଷାଗତ ବାଧ୍ୟବାଧକତାକୁ ଦୂର କରିବା ଶିକ୍ଷାକୁ ସୁଗମ କରିବା ଆଦି ନିମନ୍ତେ ଜ୍ଞାନକୌଶଳର ପ୍ରୟୋଗକୁ ପ୍ରୋତ୍ସାହନ ଦେବା ଉପରେ ଗୁରୁତ୍ୱାରୋପ କରାଯାଇଛି ।
- ଶିକ୍ଷା ନୀତିରେ ଛାତ୍ରଛାତ୍ରୀଙ୍କ ଅଭିନବ ଚିନ୍ତାଧାରା, ତାର୍କିକ ନିଷ୍ପତ୍ତି ଓ ନବୋନ୍ମେଷ ଭାବନାକୁ ପ୍ରୋତ୍ସାହିତ କରିବା ଉପରେ ଗୁରୁତ୍ୱାରୋପ କରାଯାଇଛି ।

# ଜାତୀୟ ଶିକ୍ଷା ନୀତିର ନୂଆ

## ବିଦ୍ୟାଳୟ ଶିକ୍ଷା ମଧ୍ୟାହ୍ନ ଭୋଜନ ପୂର୍ବରୁ ଏବେ ମିଳିବ ଜଳଖିଆ

### ● ପାଠ୍ୟକ୍ରମରେ ପରିବର୍ତ୍ତନ


ବିଦ୍ୟାଳୟ ଶିକ୍ଷାର 15 ଏବଂ ଟିଚର ଏଜୁକେସନର 11 ବର୍ଷ ପୁରୁଣା ପାଠ୍ୟକ୍ରମ ବଦଳିବ । ପ୍ରାକ-ବିଦ୍ୟାଳୟ ପାଠ୍ୟକ୍ରମ ମଧ ସଂଯୁକ୍ତ ହେବ । କସ୍ତୁରବା ବିଦ୍ୟାଳୟରେ ଏବେ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପାଠପଢ଼ା ସୁବିଧା ରହିବ ।

### ● ଏବେ ଜଳଖିଆ

ପ୍ରାକ-ପ୍ରାଥମିକ ଏବଂ ପ୍ରାଥମିକ ବିଦ୍ୟାଳୟରେ ପିଲାମାନଙ୍କୁ ଆହୁରି ଅଧିକ ମାନସିକ ପୁଷ୍ଟିସାଧନ ପ୍ରଦାନ କରିବା ଲାଗି ମଧ୍ୟାହ୍ନ ଭୋଜନ ପୂର୍ବରୁ ଜଳଖିଆ ବ୍ୟବସ୍ଥା କରାଯିବ। ଏଥିରେ ପୁଷ୍ଟିକର ଆହାର, ଯେପରି ଅଣ୍ଡା କିମ୍ବା ଫଳ ଓ ଡ୍ରାଏ ଫ୍ରୁଟ ମିଳିବ ।

### ● ପ୍ଲେ ସ୍କୁଲର ଅବଧାରଣା

10+2 ସ୍ଥାନରେ ଏବେ 5+3+3+4 ସିଷ୍ଟମ। ନୂଆ ସିଷ୍ଟମ ଯଥାକ୍ରମେ 3-8, 8-11, 11-14, ଏବଂ 14-18 ବର୍ଷର ପିଲାମାନଙ୍କ ପାଇଁ ଉଦ୍ଦିଷ୍ଟ । 3ରୁ 6 ବର୍ଷର ପିଲାମାନଙ୍କୁ ବିଦ୍ୟାଳୟ ପାଠ୍ୟକ୍ରମ ଅଧୀନକୁ ଅଣାଯିବ । ଏଥିରେ 3 ବର୍ଷରେ ଅଙ୍ଗନୱାଡ଼ି/ ପ୍ରାକ ବିଦ୍ୟାଳୟ ଶିକ୍ଷା ସହିତ 12 ବର୍ଷ ପର୍ଯ୍ୟନ୍ତ ଶିକ୍ଷା ଦିଆଯିବ ।




### ● ମାତୃଭାଷାକୁ ଗୁରୁତ୍ୱ

ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ମାତୃଭାଷା ଓ ଆଞ୍ଚଳିକ ଭାଷାରେ ଶିକ୍ଷା ପ୍ରଦାନ କରାଯିବ । କୌଣସି ଭାଷା ବାଧ୍ୟତାମୂଳକ ଭାବେ ପଢ଼ାଯିବ ନାହିଁ । ପାଠ୍ୟକ୍ରମରେ କେବଳ ଜରୁରି ବିଷୟ ରହିବ। ସାରା ଦେଶରେ ଏକସମାନ ପାଠ୍ୟସୂଚୀ ସହିତ ଶିକ୍ଷାଦାନ କରାଯିବ ।

### ● କୋଡିଂ ଶିକ୍ଷା ଦିଆଯିବ

ଗଣିତ ଶିକ୍ଷାଦାନ ନିମନ୍ତେ ଷଷ୍ଠ ଶ୍ରେଣୀରୁ ହିଁ କୋଡିଂ ବ୍ୟବସ୍ଥା କରାଯିବ । ବିଦ୍ୟାଳୟ ଶିକ୍ଷା ନିମନ୍ତେ ଏକ ନୂଆ ଏବଂ ବ୍ୟାପକ ଜାତୀୟ ପାଠ୍ୟକ୍ରମ ଫ୍ରେମୱର୍କ, NCFSE 2020-21, NCERT ଦ୍ୱାରା ବିକଶିତ କରାଯିବ । ମୌଳିକ ସାକ୍ଷରତା ଏବଂ ସଂଖ୍ୟାଭିତ୍ତିକ ଜ୍ଞାନ ଉପରେ ଏକ ଜାତୀୟ ମିଶନ ପ୍ରତିଷ୍ଠା କରାଯିବ ।

### ● ଧନ୍ଦାମୂଳକ ପାଠ୍ୟକ୍ରମ

**ଷଷ୍ଠରୁ ବ୍ୟବସାୟିକ ଶିକ୍ଷା ଇଣ୍ଟର୍ଣ୍ଣସିପ ସହିତ ଆରମ୍ଭ ହେବ । ଷଷ୍ଠ ଶ୍ରେଣୀରୁ ହିଁ ବିଷୟଗୁଡ଼ିକର ଇଣ୍ଟ୍ରୋଡକ୍ସନ କରାଯିବ ।**



### ● ପରୀକ୍ଷାରେ ପରିବର୍ତ୍ତନ

ଶ୍ରେଣୀ 3, 5 ଏବଂ 8ରେ ପରୀକ୍ଷା ଆୟୋଜିତ ହେବ । ଦଶମ ଓ ଦ୍ୱାଦଶରେ ବୋର୍ଡ ପରୀକ୍ଷା ସେମିଷ୍ଟର ସିଷ୍ଟମ ଅନ୍ତର୍ଗତ ବିକଳ୍ପ ଆଧାରିତ ଓ ବ୍ୟାଖ୍ୟାମୂକ ହେବ, ଯାହାଦ୍ୱାରା ମୂଲ୍ୟାଙ୍କନ ଜ୍ଞାନ ଆଧାରିତ ହେବ, ଘୋଷା ପାଠ ନୁହେଁ ।

### ● ଏଆଇର ପ୍ରୟୋଗ

ମୂଲ୍ୟାଙ୍କନ ତିନୋଟି ସ୍ତରରେ କରାଯିବ । ପ୍ରଥମ ନିଜେ, ଦ୍ୱିତୀୟ ସେମାନଙ୍କ ସାଥୀଙ୍କ ଦ୍ୱାରା ଏବଂ ତୃତୀୟରେ ଶିକ୍ଷକ କରିବେ । ଦ୍ୱାଦଶ ପାସ କରିବା ପରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ସହାୟତାରେ ସମ୍ପୂର୍ଣ୍ଣ ମୂଲ୍ୟାଙ୍କନ ପ୍ରସ୍ତୁତ ହେବ ।

### ● ସମସ୍ତ ବିଷୟ ସମାନ

ପାଠ୍ୟକ୍ରମ ବାହାରର ଗତିବିଧି ସଙ୍ଗୀତ, ପିଟି ଭଳି ବିକଳ୍ପ ବିଷୟ ପ୍ରତି ଗୁରୁତ୍ୱ ଦିଆଯିବ। ଏହାର ଉଦ୍ଦେଶ୍ୟ 3ରୁ 6 ପ୍ରତିଶତ ମେଧାବୀ ପ୍ରତିଭାଙ୍କୁ ଚିହ୍ନଟ କରିବା ।

# ବ୍ୟବସ୍ଥାଗୁଡ଼ିକୁ ଏପରି ବୁଝନ୍ତୁ...

## ଉଚ୍ଚ ଶିକ୍ଷା | ମଲ୍ଟିଲେୟର ଡିଗ୍ରୀ ସହିତ ଗବେଷଣାକୁ ପ୍ରୋତ୍ସାହନ



### • ମଲ୍ଟିଲେୟର ଡିଗ୍ରୀ

ପ୍ରଥମ ଥର ପାଇଁ ମଲ୍ଟିଲେୟର ବିଶିଷ୍ଟ କରାଯାଇଛି । ଅର୍ଥାତ ଯେଉଁ ଛାତ୍ରମାନେ କୌଣସି କାରଣବଶତଃ ବର୍ଷେ କିମ୍ବା ଦୁଇ ବର୍ଷ ପରେ ପାଠପଢ଼ା ଛାଡ଼ିଦେବେ ସେମାନଙ୍କୁ ମଧ୍ୟ ମାନ୍ୟତା ମିଳିବ । ଗୋଟିଏ ବର୍ଷ ପଢ଼ିବା ପାଇଁ ସାର୍ଟିଫିକେଟ, ଦୁଇ ବର୍ଷ ପାଇଁ ଡିପ୍ଲୋମା, ତିନି ବର୍ଷ ପାଇଁ ଡ଼ିଗ୍ରୀ ଓ ଚାରି ବର୍ଷ ପାଇଁ ଗବେଷଣା ସହିତ ଡିଗ୍ରୀ ହାସଲ କରାଯାଇପାରିବ ।

### • ଭାରତୀୟ ଭାଷାକୁ ପ୍ରୋତ୍ସାହନ

ଭାରତୀୟ ଭାଷା ପାଇଁ ସଂରକ୍ଷଣ ଓ ବିକାଶକୁ ପ୍ରୋତ୍ସାହନ ଦିଆଯିବ । ପାଲି, ପାର୍ସୀ ଏବଂ ପ୍ରାକୃତ ଭାଷା ଲାଗି ଏକ ଇଣ୍ଡିଆନ ଇନଷ୍ଟିଚ୍ୟୁଟ ଅଫ ଟ୍ରାନ୍ସଲେସନ ଏଣ୍ଡ ଇଣ୍ଟର୍ପ୍ରିଟସିପ ପ୍ରତିଷ୍ଠା କରାଯିବ । ଶିକ୍ଷାର ମାଧ୍ୟମ ଭାବେ ମାତୃଭାଷା/ସ୍ଥାନୀୟ ଭାଷାର ଉପଯୋଗ ପାଇଁ ସୁପାରିସ କରାଯାଇଛି ।

### • ନେସନାଲ ରିସର୍ଚ୍ଚ ଫାଉଣ୍ଡେସନ

ଭାରତରେ ନେସନାଲ ରିସର୍ଚ୍ଚ ଫାଉଣ୍ଡେସନର ପ୍ରତିଷ୍ଠା କରାଯିବ । ଏଥିରେ କେବଳ ବିଜ୍ଞାନ ନୁହେଁ ସାମାଜିକ ବିଜ୍ଞାନ ମଧ୍ୟ ସାମିଲ ହେବ। ଏହା ବଡ଼ ପ୍ରୋଜେକ୍ଟ ପାଇଁ ଅର୍ଥ ଯୋଗାଇ ଦେବ। ଶିକ୍ଷା ସହିତ ଗବେଷଣା କ୍ଷେତ୍ରରେ ମଧ୍ୟ ଆଗକୁ ଆସିବାରେ ସହାୟତା କରିବ ।

### • ନୂଆ ସିଟ

ଉଚ୍ଚତର ଶିକ୍ଷାରେ ସକଳ ନାମାଙ୍କନ ଅନୁପାତକୁ 26.3%ରୁ ବଢ଼ାଇ 2035 ସୁଦ୍ଧା 50% କରାଯିବାକୁ ଲକ୍ଷ୍ୟ ରଖାଯାଇଛି । ଉଚ୍ଚଶିକ୍ଷା ସଂସ୍ଥାନଗୁଡ଼ିକରେ 3.5 କୋଟି ନୂଆ ସିଟ ଯୋଡ଼ାଯିବ । 2030 ସୁଦ୍ଧା 100% ଯୁବ ଏବଂ ପ୍ରୌଢ଼ ସାକ୍ଷରତା ହାସଲ କରିବାକୁ ଲକ୍ଷ୍ୟ ରଖାଯାଇଛି ।

### • ଗବେଷଣାକୁ ପ୍ରୋତ୍ସାହନ

ସ୍ନାତକ ଏବେ 3 ବର୍ଷ ସହିତ 4 ବର୍ଷ ପର୍ଯ୍ୟନ୍ତ ହେବ । ଯେଉଁମାନେ ଗବେଷଣା କ୍ଷେତ୍ରକୁ ଯିବା ଲାଗି ଚାହୁଁଛନ୍ତି, ସେମାନେ 4 ଏବଂ ଯେଉଁମାନେ ଚାକିରି କରିବାକୁ ଚାହୁଁଛନ୍ତି ସେମାନେ 3 ବର୍ଷର ବିକଳ୍ପ ଚୟନ କରିପାରିବେ । 4 ବର୍ଷର ଡିଗ୍ରୀ ପରେ ଆପଣ ଗୋଟିଏ ବର୍ଷର ପିଜି ଡିଗ୍ରୀ କରି ପିଏଚଡି ଲାଭ କରିପାରିବେ । ଏମଫିଲକୁ ଉଚ୍ଛେଦ କରି ଦିଆଯାଇଛି ।



### • ସିଙ୍ଗଲ ରେଗୁଲେଟର

ଉଚ୍ଚ ଶିକ୍ଷା ନିମନ୍ତେ ସାରା ଦେଶରେ ଗୋଟିଏ ନିୟାମକ ସଂସ୍ଥା ବା ସିଙ୍ଗଲ ରେଗୁଲେଟର ରହିବ। ଆଇନ ଓ ଡାକ୍ତରୀ ଶିକ୍ଷାକୁ ଛାଡ଼ି ସମସ୍ତ ଉଚ୍ଚ ଶିକ୍ଷା ନିମନ୍ତେ ଗୋଟିଏ ସଂସ୍ଥାନର ଗଠନ କରାଯିବ।

### • ନିଜସ୍ୱ ପାଠ୍ୟକ୍ରମ

ଅଣ୍ଡର ଗ୍ରାଜୁଏଟ କଲେଜଗୁଡ଼ିକ ନିଜସ୍ୱ ସିଲାବସ ଓ କରିକୁଲମ ନିର୍ଦ୍ଧାରଣ କରିପାରିବେ । କଲେଜଗୁଡ଼ିକୁ ମାନ୍ୟତା ଦେବାର ବ୍ୟବସ୍ଥା 15 ବର୍ଷରେ ଶେଷ ହୋଇଯିବ । ଏଗୁଡ଼ିକୁ ପୂର୍ବାପେକ୍ଷା ଅଧିକ ସ୍ୱାୟତ୍ତତା ମିଳିପାରିବ ।

### • ଏକାଡେମିକ ବ୍ୟାଙ୍କ

ଛାତ୍ରଛାତ୍ରୀ ଯେଉଁ ପାଠ ପଢ଼ିବେ ତାହା ଏକାଡେମିକ କ୍ରେଡିଟ ଭାବେ ଏହି ବ୍ୟାଙ୍କରେ ଜମା ହୋଇଯିବ। ଯାହାକୁ ଡିଜି ଲକର ମାଧ୍ୟମରେ ଯେକୌଣସି ସମୟରେ ଆକ୍ସେସ କରାଯାଇପାରିବ।

### • ଅନ୍ତର୍ଜାତୀୟ ସ୍ତରର ଶିକ୍ଷା

କେବଳ ଶୀର୍ଷ ରାଙ୍କିଙ୍ଗ ପ୍ରାପ୍ତ ବିଶ୍ୱବିଦ୍ୟାଳୟଗୁଡ଼ିକୁ ଭାରତରେ କ୍ୟାମ୍ପସ ଖୋଲିବା ନିମନ୍ତେ ଅନୁମତି ମିଳିବ । ଆମର ଛାତ୍ରଛାତ୍ରୀ କେବଳ ହାଇ ରାଙ୍କିଙ୍ଗ ବିଶିଷ୍ଟ ବିଶ୍ୱବିଦ୍ୟାଳୟକୁ ହିଁ ଯିବେ ।














ନୂଆ ଶିକ୍ଷା ନୀତି ଉପରେ ପ୍ରଧାନମନ୍ତ୍ରୀଙ୍କ ଏହି ସମ୍ବୋଧନକୁ ଶୁଣିବା ଲାଗି QR କୋଡ ସ୍କାନ କରନ୍ତୁ ।

# ନୂଆ ଶିକ୍ଷା ନୀତି ବାବା ସାହେବ ଆମ୍ବେଦକରଙ୍କ ବିଚାର ପ୍ରତି ସମର୍ପିତ : ପ୍ରଧାନମନ୍ତ୍ରୀ

**ଶିକ୍ଷା କ୍ଷେତ୍ରରେ ସଂସ୍କାର ଲାଗି ପ୍ରସ୍ତୁତ କରାଯାଇଥିବା ନୂଆ ଶିକ୍ଷା ନୀତିକୁ ପ୍ରଧାନମନ୍ତ୍ରୀ ଏକବିଂଶ ଶତାବ୍ଦୀରେ ଦ୍ରୁତ ପରିବର୍ତ୍ତନ ଆଣିବା ଭଳି ପଦକ୍ଷେପ ଭାବେ ଅଭିହିତ କରିଥିଲେ । ସେ ଏହି ଭରସା ମଧ୍ୟ ଦେଇଥିଲେ ଯେ ଆଜି ଭାରତର ଯୁବକମାନେ ଦେଶ ଆଗରେ ଆସୁଥିବା ଯେକୌଣସି ଆହ୍ୱାନର ସାମନା କରି ତା'ର ସମାଧାନ ଖୋଜିପାରିବେ। ସ୍ମାର୍ଟ ଇଣ୍ଡିଆ ହ୍ୟାକାଥନକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ଦେଶର ଐତିହାସିକ ନୂଆ ଶିକ୍ଷା ନୀତିର ପ୍ରତିଟି ଦିଗକୁ ସରଳ ଢଙ୍ଗରେ ବୁଝାଇ ଦେଇଥିଲେ । ତାଙ୍କ ଉଦବୋଧନର ପ୍ରମୁଖ ବିନ୍ଦୁ:**

- ଆମ ସମ୍ବିଧାନର ମୁଖ୍ୟ ଶିଳ୍ପୀ, ଆମ ଦେଶର ମହାନ ଶିକ୍ଷାବିତ ବାବା ସାହେବ ଆମ୍ବେଦକର କହିଥିଲେ ଯେ "ଶିକ୍ଷା ଏପରି ହେବା ଉଚିତ୍ ଯାହା ସମସ୍ତଙ୍କୁ ମିଳିପାରୁଥିବ, ସମସ୍ତଙ୍କ ପାଇଁ ସୁଲଭ ହୋଇଥିବ।" ନୂଆ ଶିକ୍ଷା ନୀତି, ତାଙ୍କର ଏହି ବିଚାର ପ୍ରତି ମଧ୍ୟ ସମର୍ପିତ ।
- ଏ ଶିକ୍ଷା ନୀତି, ଚାକିରି ମାଗିବା ଲୋକଙ୍କ ପରିବର୍ତ୍ତେ ଚାକିରି ଦେବା ଲୋକଙ୍କୁ ସୃଷ୍ଟି କରିବା ଉପରେ ଜୋର ଦେଉଛି । ଅର୍ଥାତ ଏକପ୍ରକାରରେ ଏହା ଆମ ମାନସିକତାରେ, ଆମ ଚିନ୍ତାଧାରାରେ ହିଁ ସଂସ୍କାର ଆଣିବ ।
- ଆମ ଦେଶରେ ଭାଷା ସବୁବେଳେ ଏକ ସମ୍ବେଦନଶୀଳ ବିଷୟ ହୋଇ ରହିଆସିଛି। ଏହାର ଏକ ବଡ଼ କାରଣ ହେଉଛି ଆମର ଏଠାରେ ସ୍ଥାନୀୟ ଭାଷାକୁ ଯଥାରୂପରେ ରହିବାକୁ ଛାଡ଼ି ଦିଆଯାଇଛି, ତାହାର ପ୍ରୋତ୍ସାହନ କିମ୍ବା ଆଗକୁ ବଢ଼ାଇବାର ସୁଯୋଗ ଖୁବ କମ ମିଳିଛି ।
- ଏବେ ଶିକ୍ଷା ନୀତିରେ ଯେଉଁ ପରିବର୍ତ୍ତନ ଆସିଛି, ତାହା ଦ୍ୱାରା ସ୍ଥାନୀୟ ଭାଷାଗୁଡ଼ିକ ଆଗକୁ ବଢ଼ିପାରିବେ, ସେଗୁଡ଼ିକ ଆହୁରି ବିକଶିତ ହୋଇପାରିବେ । ଏଗୁଡ଼ିକ ଭାରତୀୟ ଜ୍ଞାନକୁ ବଢ଼ାଇବା ସହିତ ଭାରତର ଏକତାକୁ ମଧ୍ୟ ସମୃଦ୍ଧ କରିବେ ।
- ବର୍ତ୍ତମାନ ଜିଡିପି ଆଧାରରେ ବିଶ୍ୱର ଶୀର୍ଷ 20ଟି ଦେଶର ତାଲିକାକୁ ଦେଖିଲେ ଅଧିକାଂଶ ଦେଶ ନିଜର ରାଷ୍ଟ୍ରଭାଷା, ମାତୃଭାଷାରେ ହିଁ ଶିକ୍ଷାଦାନ କରୁଛନ୍ତି । ଏ ଦେଶଗୁଡ଼ିକ ନିଜ ଦେଶର ଯୁବକମାନଙ୍କ ଚିନ୍ତାଧାରା ଓ ବୁଦ୍ଧିମତାକୁ ନିଜ ଭାଷାରେ ହିଁ ବିକଶିତ କରୁଛନ୍ତି । ବିଶ୍ୱ ସହିତ ବାର୍ତ୍ତାଳାପ କରିବା ଲାଗି ଅନ୍ୟ ଭାଷା ଉପରେ ମଧ୍ୟ ଗୁରୁତ୍ୱାରୋପ କରୁଛନ୍ତି ।
- ଗୋଟିଏ ପଟେ ସ୍ଥାନୀୟ ଲୋକକଳା, ବିଦ୍ୟା, ଶାସ୍ତ୍ରୀୟ କଳା ଓ ଜ୍ଞାନକୁ ସ୍ୱାଭାବିକ ସ୍ଥାନ ଦେବା କଥା କୁହାଯାଇଥିବା ବେଳେ ଅନ୍ୟପଟେ ଶୀର୍ଷ ବୈଶ୍ୱିକ ଶିକ୍ଷାନୁଷ୍ଠାନଗୁଡ଼ିକୁ ଭାରତରେ କ୍ୟାମ୍ପସ ଖୋଲିବା ନିମନ୍ତେ ଆମନ୍ତ୍ରଣ କରାଯାଇଛି ।
- ନୂଆ ଶିକ୍ଷା ନୀତିରେ ପ୍ରାଥମିକ ଠାରୁ ଆରମ୍ଭ କରି ଉଚ୍ଚ ଶିକ୍ଷା ପର୍ଯ୍ୟନ୍ତ ସମସ୍ତଙ୍କୁ ସହଜ ସୁଲଭ ଭାବେ ଶିକ୍ଷାଧିକାର ଉପଲବ୍ଧ କରାଇବାର ବ୍ୟବସ୍ଥା କରାଯାଇଛି । ଏହାର ଉଦ୍ଦେଶ୍ୟ ସକଳ ନାମାଙ୍କନ ହାରକୁ 2035 ସୁଦ୍ଧା 50% କରିବା ।

> ଏକବିଂଶ ଶତାବ୍ଦୀ ଜ୍ଞାନର ଯୁଗ । ବର୍ତ୍ତମାନର ସମୟ ଲର୍ଣ୍ଣିଂ, ରିସର୍ଚ୍ଚ, ଇନୋଭେସନକୁ ପ୍ରୋତ୍ସାହନ ଦେବା। ଏହାକୁ ଭାରତର ନୂଆ ଶିକ୍ଷା ନୀତିରେ ସମାହିତ କରାଯାଇଛି ।

- ଦେଶର ଯୁବ ଶକ୍ତି ଉପରେ ମୋର ସବୁବେଳେ ଭରସା ରହି ଆସିଛି, ଯାହାକୁ ଦେଶର ଯୁବକମାନେ ବାରମ୍ବାର ପ୍ରମାଣିତ କରିଛନ୍ତି ।
- ଆପଣମାନେ ଆତ୍ମନିର୍ଭର ଭାରତର ଆକାଂକ୍ଷା ଶକ୍ତି ଅଟନ୍ତି । ଦେଶର ଗରିବମାନଙ୍କୁ ଏକ ଉନ୍ନତ ଜୀବନ ଦେବା ଲାଗି, ସହଜ ଜୀବନଧାରଣ ନିମନ୍ତେ ଆମର ଲକ୍ଷ୍ୟ ହାସଲ କରିବାରେ ଆପଣମାନେ ସମସ୍ତେ ଯୁବପିଢ଼ି ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିପାରିବେ । ସବୁବେଳେ ମୋର ବିଶ୍ୱାସ ରହିଆସିଛି ଯେ ଦେଶର ସବୁ ସମସ୍ୟାର ସମାଧାନ ମାର୍ଗ ଯୁବପିଢ଼ିଙ୍କ ନିକଟରେ ରହିଛି। ଏମିତି କୌଣସି ସମସ୍ୟା ନାହିଁ ଯାହାର ସମାଧାନ ସେମାନେ ଖୋଜିପାରିବେ ନାହିଁ ।
- ଏହି ଶିକ୍ଷା ନୀତିର ସବୁଠୁ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ଏହା ଆନ୍ତଃବିଷୟୀ ଅଧ୍ୟୟନ ଉପରେ ଗୁରୁତ୍ୱାରୋପ କରିଥାଏ, ଯାହାର ବେଶ ପ୍ରଶଂସା କରାଯାଉଛି । ଏହା ସତ ଯେ ଗୋଟିଏ ସାଇଜ ସମସ୍ତଙ୍କୁ ଫିଟ ହୁଏ ନାହିଁ ସେହିପରି ଗୋଟିଏ ବିଷୟ ଆପଣଙ୍କ ଦକ୍ଷତାକୁ ପରିଭାଷିତ କରିପାରିବ ନାହିଁ ।
- ଭାରତର ଜାତୀୟ ଶିକ୍ଷା ନୀତିର ଭାବନା

ହେଉଛି ସ୍କୁଲ ବ୍ୟାଗର ବୋଝ ହଟାଇ ଆଗକୁ ବଢ଼ିବା ।

- ନୂଆ ଶିକ୍ଷା ନୀତିର ଆଉ ଗୋଟିଏ ବିଶେଷତ୍ୱ ହେଉଛି ଏହା ଲୋକାଲ ଉପରେ ଯେତିକି ଫୋକସ କରୁଛି, ସେତିକି ଗ୍ଲୋବାଲ ସହିତ ଇଣ୍ଟିଗ୍ରେଟ ହେବା ଉପରେ ମଧ୍ୟ ଜୋର ଦେଉଛି ।
- ଏହି ଶିକ୍ଷା ନୀତିର ସବୁଠୁ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ଏହା ଆନ୍ତଃବିଷୟୀ ଅଧ୍ୟୟନ ଉପରେ ଗୁରୁତ୍ୱାରୋପ କରିଥାଏ, ଯାହାର ବେଶ ପ୍ରଶଂସା କରାଯାଉଛି । ଏହା ସତ ଯେ ଗୋଟିଏ ସାଇଜ ସମସ୍ତଙ୍କୁ ଫିଟ ହୁଏ ନାହିଁ ସେହିପରି ଗୋଟିଏ ବିଷୟ ଆପଣଙ୍କ ଦକ୍ଷତାକୁ ପରିଭାଷିତ କରିପାରିବ ନାହିଁ ।
- ଭାରତର ଜାତୀୟ ଶିକ୍ଷା ନୀତିର ଭାବନା ହେଉଛି ସ୍କୁଲ ବ୍ୟାଗର ବୋଝ ହଟାଇ ଆଗକୁ ବଢ଼ିବା ।
- ନୂଆ ଶିକ୍ଷା ନୀତିର ଆଉ ଗୋଟିଏ ବିଶେଷତ୍ୱ ହେଉଛି ଏହା ଲୋକାଲ ଉପରେ ଯେତିକି ଫୋକସ କରୁଛି, ସେତିକି ଗ୍ଲୋବାଲ ସହିତ ଇଣ୍ଟିଗ୍ରେଟ ହେବା ଉପରେ ମଧ୍ୟ ଜୋର ଦେଉଛି ।
- ଏହି ବାଧ୍ୟବାଧକତା ଦେଶର ଜନସଂଖ୍ୟାରେ ଏପରି ଏକ ସମୁଦାୟ ସୃଷ୍ଟି କରିଛି, ଯେଉଁମାନେ ଲେଖାପଢ଼ା ତ'ଜାଣିଛନ୍ତି, କିନ୍ତୁ ସେମାନେ ଯାହା ପଢ଼ିଛନ୍ତି ସେଥିମଧ୍ୟରୁ ଅଧିକାଂଶ ତାଙ୍କର କାମରେ ଲାଗୁ ନାହିଁ। ଏକାଧିକ ଡିଗ୍ରୀ ହାସଲ କରିଥିଲେ ସୁଦ୍ଧା ସେମାନେ ନିଜ ଭିତରେ ଏକ ଅଧୁରାପଣର ଅନୁଭବ କରୁଛନ୍ତି ।
- ଆପଣମାନେ ନିଜ ଆଖପାଖରେ ଦେଖିପାରୁଥିବେ, ଆଜି ବି ଅନେକ ପିଲାମାନଙ୍କୁ ଲାଗୁଛି ଯେ ସେମାନଙ୍କୁ ଏପରି ଏକ ବିଷୟ ଆଧାରରେ ତୁଳନା କରାଯାଉଛି, ଯେଉଁଥିରେ ସେମାନଙ୍କର କୌଣସି ଆଗ୍ରହ ନାହିଁ। ମାତା-ପିତାଙ୍କର, ସମ୍ପର୍କୀୟ, ବନ୍ଧୁ, ସମ୍ପୂର୍ଣ୍ଣ ପରିବେଶର ପ୍ରେସର ରହିଲେ ଅନ୍ୟମାନେ ଚୟନ କରୁଥିବା ବିଷୟ ସେମାନେ ପଢ଼ିବା ଆରମ୍ଭ କରିଥାନ୍ତି । ତେଣୁ ଏହା କେବଳ ଏକ ନୀତି ଦସ୍ତାବିଜ ନୁହେଁ ବରଂ 130 କୋଟିରୁ ଅଧିକ ଭାରତୀୟଙ୍କ ଆକାଂକ୍ଷାର ପ୍ରତିଫଳନ ।
- ଏହି ଅଧ୍ୟାୟ ସହିତ କିଛିଦିନ ପୂର୍ବରୁ ନୂଆ ଶିକ୍ଷା ନୀତି ଘୋଷଣା କରାଯାଇଛି। ଏହି ନୀତିରେ ଏକବିଂଶ ଶତାବ୍ଦୀର ଯୁବପିଢ଼ିଙ୍କ ଚିନ୍ତାଧାରା, ସେମାନଙ୍କର ଆବଶ୍ୟକତା, ସେମାନଙ୍କର ଆଶା-ଆକାଂକ୍ଷାକୁ ଦେଖି ପ୍ରସ୍ତୁତ କରିବା ଲାଗି ବ୍ୟାପକ ପ୍ରୟାସ କରାଯାଇଛି ।
- ଏହି ଚିନ୍ତାଧାରା ସହିତ ଏବେ ଦେଶରେ ନବୋନ୍ମେଷ, ଗବେଷଣା, ଡିଜାଇନ, ବିକାଶ, ଉଦ୍ୟମିତା ଲାଗି ଆବଶ୍ୟକ ଇକୋ ସିଷ୍ଟମ ଦ୍ରୁତ ଗତିରେ ପ୍ରସ୍ତୁତ କରାଯାଉଛି ।
- କିନ୍ତୁ ଏହା ହେଉଛି ଏକ ବିଂଶ ଶତାବ୍ଦୀ ଏବଂ ଦ୍ରୁତ ଗତିରେ ବଦଳୁଥିବା ଦୁନିଆରେ ଭାରତ ନିଜର ସେହି ପ୍ରଭାବୀ ଭୂମିକା ତୁଲାଇବା ଲାଗି ସେତିକି ତୀବ୍ର ଗତିରେ ନିଜକୁ ବଦଳାଇବାକୁ ପଡ଼ିବ । ■


### ନୂଆ ଭାରତର ନୂଆ ଶିକ୍ଷା ନୀତି ବଳରେ ଦେଶର ସ୍କୁଲ କଲେଜ ଓ ଛାତ୍ରଛାତ୍ରୀ ହେବେ ଲାଭବାନ

| ଦେଶର ମୋଟ ସ୍କୁଲ | ଶିକ୍ଷକ | ଛାତ୍ରଛାତ୍ରୀ |
|---|---|---|
| 1550006 | 9416895 | 247853688 |










**ବିଶ୍ୱବିଦ୍ୟାଳୟ**
ଛାତ୍ରଛାତ୍ରୀ 96.46 | ଶିକ୍ଷକ 1.58

**କଲେଜ**
ଛାତ୍ରଛାତ୍ରୀ 226 | ଶିକ୍ଷକ 10.99

**ସ୍ୱୟଂଶାସିତ**
ଛାତ୍ରଛାତ୍ରୀ 20.23 | ଶିକ୍ଷକ 1.47

ତଥ୍ୟ ଲକ୍ଷ୍ୟରେ

## ପ୍ରଥମ ଥର ସାଧାରଣ ଜନତାଙ୍କ ପରାମର୍ଶରେ ପ୍ରସ୍ତୁତ ହୋଇଛି ନୀତି

ସ୍ୱାଧୀନ ଭାରତରେ 1968 ରେ ପ୍ରଥମ ଥର ଜାତୀୟ ଶିକ୍ଷା ନୀତିର ପରିକଳ୍ପନା କରାଯାଇଥିଲା। ଏଥିରେ ଶିକ୍ଷା ପ୍ରଣାଳୀର ରୂପାନ୍ତରଣ କରି 10+2+3 ପଦ୍ଧତି ଉପରେ ଜୋର ଦିଆଯାଇଥିଲା। 1952ରେ ଲକ୍ଷ୍ମଣସ୍ୱାମୀ ମୁଦଲିୟାରଙ୍କ ଅଧ୍ୟକ୍ଷତାରେ ଗଠିତ ମାଧ୍ୟମିକ ଶିକ୍ଷା ଆୟୋଗର ଗଠନ କରାଯାଇଥିଲା। ଏହା ପରେ ମେ 1986 ନୂଆ ଜାତୀୟ ଶିକ୍ଷା ନୀତି ଲାଗୁ କରାଯାଇଥିଲା, ଯାହା ଏବେ ସୁଦ୍ଧା ଚାଲିଛି । 1986 ଶିକ୍ଷା ନୀତିରେ କିଛି ସଂଶୋଧନ 1992ରେ ମଧ୍ୟ କରାଯାଇଥିଲା । ଏହାପରେ ଟିଏସଆର ସୁବ୍ରମଣ୍ୟମ ଏବଂ ଏହାପରେ ପୁଣି ଜୁନ 2017ରେ ଇସ୍ରୋର ପୂର୍ବତନ ପ୍ରମୁଖ ଡ. କେ. କସ୍ତୁରୀରଙ୍ଗନଙ୍କ ଅଧ୍ୟକ୍ଷତାରେ ଏକ ସମିତି ଗଠନ କରାଯାଇଥିଲା, ଏହି ସମିତି ମେ 2019ରେ 'ଜାତୀୟ ଶିକ୍ଷା ନୀତି ଡ୍ରାଫ୍ଟ' ପ୍ରସ୍ତୁତ କରିଥିଲେ । ଯାହାକୁ ଏବେ ମଞ୍ଜୁରି ମିଳିଛି । ଜାତୀୟ ଶିକ୍ଷା ନୀତି ନିମନ୍ତେ 2.5 ଲକ୍ଷ ଗ୍ରାମ ପଞ୍ଚାୟତ, 6600 ବ୍ଲକ, 676 ଜିଲ୍ଲାରେ ପାଖାପାଖି 2 ଲକ୍ଷ ପରାମର୍ଶକୁ ସାମିଲ କରାଯାଇଛି । ସେଥିପାଇଁ 2015ରେ ଭାଗିଦାରୀ ପରାମର୍ଶ ପ୍ରକ୍ରିୟା ଆରମ୍ଭ କରାଗଲା। କେନ୍ଦ୍ରୀୟ ଶିକ୍ଷା ପରାମର୍ଶଦାତା ବୋର୍ଡ ଅନ୍ତର୍ଗତ ରାଜ୍ୟଗୁଡ଼ିକଠାରୁ ପରାମର୍ଶ ନିଆଗଲା ।

ବ୍ୟାପକ ବିଚାରବିମର୍ଶ ପରେ ପ୍ରସ୍ତୁତ କରାଯାଇଥିବା ଶିକ୍ଷା ନୀତି ବୈଜ୍ଞାନିକ ଚିନ୍ତାଧାରା ଉପରେ ଆଧାରିତ, ଯାହାଦ୍ୱାରା ପିଲାମାନଙ୍କ ଉପରେ ପାଠପଢ଼ାର ଚାପ ରହିବ ନାହିଁ । ଏହି ଲକ୍ଷ୍ୟ ନେଇ ବୋର୍ଡ ପରୀକ୍ଷାରେ ପରିବର୍ତ୍ତନ କରାଯିବା ସହିତ ଗବେଷଣାକୁ ଅଧିକ ଗୁରୁତ୍ୱ ଦେଇ ତାହାକୁ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ପହଞ୍ଚାଇବାକୁ ବାଧ୍ୟତାମୂଳକ କରାଯାଇଛି । ନୂଆ ଶିକ୍ଷା ନୀତି ପ୍ରସ୍ତୁତ କରିଥିବା ସମିତିର ସଦସ୍ୟ ଡ. ରାମ ଶଙ୍କର କୁରୀଲ ନ୍ୟୁ ଇଣ୍ଡିଆ ସମାଚାରକୁ ସୂଚନା ଦେଇ କହିଛନ୍ତି, "ଏହା ଅତ୍ୟନ୍ତ ଭଲ ଓ ଲକ୍ଷ୍ୟ ଆଧାରିତ ନୀତି ଯାହାକୁ ଦେଶର ବିକାଶ ନିମନ୍ତେ ବୈଜ୍ଞାନିକ ଦୃଷ୍ଟିକୋଣ ସହିତ ପ୍ରସ୍ତୁତ କରାଯାଇଛି । ଏହାର ଲକ୍ଷ୍ୟ ଜ୍ଞାନ, କୌଶଳ, ଆଇଟି ଏବଂ ଉଦ୍ୟମିତାର ବିକାଶ କରିବା।" ଛୋଟ ପିଲାମାନଙ୍କର ମସ୍ତିଷ୍କ ବିକାଶ ଉପରେ ସରକାର ବିଶେଷ ଧ୍ୟାନ ଦେଇଛନ୍ତି । କୁରୀଲ ଆହୁରି କହିଛନ୍ତି, "ପିଲାମାନଙ୍କ ମସ୍ତିଷ୍କର 85-90 ପ୍ରତିଶତ ବିକାଶ 6 ବର୍ଷ ବୟସ ସୁଦ୍ଧା ହୋଇସାରିଥାଏ। ଏପରି ସ୍ଥିତିରେ ସେମାନଙ୍କୁ ପୁଷ୍ଟିକର ଆହାର ଦିଆଯିବ ଜରୁରି । ସେଥିପାଇଁ ଏବେ ବ୍ରେକଫାଷ୍ଟକୁ ଯୋଡ଼ାଯାଇଛି ଯେଉଁଥିରେ ଅଣ୍ଡା କିମ୍ବା ଡ୍ରାଏ ଫ୍ରୁଟ୍ସ ଫଳ ଆଦି ଦେବାକୁ ବାଧ୍ୟତାମୂଳକ କରାଯାଇଛି।" ନରେନ୍ଦ୍ର ମୋଦୀ ସରକାର ଏହି ନୀତି ଜରିଆରେ ଗାଁ-ସହର, ଧନୀ-ଗରିବଙ୍କ ଭେଦଭାବକୁ ଦୂର କରି ଦେଶରେ ଶିକ୍ଷାର ସମାନ ସୁଯୋଗ ଉପଲବ୍ଧ କରାଇବା ପାଇଁ ପ୍ରୟାସ କରିଛନ୍ତି। ଯାହାଦ୍ୱାରା ଆଗାମୀ ଯୁବପିଢ଼ି ଭାରତକୁ ଗ୍ଲୋବାଲ ନଲେଜ ସୁପର ପାୱାରରେ ପରିଣତ କରିବାର କ୍ଷମତା ରଖିପାରିବେ । ■

# କରୋନା କାଳରେ ଜୀବନ: ମନ୍ଥନର ସମୟ



**-ଏମ ଭେଙ୍କେୟା ନାଇଡୁ**
**ଉପରାଷ୍ଟ୍ରପତି**

**ଜୀବନ କ'ଣ ? ଇଂରାଜୀରେ କୁହାଯାଇଥାଏ ଜୀବନ B ଅର୍ଥାତ୍ ବର୍ଥ (ଜନ୍ମ) ଠାରୁ ଆରମ୍ଭ କରି D ଅର୍ଥାତ ଡେଥ (ମୃତ୍ୟୁ)ର ଯାତ୍ରା ଅଟେ ଯାହା ମଧ୍ୟରେ C ଅର୍ଥାତ ଚଏସ (ବିକଳ୍ପ) ରହିଛି ଯାହା ଆପଣଙ୍କ ଜୀବନକୁ ଅର୍ଥପୂର୍ଣ୍ଣ କରିଥାଏ । ଆଜି କରୋନା ଭୂତାଣୁର ଏହି ସମୟରେ ଆମକୁ ଏପରି ଅବସର ମିଳିଛି । ପାଖାପାଖି ପାଞ୍ଚ ମାସ ପୂର୍ବରୁ ସାରା ବିଶ୍ୱ ପଜ୍ ବଟନ ଚାପି ଦେଇଥିଲା, ନିଜ ଗତିକୁ ବନ୍ଦ କରି ଦେଇଥିଲା । ପୁଣି ରିସେଟ ବଟନ ଚିପି ନିଜ ଜୀବନର ଗତିକୁ ପୂର୍ବାପେକ୍ଷା ଆହୁରି ହ୍ରାସ କରିଦେଇଛି । ଆଜି ଯେତେବେଳେ ଆମ୍ଭେ ଲକଡାଉନରୁ ବାହାରକୁ ବାହାରୁଛୁ ଆମ ପାଇଁ ସମୟ ଆସିଛି ଯେ ଆମେ ଆମ ଜୀବନକୁ ବିଶ୍ଳେଷଣ କରିବା ଯେ ବିଗତ ପାଞ୍ଚ ମାସରେ ଆମେ କ'ଣ ଶିଖିଛୁ ?**

ନିଃସନ୍ଦେହରେ କରୋନା ଲୋକମାନଙ୍କ ଜୀବନ ଶୈଳୀକୁ ବଦଳାଇ ଦେଇଛି ଏବଂ ଏବେ ବିଶ୍ୱରେ କରୋନା ପୂର୍ବ ଏବଂ କରୋନା ପରବର୍ତ୍ତୀ ସମୟରେ ପହଞ୍ଚିଯାଇଛି । ଏହି ଅବସରରେ ଭାରତର ଉପରାଷ୍ଟ୍ରପତି ଏମ. ଭେଙ୍କେୟା ନାଇଡୁ ନିଜ ଲେଖା ମାଧ୍ୟମରେ ଜନସାଧାରଣଙ୍କ ସହିତ ଜୀବନ ବଞ୍ଚିବାର ଶୈଳୀ ଉପରେ ଆଲୋଚନା କରିଛନ୍ତି । **ତାଙ୍କରି ଶବ୍ଦରେ :**

**1. ଆପଣ କ'ଣ କୋଭିଡ-19 ମହାମାରୀ କାରଣର ବିଶ୍ଳେଷଣ କରିଛନ୍ତି?**

ଉପଭୋକ୍ତାବାଦର ଆଖିବୁଜା ଦୌଡ଼ରେ ଆମେ ସେହି ସିଦ୍ଧାନ୍ତକୁ ହିଁ ଭୁଲିଯାଇଛୁ ଯେ ଆମକୁ ପ୍ରକୃତି ଓ ସଂସ୍କୃତି ସହିତ ସନ୍ତୁଳନ ବଜାୟ ରଖିବାର ଅଛି । ଏ ପୃଥିବୀ କେବଳ ମନୁଷ୍ୟମାନଙ୍କର, ଏହି ବିଚାରକୁ ଗ୍ରହଣ କରିବା ହିଁ ପ୍ରକୃତିର ନୈସର୍ଗିକ ସନ୍ତୁଳନକୁ ବିଗାଡ଼ି ଦେଇଛି ଏବଂ ଏହାଦ୍ୱାରା ଭିନ୍ନ ପ୍ରକାରର ସଂକଟ ସୃଷ୍ଟି ହୋଇଛି । ଆପଣ କ'ଣ ଏଥିରେ ସହମତ ?

**2. ଆପଣ କ'ଣ ନିଜ ଜୀବନଶୈଳୀରେ ପରିବର୍ତ୍ତନ ଆଣିବା ଲାଗି ପ୍ରସ୍ତୁତ?**

କୋଭିଡ ଆମକୁ ଶିକ୍ଷା ଦେଇଛି ଯେ ସମୃଦ୍ଧି ଏବଂ ସମ୍ପନ୍ନତା, ଆମ ଜୀବନରେ ସବୁକିଛି ତ' ମିଳିବ ନାହିଁ । ଆମକୁ ନିଜ ଜୀବନର ପ୍ରାଥମିକତାକୁ ବଦଳାଇବାକୁ ହେବ । ସ୍ୱାସ୍ଥ୍ୟ ହିଁ ସମ୍ପତ୍ତି । କ'ଣ ଆପଣ ଜୀବନରେ ପରିବର୍ତ୍ତନ ଆଣିବା ଲାଗି ପ୍ରସ୍ତୁତ ଅଛନ୍ତି?

**3. ଆପଣ କ'ଣ ନିଜ ଜୀବନର ଅଭିପ୍ରାୟ ଏବଂ ଉଦ୍ଦେଶ୍ୟକୁ ସମ୍ପୂର୍ଣ୍ଣ ପରିଭାଷିତ କରିଛନ୍ତି?**

ଭଲ ଶିକ୍ଷା, ଭଲ ଚାକିରି, ଜଣେ ଚାକିରି କରୁଥିବା ଜୀବନସାଥୀ, ଜୀବନର ଅନ୍ୟ ସୁବିଧା, ବାସ୍ତବରେ କେବଳ ଏହା ହିଁ ଜୀବନକୁ ଅର୍ଥପୂର୍ଣ୍ଣ କରିନଥାଏ । ଜୀବନର ତାତ୍ପର୍ଯ୍ୟ ଏହାଠାରୁ କିଛି ଭିନ୍ନ । ଏକ ସାମାଜିକ ପ୍ରାଣୀ ରୂପରେ ଆମର ଭବିଷ୍ୟତ, ସମସ୍ତଙ୍କ ସହିତ ସହଭାଗୀ ଉତ୍କର୍ଷରେ ନିହିତ । ଏ କରୋନା ସମୟରେ ଆପଣ ବି ଏପରି ଅନୁଭବ କରିଛନ୍ତି?

**4. ଆପଣ କ'ଣ ଜୀବନରେ ନିଜ ଭୂମିକା ନିର୍ବାହ କରିବାରେ କୌଣସି ଅଭାବ ଅନୁଭବ କରିଛନ୍ତି?**

ଲକଡାଉନ ସମୟରେ ଆପଣମାନେ କେତେଥର ନିଜ ମାତାପିତା କିମ୍ବା ଦୂରରେ ରହୁଥିବା ବୃଦ୍ଧ ଜେଜେ ଓ ଜେଜେ ମା'ଙ୍କ ସହିତ ଯୋଗାଯୋଗ

**ପ୍ରଖ୍ୟାତ ବିଚାରକ ସୁକରାତ** କହିଥିଲେ ଯେ ପରୀକ୍ଷାର ସମ୍ମୁଖୀନ ହେବା ବିନା ଜୀବନ ତୁଚ୍ଛ । ଜୀବନର ସମସ୍ତ ଦିଗକୁ ସେହି ସନ୍ଦର୍ଭରେ ହିଁ ପୂର୍ଣ୍ଣତାର ନିରନ୍ତର ମୂଲ୍ୟାଙ୍କନ କରିବା ଦ୍ୱାରା ଏକ ସନ୍ତୁଷ୍ଟ ସଫଳ ଜୀବନ ମିଳିଥାଏ। କିନ୍ତୁ ଭବିଷ୍ୟତ ପାଇଁ ଶିକ୍ଷା ଗ୍ରହଣ କରିବା ନିମନ୍ତେ ଆମେ କେତେଥର ବସ୍ତୁତଃ ନିଜ ଜୀବନକୁ ପରୀକ୍ଷାରେ ଉତାରି ଥାଉ?

କରିଛନ୍ତି ? ଆପଣ କ'ଣ ନିଜ ଗାଁର ବନ୍ଧୁ, ସହପାଠୀ କିମ୍ବା ବିପଦ ସମୟରେ ଆପଣମାନଙ୍କ ସହିତ ଛିଡ଼ା ହୋଇଥିବା ନିଜ ସହଯୋଗୀଙ୍କ ବିଷୟରେ ଚିନ୍ତା କରିଛନ୍ତି? ଆପଣ ସେମାନଙ୍କୁ କି ପରାମର୍ଶ ଦେଇଛନ୍ତି? ଆପଣ କ'ଣ ଏ ବିଷୟରେ ନିଜେ ସନ୍ତୁଷ୍ଟ ଅଛନ୍ତି?

5. **ଆପଣ ନିଜର କରୋନା ଅନୁଭୂତିକୁ ଭବିଷ୍ୟତର କୌଣସି ସମ୍ଭାବ୍ୟ ବିପତ୍ତିର ସାମ୍ନା କରିବା ଲାଗି ପର୍ଯ୍ୟାପ୍ତ ଭାବେ ପ୍ରସ୍ତୁତ କରିଛନ୍ତି?**

ଏହାକୁ କେବଳ ଏକ ବିପତ୍ତି ବୋଲି ଗ୍ରହଣ କରିନେବା ସଠିକ ହେବ ନାହିଁ, ଏହାକୁ ଆତ୍ମସୁଧାରର ଏକ ସୁଯୋଗ ରୂପରେ ଗ୍ରହଣ କରିବା ଉଚିତ, ଏ ବିଷୟରେ ଆପଣମାନଙ୍କର ଦୃଷ୍ଟିକୋଣ କ'ଣ?

ଯୋଗ, ଧ୍ୟାନ, ଶାରୀରିକ ବ୍ୟାୟାମର ମହତ୍ତ୍ୱ ଏବଂ ଭୋଜନଶୈଳୀ ଉପରେ ଲୋକମାନେ ଧ୍ୟାନ ଦେବା ଆରମ୍ଭ କରିଛନ୍ତି । ବର୍ତ୍ତମାନ ଭଳି ଭବିଷ୍ୟତର ବିପତ୍ତି ଲାଗି ମଧ୍ୟ ପ୍ରସ୍ତୁତ ରହିବାର ଆବଶ୍ୟକତା ଅନୁଭୂତ ହେଉଛି। ବର୍ତ୍ତମାନର ଅଭିଜ୍ଞତାରୁ ଆପଣ କ'ଣ ଭବିଷ୍ୟତ ପାଇଁ ନିଜକୁ ପ୍ରସ୍ତୁତ କରିସାରିଛନ୍ତି?

6. **ଆପଣ କ'ଣ ଜୀବନର ଧର୍ମକୁ ବୁଝିସାରିଛନ୍ତି?**

ଏକ ସନ୍ତୁଳିତ ଜୀବନର ସିଦ୍ଧାନ୍ତ ହେଉଛି, ଠିକ-ଭୁଲକୁ ଚିହ୍ନିବା ଏବଂ ସେହି ଧର୍ମକୁ ପାଳନ କରିବା। ଆମକୁ ଏସବୁ ସଂସ୍କାରକୁ ନିଜ ଦୈନନ୍ଦିନ ଜୀବନରେ ଉତାରିବାକୁ ପଡ଼ିବ । ଆପଣ କ'ଣ ଏସବୁ ସଂସ୍କାରକୁ ନିଜେ ଜାଣିଛନ୍ତି?

7. **ଆପଣ କ'ଣ ନିଜ ଜୀବନର ଆଧ୍ୟାତ୍ମିକ ଦିଗକୁ ସୁଦୃଢ଼ କରିଛନ୍ତି?**

ଯଦି ଆପଣ ଏହି ମହାମାରୀର ମୂଳ କାରଣକୁ ଜାଣିଛନ୍ତି ତା' ହେଲେ ଆପଣ ଏହା ଅନୁଭବ କରିଥିବେ ଯେ ଜୀବନର ଅର୍ଥ କେବଳ ଭୌତିକ ଉପଭୋକ୍ତାବାଦ ପଛରେ ଦୌଡ଼ିବା ନୁହେଁ । ଜୀବନର ଅନେକ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ ମଧ୍ୟରୁ ଏହା କେବଳ ଗୋଟିଏ ମାଧ୍ୟମ ମାତ୍ର। ଆପଣ କ'ଣ ନିଜ ଜୀବନରେ ଏପରି ଆବଶ୍ୟକତାକୁ ଅନୁଭବ କରିଛନ୍ତି?

୪. **ଆପଣ ଜାଣନ୍ତି କି ଲକଡାଉନରେ ଥିବା ସମୟରେ ଆପଣ କ'ଣ ହରାଇଛନ୍ତି?**

ଭବିଷ୍ୟତର ଜୀବନକୁ ଦିଶା ଦେବା ଲାଗି ଏହା ଜାଣିବା ଅତ୍ୟନ୍ତ ଆବଶ୍ୟକ। ପ୍ରତ୍ୟେକ କଷ୍ଟକର ସମୟ ଆପଣମାନଙ୍କୁ ଆତ୍ମଚିନ୍ତନ ଲାଗି ବାଧ୍ୟ କରୁଛି। ପ୍ରତ୍ୟେକ ଲୋକ ଏହା ଜାଣିବା ଉଚିତ ଯେ ଏହି କଷ୍ଟ ଲାଗି ସେ ନିଜେ କେତେଦୂର ପର୍ଯ୍ୟନ୍ତ ଦାୟୀ। ସେହି କଷ୍ଟ ସମୟରେ ସେ କ'ଣ ହରାଇଛି। କରୋନା ସମୟରେ ଆପଣ କ'ଣ ଏହା ଜାଣିବା ଲାଗି ପ୍ରୟାସ କରିଛନ୍ତି?

୨. **ଆମେ ଉଭୟ ସମାନ ଏବଂ ଅସମାନ, ଏପରି ଆଭାସ କେବେ ଆପଣଙ୍କୁ ମିଳିଛି କି?**

ଆମେ ଜନ୍ମ ହେବା ସମୟରେ ଏକ ସମାନ ହୋଇଥାଉ। ସମୟକ୍ରମେ ଅସମାନତା ବଢ଼ି ବଢ଼ି ଚାଲିଥାଏ। କରୋନା ସମସ୍ତଙ୍କୁ ପ୍ରଭାବିତ କରିଥିଲେ ମଧ୍ୟ ତା'ର ଭିନ୍ନ ଭିନ୍ନ ପ୍ରଭାବ ରହିଛି। କିଛି ବର୍ଗ ଉପରେ ଏହାର ଅଧିକ ପ୍ରଭାବ ପଡ଼ିଛି ଏବଂ ଏହା ପଡ଼ିବା ମଧ୍ୟ ସ୍ୱାଭାବିକ। ହୁଏତ' ଆପଣଙ୍କ ଜୀବନଶୈଳୀ କାରଣରୁ ଅନ୍ୟ ଲୋକମାନଙ୍କ ଉପରେ ପ୍ରତିକୂଳ ପ୍ରଭାବ ପଡ଼ୁଛି ଏବଂ ସେମାନେ ସହଜରେ ବିପତ୍ତିର ଶିକାର ହୋଇଯାଉଛନ୍ତି । ଆପଣ କ'ଣ ଏହି ଅନୁଭବ କରୁଛନ୍ତି?

10. **ଏ ମହାମାରୀ କ'ଣ ଏକ ବିପତ୍ତି ନା ସୁଧାରର ଏକ ଅବସର?**

କୋଭିଡ-19 ବିଷୟରେ ଯେକୌଣସି ବ୍ୟକ୍ତିଙ୍କ ବିଚାର ବ୍ୟକ୍ତିଗତ ହୋଇପାରେ, ଏହା ତାଙ୍କ ଜୀବନର ମୂଲ୍ୟ, ତାଙ୍କର ଦୃଷ୍ଟିକୋଣ, ତାଙ୍କର ମାନସିକ ସ୍ଥିତି ଏବଂ ତାଙ୍କ ନିଜର ବିକାଶକୁ ପ୍ରତିଫଳିତ କରିଥାଏ। ଏହାକୁ କେବଳ ଏକ ବିପତ୍ତି ବୋଲି

**ଆଲବର୍ଟ ଆଇନଷ୍ଟାଇନ କହିଥିଲେ,** ଜୀବନ ଏକ ସାଇକେଲ ଭଳି ଏବଂ ନିଜର ସନ୍ତୁଳନ ବଜାୟ ରଖିବା ନିମନ୍ତେ ଆପଣଙ୍କୁ ସବୁବେଳେ ଆଗକୁ ବଢ଼ିବାକୁ ହେବ। ଆମକୁ ମଧ୍ୟ ଜୀବନ ସହିତ ଆଗକୁ ବଢ଼ିବାକୁ ହେବ ଏବଂ ବିଗତ 5 ମାସର ଅଭିଜ୍ଞତାରୁ ପ୍ରାପ୍ତ ନୂଆ ସ୍ୱାଭାବିକତା ସହିତ, ଭବିଷ୍ୟତକୁ ମଧ୍ୟ ସୁରକ୍ଷିତ ରଖିବାକୁ ହେବ ।

ଗ୍ରହଣ କରିନେବା ଠିକ ହେବ ନାହିଁ, ଏହାକୁ ଆତ୍ମସୁଧାରର ଏକ ସୁଯୋଗ ରୂପରେ ଗ୍ରହଣ କରିନେବା ଉଚିତ, ଏ ବିଷୟରେ ଆପଣଙ୍କର ଦୃଷ୍ଟିକୋଣ କ'ଣ?

ଏହି 10 ସୂତ୍ରୀ ପ୍ରଶ୍ନ ଏକ ନମୁନା ମାତ୍ର । ଯାହାକୁ ନେଇ ଆମେ ଆତ୍ମବିଶ୍ଳେଷଣ କରିପାରିବା । ଏହି ଆତ୍ମପରୀକ୍ଷା ବଳରେ ଆମେ ଏହା ଜାଣିପାରିବା ଯେ ଆମେ ନିଜେ କେଉଁ ସ୍ଥାନରେ

**ଉଦ୍ୟମୀ ମୋଇନ କାଜୀଙ୍କ** ଆଲେଖ୍ୟକୁ ଉଦ୍ଧୃତ କରିବାକୁ ଚାହିଁବି ଯେ ତାଙ୍କର କହିବାର ଥିଲା ଏହାର ଏକ ସକାରାତ୍ମକ ପକ୍ଷ ମଧ୍ୟ ରହିଛି। ଏକାନ୍ତରେ ଆମର ମସ୍ତିଷ୍କ ସବୁଠୁ ସକ୍ରିୟ ରହିଥାଏ ଏବଂ ବିଶ୍ଳେଷଣ ସ୍ପଷ୍ଟ ଓ ଦ୍ରୁତ ହୋଇଥାଏ ଏବଂ ନୂଆ ବିଚାର ଏକ ନୂଆ ଫସଲ ଭଳି ସୃଷ୍ଟି ହୋଇଥାଏ । ଆପଣ କିଛି ଦୂରରେ ଛିଡ଼ା ହୋଇ ବିଶ୍ୱକୁ ତା'ର ସମ୍ପୂର୍ଣ୍ଣତାରେ ଦେଖିପାରିବେ ।

ଛିଡ଼ା ହୋଇଛୁ ଏବଂ ଏପରି ବିପତ୍ତି ନିମନ୍ତେ କେତେ ପ୍ରସ୍ତୁତ ହୋଇଛୁ । ସି ଏସ ଲୁଇସଙ୍କ ଉକ୍ତି ଅନୁଯାୟୀ, ଏବେ କେହି ଅତୀତକୁ ଯାଇ ଆରମ୍ଭରୁ ସବୁକିଛି ବଦଳାଇ ତ' ପାରିବ ନାହିଁ କିନ୍ତୁ ଆପଣ ଯେଉଁଠି ଛିଡ଼ା ହୋଇଛନ୍ତି ସେଠାରୁ ନିୟତିକୁ ନିଶ୍ଚିତ ଭାବେ ବଦଳାଇ ଦେଇପାରିବେ। ଆସନ୍ତୁ ଏହି କରୋନା ସମୟରେ ନିଜର ଅନୁଭବ, ନିଜ ବିଚାର ବାଣ୍ଟିବା। ଏହା ଅତ୍ୟନ୍ତ ଉପଯୋଗୀ ହେବ। ମୋ ଆଲେଖ୍ୟର ଉଦ୍ଦେଶ୍ୟ ଥିଲା ଆମେ ପଛକୁ ବୁଲି ଚାହିଁବା ଏବଂ ଆଗକୁ ବଢ଼ିବା ।

ସମ୍ପୂର୍ଣ୍ଣ ଲେଖା ଶବ୍ଦ ପଢ଼ିବା ଲାଗି ଏହି ଲିଙ୍କକୁ ଯାଆନ୍ତୁ https://www.facebook.com/VPOI13/posts/729280677639848?__tn__=K-R

# କରୋନା ଲଢେଇରେ ଦୁନିଆଠୁ ଆଗରେ ଆମେ



**ନିର୍ଦ୍ଧାରିତ ସମୟରେ ଲକଡାଉନ ଲାଗି ଗ୍ରହଣ କରାଯାଇଥିବା ନିଷ୍ପତ୍ତି ଓ ସ୍ୱାସ୍ଥ୍ୟ ଭିତ୍ତିଭୂମି ସହ ଜଡ଼ିତ ପ୍ରସ୍ତୁତି ଭାରତକୁ କରୋନାର ଭୟାବହତାରୁ ସୁରକ୍ଷିତ ରଖିପାରିଲା। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ତଥ୍ୟ କହୁଛି ଯେ ଭାରତ କିପରି ଭାବେ କରୋନା ମୁକାବିଲା କରିବା ଲାଗି ନିଜର ସ୍ଥିତିକୁ ଉନ୍ନତ କରିପାରିଛି, ଏବେ ପ୍ରଧାନମନ୍ତ୍ରୀ ମୋଦୀ ଟିକା ଆସିବା ପରବର୍ତ୍ତୀ ପ୍ରସ୍ତୁତିକୁ ଚୂଡ଼ାନ୍ତ ରୂପ ଦେଇଛନ୍ତି।**

ଯେତେବେଳେ କରୋନା ବିଶ୍ୱର ଅନେକ ଦେଶରେ ଚର୍ଚ୍ଚାର ବିଷୟ ମଧ୍ୟ ହୋଇନଥିଲା, ସେତେବେଳେ ଭାରତ ଏହାର ମୁକାବିଲା କରିବା ଲାଗି ପ୍ରସ୍ତୁତି ଆରମ୍ଭ କରି ଦେଇଥିଲା, ନିଷ୍ପତ୍ତି ନେବା ଆରମ୍ଭ କରିଦେଇଥିଲା। ଆମେ ପ୍ରତ୍ୟେକ ଭାରତୀୟଙ୍କର ଜୀବନ ବଞ୍ଚାଇବା ଲାଗି ଦିନ-ରାତି ପରିଶ୍ରମ କଲୁ। ପ୍ରତ୍ୟେକ ଦେଶବାସୀଙ୍କ ସଂଯମ, ଅନେକ ସ୍ଥାନରେ ପ୍ରଶାସନର ତତ୍ପରତା ଏବଂ ଆମର କରୋନା ଯୋଦ୍ଧାମାନଙ୍କର ସମର୍ପଣ କାରଣରୁ ଆମେ ସ୍ଥିତିକୁ ନିୟନ୍ତ୍ରଣ ବାହାରକୁ ଯିବାକୁ ଦେଲୁନାହିଁ।" ଭାରତର କ୍ଷମତା ପ୍ରତି ଭରସା ରଖିଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମୁଖ୍ୟମନ୍ତ୍ରୀମାନଙ୍କ ସହିତ ବୈଠକରେ 16 ଜୁନରେ ଏହି କଥା କହିଥିଲେ। ମାତ୍ର 6 ଦିନ ପରେ ହିଁ 22 ଜୁନରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚଓ)ର ରିପୋର୍ଟ ଏବଂ ପୁଣି 30 ଜୁଲାଇରେ ଜାରି ତଥ୍ୟ ମଧ୍ୟ ଏଥିରେ ମୋହର ମାରିଛି। ବିଶ୍ୱର ଅଧିକାଂଶ ଦେଶ ମଧ୍ୟ ଭାରତର ପ୍ରସ୍ତୁତିକୁ ପ୍ରଶଂସା କରିଛନ୍ତି।

**ଟିକା ଆସିଲେ କିପରି ହେବ ଟିକାକରଣ, 4ଟି ପଦ୍ଧତି କହିଲେ ପ୍ରଧାନମନ୍ତ୍ରୀ**

**ପ୍ରଥମ –** ଅତିସମ୍ବେଦନଶୀଳ ଗୋଷ୍ଠୀ ଅର୍ଥାତ କରୋନା ଯୋଦ୍ଧାମାନଙ୍କୁ ପ୍ରାଥମିକତା

**ଦ୍ୱିତୀୟ-** ଯେକୌଣସି ସ୍ଥାନରେ, ସମସ୍ତ ବ୍ୟକ୍ତିଙ୍କୁ ଟିକାକରଣ କରାଯିବ

**ତୃତୀୟ-** ଶସ୍ତା-ୟୁନିଭର୍ସାଲ ଅର୍ଥାତ୍ କେହିବି ଟିକାକରଣରୁ ବଞ୍ଚିତ ରହିବେ ନାହିଁ।


**ଚତୁର୍ଥ-** ଉତ୍ପାଦନ ଠାରୁ ଆରମ୍ଭ କରି ଟିକାକରଣ ପର୍ଯ୍ୟନ୍ତ ଆଇଟି ଜରିଆରେ ସମ୍ପୂର୍ଣ୍ଣ ଅନୁଧାନ



"ନିର୍ଦ୍ଧାରିତ ସମୟରେ ଗ୍ରହଣ କରାଯାଇଥିବା ନିଷ୍ପତ୍ତି କାରଣରୁ ଆମେ ସମସ୍ତେ ବଡ଼ ବିପଦର ମୁକାବିଲା କରିପାରୁଛୁ। ଲକଡାଉନ ସମୟରେ ଦେଶର ଜନସାଧାରଣ ଯେଉଁ ଅନୁଶାସନର ପ୍ରଦର୍ଶନ କଲେ, ତାହା ଭୂତାଣୁର ସଂକ୍ରମଣକୁ ରୋକିପାରିଲା। ତାହା ଚିକିତ୍ସାର ବ୍ୟବସ୍ଥା ହେଉ, ସ୍ୱାସ୍ଥ୍ୟ ଭିତ୍ତିଭୂମି ହେଉ କିମ୍ବା ଏଥିପାଇଁ କାମ କରୁଥିବା ପ୍ରଶିକ୍ଷିତ ଲୋକମାନେ, ଆଜି ଆମେ ଅନେକ ନିୟନ୍ତ୍ରଣାଧୀନ ସ୍ଥିତିରେ ରହିଛୁ। ବିଶ୍ୱର ବଡ଼ ବଡ଼ ବିଶେଷଜ୍ଞ, ସ୍ୱାସ୍ଥ୍ୟ ସଚେତନ ପେସାଦାର ଆଜି ଲକଡାଉନ ଏବଂ ଭାରତର ଲୋକମାନଙ୍କର ଦ୍ୱାରା ପ୍ରଦର୍ଶିତ ଅନୁଶାସନର ଚର୍ଚ୍ଚା କରୁଛନ୍ତି।" **– ନରେନ୍ଦ୍ର ମୋଦୀ, ପ୍ରଧାନମନ୍ତ୍ରୀ**

**ଭାରତ : ସକ୍ରିୟ ସଂକ୍ରମିତଙ୍କ ତୁଳନାରେ ଆରୋଗ୍ୟଙ୍କ ସଂଖ୍ୟା ଦୁଇଗୁଣ ଅଧିକ**

**5 ଅଗଷ୍ଟ ସୁଦ୍ଧା ତଥ୍ୟ**




**ମୋଟ ଯାଞ୍ଚ ଲ୍ୟାବ**

**1366**

**920 ସରକାର** | **446 ଘରୋଇ**


**ମୋଟ ଯାଞ୍ଚ 2.15 କୋଟିରୁ ଅଧିକ**

**ହାରାହାରି ଯାଞ୍ଚ - 5-6.5 ଲକ୍ଷ ପର୍ଯ୍ୟନ୍ତ**

**586298** ମୋଟ ସକ୍ରିୟ ରୋଗୀ

**1282215** ମୋଟ ଆରୋଗ୍ୟ

**ଭାରତରେ ସକ୍ରିୟ ସଂକ୍ରମିତଙ୍କ ସଂଖ୍ୟା 30.72**



**12** ଲକ୍ଷ ରୋଗୀ ଠିକ ହୋଇସାରିଛନ୍ତି

**8.89% ଭାରତରେ ହାରାହାରି ପଜିଟିଭ ହାର**

**67%** ରେ ପହଞ୍ଚିଲା ଆରୋଗ୍ୟ ହାର, ଲକଡାଉନ ଏକ ଅବସରରେ ଏହା 11 ପ୍ରତିଶତ ଥିଲା

**88.86%** ରେ ପହଞ୍ଚିଲା ଦିଲ୍ଲୀରେ ଆରୋଗ୍ୟ ହାର, କେନ୍ଦ୍ର ସରକାରଙ୍କ ହସ୍ତକ୍ଷେପ ପରେ ଦେଶରେ ସବୁଠୁ ଅଧିକ

**2.09%** ରହିଛି ଭାରତରେ ମୃତ୍ୟୁହାର, ସାରା ବିଶ୍ୱରେ ଏହି ହାର 4 ପ୍ରତିଶତ

- ଭାରତରେ ପ୍ରତି ଦଶ ଲକ୍ଷ ଜନସଂଖ୍ୟାରେ 1152 ପଜିଟିଭ ଥିବା ବେଳେ ବିଶ୍ୱରେ ଏହି ହାର 2209 ଅଟେ।
- ଆମେରିକାରେ ଏହା 13798, ବ୍ରାଜିଲରେ 12016, ୟୁରୋପରେ 3835 ରହିଛି।
- ପ୍ରତି 10 ଲକ୍ଷ ଜନସଂଖ୍ୟାରେ ବିଶ୍ୱରେ 86.1, ତୁଳନାରେ ଭାରତରେ 25ଟି ମୃତ୍ୟୁ ଘଟୁଛି।

ସ୍ରୋତ : ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ, ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ



# ସବକା ସାଥ ସବକା ବିକାଶ ସବକା ବିଶ୍ୱାସ

## ବୈଶ୍ୱିକ ମଞ୍ଚରେ ଛାଇଗଲା ଭାରତର ମନ୍ତ୍ର

ମିଳିତ ଜାତିସଂଘରେ ପ୍ରଧାନମନ୍ତ୍ରୀଙ୍କ ସମ୍ପୂର୍ଣ୍ଣ ସମ୍ବୋଧନ ଶୁଣିବା ଲାଗି କ୍ୟୁଆର କୋଡ ସ୍କାନ କରନ୍ତୁ

**ମିଳିତ ଜାତିସଂଘ ଆର୍ଥିକ ଏବଂ ସାମାଜିକ ପରିଷଦ ହେଉ ଅବା ପୁଣି ଆମେରିକା-ଇଣ୍ଡିଆ ବିଜନେସ କାଉନସିଲ କିମ୍ବା ୟୁରୋପୀୟ ୟୁନିଅନ ଫୋରମ, ପ୍ରତ୍ୟେକ ବୈଶ୍ୱିକ ମଞ୍ଚରେ ଭାରତ ନିଜ ବସୁଧୈବ କୁଟୁମ୍ବକମ ଭାବନାକୁ ଦୋହରାଇଛି । ବିଗତ ଛଅ ବର୍ଷ ମଧ୍ୟରେ ଭାରତର ଗୁରୁତ୍ୱପୂର୍ଣ୍ଣ ଉପଲବ୍ଧି ମଧ ବିଶ୍ୱର ଏହି ମଞ୍ଚରେ ଛାଇ ହୋଇ ରହିଛି, ଯେଉଁଠି ଭାରତ ତଥ୍ୟ ସହିତ ସାରା ବିଶ୍ୱକୁ ଜଣାଇଛି ଯେ କିପରି ଭାବେ ନିରନ୍ତର ବିକାଶ ଲକ୍ଷ୍ୟ (ଏସଡିଜି)ର ଆଦର୍ଶ ବାକ୍ୟ 'କେହି ବି ପଛରେ ପଡ଼ିବେ ନାହିଁ'ର ସିଦ୍ଧାନ୍ତ ଭଳି ପ୍ରତ୍ୟେକ ଭାରତୀୟ ଏବଂ ବିଶ୍ୱର କଲ୍ୟାଣ ନିମନ୍ତେ 'ସବକା ସାଥ, ସବକା ବିକାଶ, ସବକା ବିଶ୍ୱାସ'ର ଲକ୍ଷ୍ୟ ନେଇ ଭାରତ ସରକାର କାର୍ଯ୍ୟ କରୁଛନ୍ତି । ଯାହାର ଫଳସ୍ୱରୂପ ଆତ୍ମନିର୍ଭର ଭାରତ ଅଭିଯାନ ଆରମ୍ଭ ହୋଇଛି, ଭାରତରେ ରେକର୍ଡ ବିଦେଶୀ ନିବେଶ ହେଉଛି, ଯାହା ବିଶ୍ୱରେ ଭାରତର ବଢ଼ୁଥିବା ସାମର୍ଥ୍ୟର ପରିଚୟ ହୋଇପାରିଛି ।**

ମହାମାରୀ ପ୍ରକୋପ ମିଳିତ ଜାତିସଂଘର ପୁନର୍ଜନ୍ମ ଏବଂ ସୁଧାର ନିମନ୍ତେ ନୂଆ ଅବସର ସୃଷ୍ଟି କରିଛି । ଭାରତ 17 ଜୁନରେ ମିଳିତ ଜାତିସଂଘର ସବୁଠୁ ଗୁରୁତ୍ୱପୂର୍ଣ୍ଣ ସୁରକ୍ଷା ପରିଷଦର ଅସ୍ଥାୟୀ ସଦସ୍ୟ ରୂପରେ 192ଟି ଦେଶ ମଧ୍ୟରୁ 184ଟି ଦେଶର ଭୋଟ ହାସଲ କରି ବଡ଼ ବିଜୟ ହାସଲ କରିବାର ଠିକ ଏକ ମାସ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରଥମ ଥର ଏହି ବୈଶ୍ୱିକ ମଞ୍ଚରୁ ସାରା ବିଶ୍ୱକୁ ନୂଆ ମାର୍ଗ ଦେଖାଇଲେ । ପ୍ରଧାନମନ୍ତ୍ରୀ କହିଥିଲେ ଯେ ମୂଳତଃ ମିଳିତ ଜାତିସଂଘର ଉଦୟ ଦ୍ୱିତୀୟ ବିଶ୍ୱ ଯୁଦ୍ଧର ଅସନ୍ତୋଷରୁ ଉତ୍ପନ୍ନ ହୋଇଥିଲା। ଏପରି ସ୍ଥିତିରେ ଆଜି ମହାମାରୀର ପ୍ରକୋପ ଏହାର ପୁନର୍ଜନ୍ମ ଏବଂ ସୁଧାର ପୃଷ୍ଠଭୂମିକୁ ପ୍ରସ୍ତୁତ କରିଛି, ଯାହାକୁ ହରାଇବା ଉଚିତ ନୁହେଁ । ପ୍ରଧାନମନ୍ତ୍ରୀ କହିଥିଲେ ଯେ ଭାରତକୁ ଏହି ଗୁରୁତ୍ୱପୂର୍ଣ୍ଣ ସମୟରେ ମିଳିତ ଜାତିସଂଘ ସୁରକ୍ଷା ପରିଷଦରେ ଚୟନ କରାଯାଇଛି । ଏପରି ସ୍ଥିତିରେ ବୈଶ୍ୱିକ ସାମଞ୍ଜସ୍ୟ ବଜାୟ ରଖିବା, ସାମାଜିକ-ଆର୍ଥିକ ସମାନତାରେ ସୁଧାର ଏବଂ ପ୍ରକୃତିର ସନ୍ତୁଳନ ବଜାୟ ରଖିବାର ଗଭୀର ପ୍ରତିବଦ୍ଧତା ସହିତ ଭାରତ ମିଳିତ ଜାତିସଂଘର ଏଜେଣ୍ଡାକୁ ସମ୍ପୂର୍ଣ୍ଣ ସମର୍ଥନରେ ନିଜର ଭୂମିକା ତୁଲାଇବ । ମିଳିତ ଜାତିସଂଘ ଆର୍ଥିକ ଏବଂ ସାମାଜିକ ପରିଷଦ (ଇସିଓଏସଓସି) ଅଧିବେଶନର ଚଳିତ ବର୍ଷର ବିଷୟବସ୍ତୁ ଥିଲା- "କୋଭିଡ-19 ପରେ ବହୁପକ୍ଷବାଦ: 75ତମ ବର୍ଷ ପୂର୍ତ୍ତି ଅବସରରେ ଆମକୁ କିଭଳି ମିଳିତ ଜାତିସଂଘର ଆବଶ୍ୟକତା ରହିଛି" । ପ୍ରଧାନମନ୍ତ୍ରୀ ବିଶେଷ କରି ଏ ବିଷୟରେ ମଧ ଉଲ୍ଲେଖ କରିଥିଲେ ଯେ ସ୍ଥାୟୀ ବିକାଶ ଲକ୍ଷ୍ୟ (ଏସଡିଜି)ର ସଫଳତାରେ ଅଧିକ ଜନସଂଖ୍ୟା ବିଶିଷ୍ଟ ଭାରତର ବଡ଼ ଜନସଂଖ୍ୟାରେ ସାମାଜିକ ଆର୍ଥିକ ସଂକେତକରେ ଆସିଥିବା ସୁଧାର ରହିଛି । ପ୍ରଧାନମନ୍ତ୍ରୀ କହିଥିଲେ ଯେ ଭାରତ 'ସବକା ସାଥ, ସବକା ବିକାଶ, ସବକା ବିଶ୍ୱାସ'ର ମୂଳ ମନ୍ତ୍ର ନେଇ ଚାଲିଛି ଯାହା ଏସଡିଜିର ଧ୍ୟେୟ ବାକ୍ୟ- "କେହି ଯେପରି ବଞ୍ଚିତ ରହିବେ ନାହିଁ" ସହ ସମାନ । ଆତ୍ମନିର୍ଭର ଭାରତ ଅଭିଯାନ କାରଣରୁ ଏବେ ଭାରତ ଆଗକୁ ବଢ଼ୁଅଛି। ଭାରତ ଦ୍ୱିତୀୟ ବିଶ୍ୱ ଯୁଦ୍ଧର ତୁରନ୍ତ ପରେ ମିଳିତ ଜାତିସଂଘର 5ଟି ପ୍ରତିଷ୍ଠାତା ସଦସ୍ୟମାନଙ୍କ ମଧ୍ୟରୁ ଗୋଟିଏ ଥିଲା । ଏହାପରେ ଅନେକ କିଛି ବଦଳିଯାଇଛି । ଆଜି ମିଳିତ ଜାତିସଂଘରେ 193ଟି ଦେଶ ସାମିଲ ହୋଇଛି । ଏହାର ସଦସ୍ୟତା ସହିତ, ସଂଗଠନର ଆଶା ବଢ଼ିଛି । ଅନ୍ୟପକ୍ଷରେ ବହୁପକ୍ଷବାଦ ଆଜି ଅନେକ

# ବିଶ୍ୱ ଆଗରେ ଭାରତର ଗୁରୁତ୍ୱପୂର୍ଣ୍ଣ ଉପଲବ୍ଧି



- ମହାତ୍ମା ଗାନ୍ଧୀଙ୍କ 150ତମ ଜୟନ୍ତୀ ଅବସରରେ 6 ଲକ୍ଷ ଗ୍ରାମରେ ସମ୍ପୂର୍ଣ୍ଣ ସ୍ୱଚ୍ଛତା କଭରେଜ ହାସଲ ।
- ପାଞ୍ଚ ବର୍ଷରେ 11 କୋଟିରୁ ଅଧିକ ଘରୋଇ ଶୌଚାଳୟ ନିର୍ମାଣ ହେଲା, ଯାହାଫଳରେ ଗ୍ରାମୀଣ ସ୍ୱଚ୍ଛତା କଭରେଜ 38ରୁ 100 ପ୍ରତିଶତ ପର୍ଯ୍ୟନ୍ତ ପହଞ୍ଚିଲା ।
- ପ୍ରାଥମିକ ଓ ମାଧ୍ୟମିକ ଶିକ୍ଷାରେ ଲିଙ୍ଗଗତ ସମାନତା ଆସିଛି ଏବଂ ଗ୍ରାମୀଣ ଭାରତରେ ପାଖାପାଖି 7 କୋଟି ମହିଳା ଆମର ଜୀବିକା ମିଶନ ସହିତ ସେଲ୍ଫ ହେଲ୍ପ ଗ୍ରୁପର ଅଂଶବିଶେଷ ପାଲଟିଛନ୍ତି । 10 ଲକ୍ଷରୁ ଅଧିକ ମହିଳାଙ୍କୁ ସ୍ଥାନୀୟ ସରକାରଙ୍କ ପ୍ରତିନିଧି ଭାବେ ଚୟନ କରାଯାଇଛି ।
- 6 ବର୍ଷରେ 40 କୋଟିରୁ ଅଧିକ ବ୍ୟାଙ୍କ ଖାତା ଖୋଲିଛି, ଏଥିମଧ୍ୟରୁ 22 କୋଟି ମହିଳାମାନଙ୍କ ନାମରେ ରହିଛି । କୋଭିଡ ସମୟରେ ଗରିବଙ୍କ ଘରେ ଲାଭକୁ ସର୍ବୋଚ୍ଚ ପ୍ରାଥମିକତା ଦିଆଯାଇଛି ।
- ଆର୍ଥିକ ସମାବେଶନ ଲାଗି ପ୍ରଯୁକ୍ତି ସହାୟତାରେ ତିନୋଟି ବିନ୍ଦୁ -ଏକ ବିଶିଷ୍ଟ ପରିଚୟ ସଂଖ୍ୟା (ଆଧାର), ଏକ ବ୍ୟାଙ୍କ ଖାତା ଏବଂ ସମସ୍ତଙ୍କ ପାଇଁ ମୋବାଇଲ ସଂଯୋଗ ଉପରେ ଆଧାରିତ । ଏହାଦ୍ୱାରା ଆମେ 70 କୋଟିରୁ ଅଧିକ ଲୋକମାନଙ୍କୁ 150 ବିଲିୟନ ଡଲାରର ସିଧାସଳଖ ଲାଭ ହସ୍ତାନ୍ତର କରିପାରୁଛୁ ।

ଅର୍ଥବ୍ୟବସ୍ଥାକୁ ଟ୍ରାକକୁ ଫେରାଇ ଆଣିବା, ମୌଳିକ ଭିତ୍ତିଭୂମି ନିର୍ମାଣ ଏବଂ ଆଇଟି ପରିଚାଳିତ ପ୍ରଣାଳୀକୁ ପ୍ରତିଷ୍ଠା କରିବା ଲାଗି 300 ବିଲିୟନ ଡଲାରରୁ ଅଧିକ ପ୍ୟାକେଜର ଘୋଷଣା କରାଯାଇଛି ।

ସମସ୍ତଙ୍କ ପାଇଁ ଘର କାର୍ଯ୍ୟକ୍ରମ ଅନ୍ତର୍ଗତ 2022 ସୁଦ୍ଧା 40 ମିଲିୟନ ନୂଆ ଘର ନିର୍ମାଣ କରାଯିବ, ଯାହା ଅନେକ ଦେଶରେ ମୋଟ ଘର ସଂଖ୍ୟାରୁ ମଧ୍ୟ ଅଧିକ ।

- ଖାଦ୍ୟ ସୁରକ୍ଷା କାର୍ଯ୍ୟକ୍ରମ 81.3 କୋଟି ନାଗରିକମାନଙ୍କ ନିକଟରେ ପହଞ୍ଚାଯାଇପାରିଛି ।
- 'ଆୟୁଷ୍ମାନ ଭାରତ' ବିଶ୍ୱର ସବୁଠୁ ବଡ଼ ସ୍ୱାସ୍ଥ୍ୟ ସୁରକ୍ଷା କାର୍ଯ୍ୟକ୍ରମ ଅଟେ, ଏଥିରେ 50କୋଟି ଲୋକ ସାମିଲ ହୋଇଛନ୍ତି । କୋଭିଡ ବିରୋଧୀ ଲଢ଼େଇରେ ଗାଁ ଗାଁ ପର୍ଯ୍ୟନ୍ତ ପହଞ୍ଚିଛି ସ୍ୱାସ୍ଥ୍ୟ ପ୍ରଣାଳୀ । ଏହା ଭାରତ ପାଇଁ ବିଶ୍ୱରେ ସବୁଠୁ ଅଧିକ ଆରୋଗ୍ୟ ହାର ସୁନିଶ୍ଚିତ କରିଛି । 2025 ସୁଦ୍ଧା ଯକ୍ଷ୍ମା ସମାପ୍ତ କରିବା ଲାଗି ମଧ୍ୟ କାମ ଜାରି ରହିଛି । ବିଗତ କିଛି ବର୍ଷ ମଧ୍ୟରେ ଭାରତ ବାର୍ଷିକ 38 ମିଲିୟନ ଟନ କାର୍ବନ ନିର୍ଗମନ ହ୍ରାସ କରିପାରିଛି । ଏହା ଗ୍ରାମାଞ୍ଚଳରେ ବିଦ୍ୟୁତିକରଣ, 8 କୋଟି ଗରିବ ପରିବାରକୁ ରୋଷେଇ ନିମନ୍ତେ ସ୍ୱଚ୍ଛ ଇନ୍ଧନ ପ୍ରଦାନ କରିବା ଏବଂ ଦକ୍ଷ ବିଦ୍ୟୁତ ଶକ୍ତି ପାଇଁ ନିଆଯାଇଥିବା ପଦକ୍ଷେପ କାରଣରୁ ସମ୍ଭବ ହୋଇପାରିଛି ।
- ସଙ୍କଟରେ ସବୁବେଳେ ଭାରତ ନିଜ ବନ୍ଧୁ ରାଷ୍ଟ୍ରଗୁଡ଼ିକ ସହିତ ପ୍ରଥମେ ସହାୟତାର ହାତ ବଢ଼ାଇଛି । ଭୂମିକମ୍ପ, ବାତ୍ୟା କିମ୍ବା ଅନ୍ୟ କୌଣସି ପ୍ରାକୃତିକ ଓ ମାନବ ସଙ୍କଟରେ ଭାରତ ଦ୍ରୁତ ଗତିରେ ସହାୟତା ପ୍ରଦାନ କରିଛି । କୋଭିଡ ବିରୋଧରେ ମିଳିତ ଲଢ଼େଇରେ ଭାରତ 150ରୁ ଅଧିକ ଦେଶକୁ ଚିକିତ୍ସା ଏବଂ ଅନ୍ୟାନ୍ୟ ସହାୟତା ପ୍ରଦାନ କରିଛି ଯେ ନିଜ ପଡ଼ୋଶୀମାନଙ୍କ ଲାଗି ସାର୍କ କୋଭିଡ ଇମରଜେନ୍ସି ଫଣ୍ଡ ପ୍ରସ୍ତୁତ କରିବାରେ ମଧ୍ୟ ସହାୟତା କରିଛି ।
- ଭାରତ ବୈଶ୍ୱିକ ଅର୍ଥବ୍ୟବସ୍ଥା ସହିତ ସମନ୍ୱିତ 'ଆତ୍ମନିର୍ଭର ଭାରତ'ର ଦୃଷ୍ଟିକୋଣକୁ ସାମ୍ନାରେ ରଖିଛି ।

ପ୍ରକୃତି ସହିତ ସଦଭାବ ଅନ୍ତର୍ଗତ ଭାରତ ସିଙ୍ଗଲ ୟୁଜ ପ୍ଲାଷ୍ଟିକକୁ ନିଷିଦ୍ଧ କରିବା ଏବଂ ସ୍ୱଚ୍ଛତା ଅଭିଯାନର ଅଂଶବିଶେଷ ସ୍ୱରୂପ ଜାରି ରହିଛି ।

ଆହ୍ୱାନର ସମ୍ମୁଖୀନ ହେଉଛି ଭାରତ ମିଳିତ ଜାତିସଂଘର ବିକାଶ କାର୍ଯ୍ୟ ଏବଂ ଇସିଓଏସଓସିକୁ ସକ୍ରିୟ ଭାବେ ସମର୍ଥନ କରିଛି । ଇସିଓଏସଓସିର ପ୍ରଥମ ଅଧ୍ୟକ୍ଷ ଜଣେ ଭାରତୀୟ ଥିଲେ । ନିଜର ଘରୋଇ ପ୍ରୟାସ ମାଧ୍ୟମରେ ଆମେ ପୁଣିଥରେ ଏଜେଣ୍ଡା 2030 ଏବଂ ଏସଡିଜିକୁ ହାସଲ କରିବାରେ ଏକ ପ୍ରମୁଖ ଭୂମିକା ନିର୍ବାହ କରୁଛି । ଆମେ ଅନ୍ୟ ବିକାଶଶୀଳ ଦେଶକୁ ସେମାନଙ୍କର ସ୍ଥାୟୀ

## କରୋନା କାଳରେ 20 ବିଲିୟନ ଡଲାରରୁ ଅଧିକ ବିଦେଶୀ ନିବେଶ

ମିଳିତ ଜାତିସଂଘ ମଞ୍ଚରୁ ପ୍ରଧାନମନ୍ତ୍ରୀ ମୋଦୀ ବର୍ତ୍ତମାନ ପରିସ୍ଥିତିରେ ସୁଧାରର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଆମେରିକା-ଭାରତ ବ୍ୟବସାୟିକ ପରିଷଦ (ୟୁଏସଆଇବିସି) ପକ୍ଷରୁ ଆୟୋଜିତ ଭର୍ଚୁଆଲ ଆଇଡିଆଜ ସମିଟରେ ମଧ୍ୟ ବଦଳୁଥିବା ଭାରତର ଚିତ୍ର ଉପସ୍ଥାପନ କରିଥିଲେ। ସେ ନିକଟରେ ଆତ୍ମନିର୍ଭର ଭାରତ ଅଭିଯାନ ଅନ୍ତର୍ଗତ ଗ୍ରହଣ କରାଯାଇଥିବା ସଂସ୍କାରମୂଳକ ପଦକ୍ଷେପ ବିଷୟରେ ଉଲ୍ଲେଖ କରି କହିଥିଲେ, 'ଆତ୍ମନିର୍ଭର ଭାରତ'ର ଆହ୍ୱାନ ଜରିଆରେ ଭାରତ ସମୃଦ୍ଧ ଓ ଶୀଘ୍ର ସଂକଟରୁ ଉଦ୍ଧାର ପାଉଥିବା ବିଶ୍ୱ ନିର୍ମାଣ ଦିଗରେ ଯୋଗଦାନ କରୁଛି। ପ୍ରଧାନମନ୍ତ୍ରୀ ବର୍ତ୍ତମାନ ସମୟରେ ଭାରତରେ ନିବେଶ କରିବାର ସବୁଠୁ ଉନ୍ନତ ବୋଲି କହିଥିଲେ । ଏହି ଭରସା କାରଣରୁ ହିଁ କରୋନା ସମୟର ଚାରି ମାସ (ଏପ୍ରିଲ-ଜୁଲାଇ)ରେ 20 ବିଲିୟନ ଡଲାରରୁ ଅଧିକ ବିଦେଶୀ ନିବେଶ ଆସିଛି। ଏହି ଅବସରରେ ପ୍ରଧାନମନ୍ତ୍ରୀ କହିଥିଲେ :

- ଭାରତର ଅଭ୍ୟୁଦୟର ଅର୍ଥ ହେଉଛି ଏପରି ଏକ ରାଷ୍ଟ୍ର ସହିତ ବ୍ୟବସାୟ ସୁଯୋଗରେ ବୃଦ୍ଧି ଯାହା ଉପରେ ଆପଣ ଭରସା କରିପାରିବେ।
- ପ୍ରଧାନମନ୍ତ୍ରୀ ଆମେରିକୀୟ କମ୍ପାନୀଗୁଡ଼ିକୁ ଶକ୍ତି, ହେଲ୍ଥ କେୟାର ଏବଂ କୃଷି କ୍ଷେତ୍ରରେ ନିବେଶ କରିବା ଲାଗି ଆମନ୍ତ୍ରଣ ଜଣାଇଥିଲେ।
- ବିକାଶର ଏଜେଣ୍ଡାର ମୂଳରେ ରଖିବାର ଆବଶ୍ୟକତା ରହିଛି କାରଣ 'ଇଜ ଅଫ ଲିଭିଂ' ସେତିକି ଜରୁରି ଯେତିକି 'ଇଜ ଅଫ ଡୁଇଂ ବିଜନେସ'।
- ମହାମାରୀ ଆମକୁ ବାହ୍ୟ ଆଘାତ ବିରୋଧରେ ଜାଗତିକ ଅର୍ଥବ୍ୟବସ୍ଥାର ନମନୀୟତାର ଗୁରୁତ୍ୱକୁ ସ୍ମରଣ କରାଇ ଦେଉଛି, ଯାହା ସୁଦୃଢ଼ ଘରୋଇ ଆର୍ଥିକ କ୍ଷମତା ଜରିଆରେ ହାସଲ କରାଯାଇପାରିବ।
- ସହରୀ ଇଣ୍ଟରନେଟ ୟୁଜର୍ସଙ୍କ ତୁଳନାରେ ଗାଁରେ ଇଣ୍ଟରନେଟ ବ୍ୟବହାରକାରୀଙ୍କ ସଂଖ୍ୟା ଅଧିକ ରହିଛି। ଏବେ ଦେଶରେ ପାଖାପାଖି 50 କୋଟିରୁ ଅଧିକ ଆକ୍ଟିଭ ଇଣ୍ଟରନେଟ ବ୍ୟବହାରକାରୀ ରହିଛନ୍ତି, ସେହିପରି 50 କୋଟିରୁ ଅଧିକ ଲୋକ କନେକ୍ଟ ହୋଇସାରିଛନ୍ତି।
- ବିଭିନ୍ନ କ୍ଷେତ୍ରରେ ନିବେଶର ବ୍ୟାପକ ସୁଯୋଗ : ପ୍ରଧାନମନ୍ତ୍ରୀ ଆଇଡିଆଜ ସମିଟରେ କହିଥିଲେ ଯେ କିଭଳି ଭାବେ ଭାରତରେ ପ୍ରତ୍ୟେକ କ୍ଷେତ୍ରରେ ବ୍ୟାପକ ସଂସ୍କାର ଅଣାଯାଇଛି। ଯେଉଁଥିରେ ନିବେଶର ଉପଯୁକ୍ତ ସୁଯୋଗ ସୃଷ୍ଟି ହୋଇଛି। ସେସବୁ କ୍ଷେତ୍ର ହେଲେ : କୃଷି, ଖାଦ୍ୟ ପ୍ରକ୍ରିୟାକରଣ, ମତ୍ସ୍ୟ ପାଳନ, ଜୈବିକ ଉତ୍ପାଦ, ଚିକିତ୍ସା-ପ୍ରଯୁକ୍ତି, ଟେଲି ମେଡ଼ିସିନ, ଡାଏଗ୍ନୋଷ୍ଟିକ୍ସ ଉତ୍ପାଦନ, ଶକ୍ତି, ଆବାସ, ସଡ଼କ, ରାଜପଥ, ବନ୍ଦର ନିର୍ମାଣ ସହିତ ଅନ୍ୟ ମୌଳିକ ସୁବିଧାର ନିର୍ମାଣ, ବେସାମରିକ ବିମାନ ଚଳାଚଳ, ପ୍ରତିରକ୍ଷା, ମହାକାଶ କ୍ଷେତ୍ର, ଅର୍ଥ ଏବଂ ବୀମା ଭଳି କ୍ଷେତ୍ର ସାମିଲ ରହିଛି।

## ଭାରତ ଏବଂ ୟୁରୋପୀୟ ସଂଘ ମଧ୍ୟରେ 5 ବର୍ଷ ଲାଗି ବିଜ୍ଞାନ ଓ ପ୍ରଯୁକ୍ତି କ୍ଷେତ୍ରରେ ସହଯୋଗ




ଭାରତ ଏବଂ ୟୁରୋପୀୟ ସଂଘର 15ତମ ଭାରତ-ୟୁରୋପୀୟ ସଂଘ ଶିଖର ସମ୍ମିଳନୀରେ ଆସନ୍ତା ପାଞ୍ଚ ବର୍ଷ 2020-2025 ପର୍ଯ୍ୟନ୍ତ ବୈଜ୍ଞାନିକ ସହଯୋଗ ଉପରେ ବୁଝାମଣାର ନବୀକରଣ କରିବା ଲାଗି ସହମତି ହୋଇଛି। ଏହି ବୈଠକରେ ଭାରତ ପକ୍ଷରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରତିନିଧିତ୍ୱ କରିଥିବା ବେଳେ ୟୁରୋପୀୟ ସଂଘର ପ୍ରତିନିଧି ମଣ୍ଡଳର ନେତୃତ୍ୱ ୟୁରୋପୀୟ ପରିଷଦର ଅଧ୍ୟକ୍ଷ ଚାର୍ଲ୍ସ ମିଶେଲ ଏବଂ ୟୁରୋପୀୟ ଆୟୋଗର ଅଧ୍ୟକ୍ଷ ଉର୍ସୁଲା ଭନ ଡେର ଲେୟେନ କରିଥିଲେ। ଏହି ନୂତନ ମଞ୍ଜୁରିପ୍ରାପ୍ତ ବୁଝାମଣା ଅନୁଯାୟୀ, ଭାରତ ଏବଂ ୟୁରୋପୀୟ ସଂଘ ଉଭୟ 2001ରେ ହୋଇଥିବା ବିଜ୍ଞାନ ଓ ପ୍ରଯୁକ୍ତି ବୁଝାମଣା ଅନୁରୂପ ଆପୋସ ଲାଭ ଏବଂ ପାରସ୍ପରିକ ସିଦ୍ଧାନ୍ତ ଆଧାରରେ ଗବେଷଣା ଓ ଇନୋଭେସନରେ ଭବିଷ୍ୟତର ସହଯୋଗ କରିବା ନିମନ୍ତେ ସହମତି ବ୍ୟକ୍ତ କରିଛନ୍ତି। 2001ରେ ହୋଇଥିବା ଏହି ବୁଝାମଣା ମଇ 2017ରେ ସମାପ୍ତ ହୋଇଯାଇଥିଲା। ଏହି ଅବସରରେ ପ୍ରଧାନମନ୍ତ୍ରୀ ମୋଦୀ ୟୁରୋପୀୟ ସଂଘ ସହିତ ଭାରତର ସମ୍ପର୍କକୁ ଆହୁରି ନିବିଡ଼ କରିବା ଦିଗରେ ପ୍ରତିବଦ୍ଧତା ବ୍ୟକ୍ତ କରିଥିଲେ। କୋଭିଡ-19 ପରେ ପରିସ୍ଥିତି ବିଷୟରେ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ ଆର୍ଥିକ କ୍ଷେତ୍ରରେ ବିଶ୍ୱ ସ୍ତରରେ ନୂଆ ସମସ୍ୟା ଉତ୍ପନ୍ନ ହୋଇଛି। ସେଥିପାଇଁ ଗଣତାନ୍ତ୍ରିକ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ଅଧିକ ସହଯୋଗର ଆବଶ୍ୟକତା ରହିଛି। ପ୍ରଧାନମନ୍ତ୍ରୀ ଭାରତରେ ନବୀକରଣ ଯୋଗ୍ୟ ଶକ୍ତି କ୍ଷେତ୍ରରେ ୟୁରୋପକୁ ନିବେଶ ଏବଂ ଜ୍ଞାନକୌଶଳ ବିନିଯୋଗ ନିମନ୍ତେ ଆମନ୍ତ୍ରଣ କରିଥିଲେ।

ପ୍ରଧାନମନ୍ତ୍ରୀଙ୍କ ସମ୍ପୂର୍ଣ୍ଣ ସମ୍ବୋଧନ ଶୁଣିବା ଲାଗି QR କୋଡ ସ୍କାନ କରନ୍ତୁ।

ବିକାଶ ଲକ୍ଷ୍ୟକୁ ପ୍ରାପ୍ତ କରିବା ଦିଗରେ ମଧ୍ୟ ସହଯୋଗ କରୁଛୁ। ଆମର ଉଦ୍ଦେଶ୍ୟ ହେଉଛି 'ସବକା ସାଥ, ସବକା ବିକାଶ, ସବକା ବିଶ୍ୱାସ'-ଯାହାର ଅର୍ଥ ହେଉଛି ସାଥୀ ହୋଇ, ସମସ୍ତଙ୍କ ବିକାଶ ଲାଗି ସମସ୍ତଙ୍କ ଭରସା ସହିତ। ଏଥରେ ଏସଡିଜିର ମୂଳ ସିଦ୍ଧାନ୍ତ 'ଜଣେ କେହି ବଞ୍ଚିତ ରହିବେ ନାହିଁ'ର ଭାବନା ରହିଛି। ପୁଷ୍ଟି ସାଧନ, ଚିକିତ୍ସା ସେବା, ଶିକ୍ଷା, ବିଦ୍ୟୁତ କିମ୍ବା ଆବାସ ଉପଲବ୍ଧ କରାଇବା- ଆମେ ନିଜ ସମାବେଶୀ କାର୍ଯ୍ୟକ୍ରମଗୁଡ଼ିକ ମଧ୍ୟମରେ ଖୁବ ଅଧିକ ପ୍ରଗତି ହାସଲ କରୁଛୁ। ■




| संख्या न | उपाय | | रु.(करोड़ में) |
|---|---|---|---|
| 1. | पार्ट - 1 | | 5,94,550 |
| 2. | पार्ट - 2 | | 3,10,000 |
| 3. | पार्ट - 3 | | 1,50,000 |
| 4. | पार्ट - 4 और 5 | | 48,100 |
| | | सब-टोटल | 11,02,650 |
| 5. | पीएमजीकेपी सहित पहले के उपाय | | 1,92,800 |
| 6. | आरबीआई के उपाय (वास्तविक) | | 8,01,603 |
| | | सब-टोटल | 9,94,403 |
| | | कुल | 20,97,053 |

# ଆତ୍ମନିର୍ଭରତା


## ମାର୍ଗରେ ଦ୍ରୁତଗତିରେ ଦୌଡ଼ୁଥିବା ଅର୍ଥବ୍ୟବସ୍ଥା

**5.94** ଲକ୍ଷ କୋଟି ଟଙ୍କାର ପ୍ୟାକେଜ ଅର୍ଥବ୍ୟବସ୍ଥାର ମୂଳଦୁଆ ଏମଏସଏମଇ କ୍ଷେତ୍ର ପାଇଁ

**03** କୋଟି ଛୋଟ-ନାମମାତ୍ର କୃଷକଙ୍କ ଉପରେ ଫୋକସ

**ବଡ଼ ନିଷ୍ପତ୍ତି ଗ୍ରହଣ କରିବା ଏବଂ ତା'କୁ କାର୍ଯ୍ୟକାରୀ କରିବାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସିଦ୍ଧହସ୍ତ। କରୋନା ଭଳି ବିପତ୍ତିକୁ ଅବସରରେ ପରିଣତ କରି ଭାରତକୁ ଆତ୍ମନିର୍ଭରଶୀଳ କରିବା ଲାଗି ଦେଶକୁ ଲୋକାଲ ପାଇଁ ଭୋକାଲ କରିବାର ପ୍ରୟାସକୁ ସେ ନୂଆ ମାର୍ଗ ଦେଖାଇଛନ୍ତି। 12 ମଇରେ ରାଷ୍ଟ୍ର ଉଦ୍ଦେଶ୍ୟରେ ବାର୍ତ୍ତା ଦେଇ ସେ ମୋଟ ଜିଡିପିର 10 ପ୍ରତିଶତ ପାଖାପାଖି 20 ଲକ୍ଷ କୋଟି ଟଙ୍କାର ବଡ଼ ଆର୍ଥିକ ପ୍ୟାକେଜର ଘୋଷଣା କରିଥିଲେ। ଏହାପରେ କେନ୍ଦ୍ର ଅର୍ଥ ମନ୍ତ୍ରୀ ନିର୍ମଳା ସୀତାରମଣ ପାଞ୍ଚଟି ପର୍ଯ୍ୟାୟରେ ପ୍ୟାକେଜର ଘୋଷଣା କରି ପ୍ରଧାନମନ୍ତ୍ରୀଙ୍କ ଘୋଷଣାକୁ କାର୍ଯ୍ୟକାରୀ କରିବା ନିମନ୍ତେ କାର୍ଯ୍ୟଖସଡ଼ା ପ୍ରସ୍ତୁତ କରିଥିଲେ। ଯାହା ଫଳରେ 'ଜୀବନ ଅଛି ତ' ଜୀବିକା ଅଛି' ମନ୍ତ୍ର ସହିତ ପ୍ରଧାନମନ୍ତ୍ରୀ ଲକଡାଉନ ଭଳି ଯେଉଁ କଠୋର ନିଷ୍ପତ୍ତି ଗ୍ରହଣ କରିଥିଲେ, 'ଜୀବନ ବି ଜୀବିକା ବି' ମନ୍ତ୍ର ସହିତ ଦେଶକୁ ଜୁନ ମାସ ଠାରୁ ଅନଲକ କରାଗଲା। ଆତ୍ମନିର୍ଭର ଭାରତ ତାଙ୍କ ଦୀର୍ଘକାଳିନ ଚିନ୍ତାଧାରାର ପ୍ରତିଫଳନ। ଯାହାଫଳରେ ଭାରତ ପିପିଇ କିଟ ନିର୍ମାଣ ମାମଲାରେ ଶୂନ୍ୟରୁ ରପ୍ତାନିକାରୀ ଦେଶ ଶ୍ରେଣୀରେ ଆସିପାରିଛି।**

ଦେଶକୁ ବିପତ୍ତିରୁ ବାହାର କରିବା ଏବଂ ଅର୍ଥବ୍ୟବସ୍ଥାକୁ ମାର୍ଗକୁ ଫେରାଇ ଆଣିବାର ପ୍ରୟାସରେ ଆତ୍ମନିର୍ଭର ଭାରତ ପ୍ୟାକେଜ ପ୍ରଭାବୀ ଭୂମିକା ନିର୍ବାହ କରିଛି। ଗହମ କ୍ରୟ, ଖରିଫ ବୁଣା, ସାର ବିକ୍ରିରେ ରେକର୍ଡ ବୃଦ୍ଧି, ବିଦ୍ୟୁତ, ପେଟ୍ରୋଲିୟମ ଉତ୍ପାଦର ବର୍ଦ୍ଧିତ ଉପଯୋଗ, ମାଲ ପରିବହନ, ଟୋଲ ସଂଗ୍ରହ, ଡିଜିଟାଲ କାରବାରରେ ବୃଦ୍ଧି, ବିଦେଶୀ ମୁଦ୍ରା ଭଣ୍ଡାର ବଢ଼ିବା, ଜିଏସଟି ସଂଗ୍ରହ ଏପ୍ରିଲ ତୁଳନାରେ ଜୁନରେ ତିନି ଗୁଣା ବୃଦ୍ଧି ପାଇବା ଅର୍ଥବ୍ୟବସ୍ଥାରେ ସୁଧାରର ବଡ଼ ସଙ୍କେତ ଦେଉଛନ୍ତି। ଅର୍ଥମନ୍ତ୍ରୀ ଏହି ଆର୍ଥିକ ପ୍ୟାକେଜକୁ କାର୍ଯ୍ୟକାରୀ କରାଯିବାର ସମୀକ୍ଷା ଏବଂ ନିରୀକ୍ଷଣ ନିଜେ କରୁଛନ୍ତି। ଐତିହାସିକ ପ୍ୟାକେଜର ପ୍ରଗତି ଉପରେ ଏକ ଦୃଷ୍ଟି :



**200କୋଟିରୁ ଅଧିକ ସରକାରୀ କ୍ରୟର ଟେଣ୍ଡର କେବଳ ଭାରତୀୟ ଆବେଦନକାରୀମାନଙ୍କୁ :** ଦେଶର ଏମଏସଏମଇ (ସୂକ୍ଷ୍ମ, ଲଘୁ ଏବଂ ମଧ୍ୟମ ଉଦ୍ୟୋଗ)ଗୁଡ଼ିକୁ ବଡ଼ ରିହାତି ପ୍ରଦାନ କରି ସରକାର ନିୟମ ବଦଳାଇ ଦେଇଛନ୍ତି। ଅର୍ଥାତ ଏବେ 200 କୋଟି ଟଙ୍କାରୁ ଅଧିକ ସରକାରୀ କ୍ରୟରେ ଟେଣ୍ଡର ପାଇଁ କୌଣସି ଗ୍ଲୋବାଲ ଟେଣ୍ଡର ଆମନ୍ତ୍ରଣ (ଜିଟିଆଇ) ସେପର୍ଯ୍ୟନ୍ତ କରାଯିବ ନାହିଁ ଯେପର୍ଯ୍ୟନ୍ତ କ୍ୟାବିନେଟ ସଚିବାଳୟର ମଞ୍ଜୁରି ମିଳିନାହିଁ।



**ଠିକାଦାରମାନଙ୍କୁ ରିହାତି :** ରେଳବାଇ, ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟ ଏବଂ ସିପିଡବ୍ଲୁଡି ଭଳି ସମସ୍ତ କେନ୍ଦ୍ର ଏଜେନ୍ସି ଚୁକ୍ତି ସମ୍ପୂର୍ଣ୍ଣ କରିବା ଲାଗି ଛଅ ମାସ ପର୍ଯ୍ୟନ୍ତ ଅତିରିକ୍ତ ଅବଧି ପ୍ରଦାନ କରିବେ, ଯେଉଁଥରେ ଇପିସି ଏବଂ ରିହାତି ବୁଝାମଣା ସମ୍ବନ୍ଧୀୟ ଦାୟିତ୍ୱ ମଧ୍ୟ ସାମିଲ ରହିଛି। ଏଥିପାଇଁ ନିର୍ଦ୍ଦେଶନାମା ଜାରି କରାଯାଇସାରିଛି।

**ରାଜ୍ୟ ସରକାରଙ୍କୁ ସହାୟତା :** କେନ୍ଦ୍ର ସରକାର ପରିସ୍ଥିତିକୁ ଦୃଷ୍ଟିରେ ରଖି ଅନୁରୋଧକୁ ଗ୍ରହଣ କରିବା ଏବଂ କେବଳ 2020-21 ଆର୍ଥିକ ବର୍ଷ ଲାଗି ରାଜ୍ୟଗୁଡ଼ିକର ଋଣସୀମାକୁ 3%ରୁ ବୃଦ୍ଧି କରି 5% କରିବା ଲାଗି ନିଷ୍ପତ୍ତି ନେଇଛନ୍ତି। ଏହାଫଳରେ ରାଜ୍ୟଗୁଡ଼ିକୁ 4.28 ଲକ୍ଷ କୋଟି ଟଙ୍କାର ଅତିରିକ୍ତ ସମ୍ବଳ ମିଳିବ।


**ଏମଏସଏମଇ ସହିତ ବ୍ୟବସାୟୀମାନଙ୍କ ପାଇଁ ତିନି ଲକ୍ଷ କୋଟି ଟଙ୍କାର ବିନା ଗ୍ୟାରେଣ୍ଟି ଋଣ :** ବ୍ୟବସାୟୀମାନଙ୍କୁ ରିହାତି ପ୍ରଦାନ କରିବା ଲାଗି 45 ଲକ୍ଷ କୋଟିରୁ ଅଧିକ ଏମଏସଏମଇଗୁଡ଼ିକୁ ମୋଟ ତିନି ଲକ୍ଷ କୋଟି ଟଙ୍କାର ପୁଞ୍ଜି (ଲିକ୍ୟୁଡିଟି) ବା ନଗଦ ପ୍ରବାସ ସୁଲଭ କରାଇଛନ୍ତି। ଏଥିପାଇଁ ଦିଶା-ନିର୍ଦ୍ଦେଶ ଜାରି କରି ଦେଢ଼ ମାସର ଅବଧିରେ ହିଁ ୟୁନିଟଗୁଡ଼ିକୁ ଚିହ୍ନଟ କରି ଋଣ ମଞ୍ଜୁରି କରିବା ଆରମ୍ଭ କରାଯାଇଛି।

**ଏନବିଏଫସି ଗୁଡ଼ିକ ଲାଗି 45,000 କୋଟି ଟଙ୍କାର ଆଂଶିକ ଋଣ ଗ୍ୟାରେଣ୍ଟି ଯୋଜନା 2.0 :** ଆଂଶିକ ଋଣ ଗ୍ୟାରେଣ୍ଟି ଯୋଜନା ଅର୍ଥାତ ପିସିଜିଏସକୁ କ୍ୟାବିନେଟ ମଞ୍ଜୁରି ମିଳିବା ପରେ ଯୋଜନାର ପରିଚାଳନା ଦିଶା-ନିର୍ଦ୍ଦେଶ ସେହି ଦିନ ଅର୍ଥାତ 20 ମଇ 2020ରେ ହିଁ ଜାରି କରି ଦିଆଯାଇଛି। ବ୍ୟାଙ୍କଗୁଡ଼ିକ 14,000 କୋଟି ଟଙ୍କାର ପୋର୍ଟଫୋଲିଓ କ୍ରୟକୁ ମଞ୍ଜୁରି ଦେଇଛନ୍ତି। ସେଗୁଡ଼ିକ ମଧ୍ୟରୁ ବର୍ତ୍ତମାନ 3 ଜୁଲାଇ 2020 ସୁଦ୍ଧା 6,000 କୋଟି ଟଙ୍କାର ମଞ୍ଜୁରି ପ୍ରକ୍ରିୟାରେ ରହିଛି।

**ନାବାର୍ଡ ଜରିଆରେ କୃଷକମାନଙ୍କ ଲାଗି 30,000 କୋଟି ଟଙ୍କାର ଅତିରିକ୍ତ ଜରୁରିକାଳୀନ କାର୍ଯ୍ୟଶୀଳ ପୁଞ୍ଜି ଅର୍ଥଲଗାଣ :** କୋଭିଡ-19 ସମୟରେ ଗ୍ରାମୀଣ ଓ ସମବାୟ ବ୍ୟାଙ୍କଗୁଡ଼ିକ ଲାଗି ନାବାର୍ଡ ପକ୍ଷରୁ 30,000 କୋଟି ଟଙ୍କାର ନୂଆ ବିଶେଷ ପୁନଃ ଅର୍ଥ ଲଗାଣ ସୁବିଧାକୁ ମଞ୍ଜୁରି ମିଳିଛି। ଏହି ବିଶେଷ ସୁବିଧା ତିନି କୋଟି କୃଷକମାନଙ୍କୁ ଲାଭ ପ୍ରଦାନ କରିବ। ଏମାନଙ୍କ ମଧ୍ୟରେ ଅଧିକାଂଶ ଛୋଟ ଏବଂ ନାମମାତ୍ର କୃଷକ ସାମିଲ ରହିଛନ୍ତି। ଏହି କୃଷକମାନଙ୍କୁ ଫସଲ କାଟିବା ପରେ ଏବଂ ଖରିଫ ବୁଣା ପୂର୍ବରୁ ଆବଶ୍ୟକତା ନିମନ୍ତେ ଋଣ ସମ୍ବନ୍ଧୀୟ ଆବଶ୍ୟକତା ଯୋଗାଇ ଦିଆଯିବ। ଏହି ବିଶେଷ ସୁବିଧା ଅନ୍ତର୍ଗତ 30,000 କୋଟି ଟଙ୍କା ମଧ୍ୟରୁ 24,876.87 କୋଟି ଟଙ୍କା ଜୁଲାଇ 6 ତାରିଖ 2020 ସୁଦ୍ଧା ବିତରଣ କରାଯାଇସାରିଛି।

**ଟିଡିଏସ/ଟିସିଏସ ହାରରେ ହ୍ରାସ ଜରିଆରେ 50,000 କୋଟି ଟଙ୍କାର ନଗଦ ପ୍ରବାହ :** ସରକାର ଚଳିତ ଆର୍ଥିକ ବର୍ଷ ଶେଷ ଅବଧି ଲାଗି ଦେଶ ଭିତରେ ହେଉଥିବା ବିଭିନ୍ନ ପ୍ରକାରର ବ୍ୟବସାୟିକ ପରିଶୋଧ ଉପରେ ଟିଡିଏସ ଏବଂ ଟିସିଏସ ଦର 25 ପ୍ରତିଶତ କମ କରି ଦେଇଛନ୍ତି। ଏହି ଛାଡ଼ ବେତନକୁ ବାଦ ଦେଇ ଅନ୍ୟ ସମସ୍ତ ପ୍ରକାରର ପେଁଠକ ଉପରେ ଲାଗୁ ହେବ। ଏହା ଜରିଆରେ ଟିକସଦାତାଙ୍କ ହାତରେ 50,000 କୋଟି ଅତିରିକ୍ତ ନଗଦ ଉପଲବ୍ଧ ହୋଇପାରିବ।

**ପ୍ରତ୍ୟକ୍ଷ ଟିକସ ସମ୍ବନ୍ଧୀୟ ଅନ୍ୟ ଉପାୟ :** 8 ଏପ୍ରିଲ ଠାରୁ ଆରମ୍ଭ କରି 30 ଜୁନ ସୁଦ୍ଧା ଅବଧି ସମୟରେ କେନ୍ଦ୍ରୀୟ




"भारत टैलेंट का पावर हाउस है, जो योगदान देने के लिए उत्सुक है। भारतीयों के पास जो असंभव माना जाता है, उसे हासिल करने की भावना है। यह कोई आश्चर्य वाली बात नहीं कि हम भारत में आर्थिक रिकवरी के संकेतों को देख रहे हैं। महामारी ने एक बार फिर दिखाया है कि भारत का फार्मा उद्योग न सिर्फ भारत, बल्कि पूरे विश्व के लिए एक संपत्ति है।"

-नरेंद्र मोदी, प्रधानमंत्री

ପ୍ରତ୍ୟକ୍ଷ ଟିକସ ବୋର୍ଡ (ସିବିଡିଟି) ପକ୍ଷରୁ 20.44 ଲକ୍ଷରୁ ଅଧିକ ମାମଲାରେ 62,361 କୋଟି ଟଙ୍କାର ଅଧିକ ଅର୍ଥରାଶି ରିଫଣ୍ଡ ଜାରି କରାଯାଇସାରିଛି। ଅବଶିଷ୍ଟ ରିଫଣ୍ଡ ଲାଗି ମଧ୍ୟ ପ୍ରକ୍ରିୟା ଜାରି ରହିଛି। ସେହିପରି ବିଭାଗ ଆୟକର ରିଟର୍ଣ୍ଣ ଭରିବାର ଅନ୍ତିମ ତାରିଖକୁ 31 ଜୁଲାଇ, 2020 (ବ୍ୟକ୍ତିଗତ ଆଦି) ଠାରୁ ବଢ଼ାଇ 31 ଅକ୍ଟୋବର, 2020 କରି ଦେଇଥିବା ବେଳେ କମ୍ପାନୀ ଆଦି ନିମନ୍ତେ 30 ନଭେମ୍ବର, 2020 କରି ଦେଇଛନ୍ତି।

**ନିର୍ଦ୍ଦିଷ୍ଟ ଉପାୟ ଜରିଆରେ ବ୍ୟବସାୟ କରିବା ହେଲା ସହଜ :** କର୍ପୋରେଟ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଆଇବିସି, 2016 ଅର୍ଥାତ 'ଦେବାଳିଆ ଓ ଦେବାଳିଆପଣ ସଂହିତା ଅନ୍ତର୍ଗତ ପ୍ରଦତ୍ତ ଅଧିକାରକୁ ଉପଯୋଗ କରି ସର୍ବନିମ୍ନ ଡିଫଲ୍ଟ ରାଶି ଏକ କୋଟି ଟଙ୍କା ନିର୍ଦ୍ଧାରଣ କରିଛନ୍ତି।

**ଏନବିଏଫସି/ଏଚଏଫସି/ଏମଏଫଆଇ ଲାଗି 30,000 କୋଟି ଟଙ୍କାର ବିଶେଷ ଲିକ୍ୟୁଡିଟି ଯୋଜନା :** ଅଣବ୍ୟାଙ୍କିଙ୍ଗ ନିଗମ ଏନବିଏଫସି/ଏଚଏଫସି ଲାଗି ବିଶେଷ ଲିକ୍ୟୁଡିଟି ଯୋଜନାକୁ କ୍ୟାବିନେଟ ମଞ୍ଜୁରି ମିଳିବା ପରେ ଶୁଭାରମ୍ଭ କରିଦିଆଯାଇସାରିଛି। ଆରବିଆଇ ମଧ୍ୟ ଏହା ଉପରେ ଜୁଲାଇ 1ତାରିଖରେ ଏନବିଏଫସି-ଏଚଏଫସି ସର୍କୁଲାର ଜାରି କରିସାରିଛି। ଏସବିଆଇ କ୍ୟାପକୁ ମଧ୍ୟ 7 ଜୁଲାଇ ସୁଦ୍ଧା 24ଟି ଆବେଦନ ମିଳିଛି ଯେଉଁଥିରେ ପାଖାପାଖି 9,875 କୋଟି ଟଙ୍କାର ଅର୍ଥ ଯୋଗାଣ ନିମନ୍ତେ ଅନୁରୋଧ କରାଯାଇଛି। ■



# ୱାଇ-ଫାଇ

## କୋଟି କୋଟି ଛାତ୍ରଛାତ୍ରୀଙ୍କ ଶିକ୍ଷାର ହେଲା ସାଧନ

ଭଗବାନଙ୍କ ମାଟି ବୋଲି କୁହାଯାଉଥିବା କେରଳର ଏର୍ଣ୍ଣାକୁଲମ ଷ୍ଟେସନର କୁଲି ଶ୍ରୀନାଥ ଷ୍ଟେସନରେ ଯାତ୍ରୀଙ୍କ ସାମଗ୍ରୀ ପରିବହନ କରିଥାନ୍ତି। ଖାଲି ସମୟର ଉପଯୋଗ କରିବା ଲାଗି ସେ ମୋବାଇଲ ଜରିଆରେ ଷ୍ଟଡି ମ୍ୟାଟେରିଆଲ ଯୋଗାଡ଼ କଲେ ଏବଂ ଇୟରଫୋନ ଲଗାଇ ଏଜୁକେସନାଲ ଭିଡିଓ ଦେଖିବା ସହିତ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତି କଲେ। ଶ୍ରୀନାଥ କେରଳ ଲୋକସେବା ଆୟୋଗ ପରୀକ୍ଷାରେ ସଫଳତା ହାସଲ କରି ସାରା ଦେଶର ଧ୍ୟାନ ଆକର୍ଷଣ କରିବାରେ ସଫଳ ହେଲେ। ଶ୍ରୀନାଥ ନିଜର ଏହି ସଫଳତା ବିଷୟରେ କୁହନ୍ତି ଯେ, ସେ ଯାତ୍ରୀମାନଙ୍କ ସାମାଗ୍ରୀ ବୋହିବା ସମୟରେ ଇୟର ଫୋନ ଲଗାଇ ଅଡିଓ ଶୁଣୁଥିଲେ ଏବଂ ମନେ ମନେ ପ୍ରଶ୍ନଗୁଡ଼ିକର ସମାଧାନ ଖୋଜିବା ଲାଗି ଚେଷ୍ଟା କରୁଥିଲେ। ପ୍ରକୃତରେ ଶ୍ରୀନାଥଙ୍କ ଏହି ସଫଳତାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଡିଜିଟାଲ ଇଣ୍ଡିଆ ଚିନ୍ତାଧାରା ରହିଛି। ଏହି ଅଭିଯାନରେ ରେଳ ଷ୍ଟେସନଗୁଡ଼ିକରେ ୱାଇ-ଫାଇ ସୁବିଧା ହେବା ଫଳରେ ବାସ୍ତବରେ ଗ୍ରାମାଞ୍ଚଳଗୁଡ଼ିକ ପାଇଁ ବରଦାନ ସାବ୍ୟସ୍ତ ହୋଇଛି। ବର୍ତ୍ତମାନସୁଦ୍ଧା ଏହି ସୁବିଧା 5682ଟି ଷ୍ଟେସନରେ ଉପଲବ୍ଧ ରହିଛି। ଧାରା 370 ଉଚ୍ଛେଦ ପରେ ଯେତେବେଳେ ଫେକ ନ୍ୟୁଜ ଏବଂ ଦୁଷ୍ପ୍ରଚାର ରୋକିବା ଲାଗି ଜମ୍ମୁରେ ଇଣ୍ଟରନେଟ ଉପରେ ଅଙ୍କୁଶ ଲାଗୁ କରାଗଲା ସେତେବେଳେ ଏଠାକାର ଛାତ୍ରଛାତ୍ରୀଙ୍କ ପାଇଁ ରେଳ ୱାଇ-ଫାଇ ବେଶ ଉପଯୋଗୀ ସାବ୍ୟସ୍ତ ହେଲା। ସ୍କୁଲ ଓ କଲେଜ ମଧ୍ୟ ବନ୍ଦ ଥିଲା। ଏପରି ସ୍ଥିତିରେ ପାଠପଢ଼ା ଲାଗି ଜମ୍ମୁରେ ରେଳ ଷ୍ଟେସନରେ ମିଳୁଥିବା 30 ମିନିଟର ମାଗଣା ୱାଇ-ଫାଇ ସୁବିଧାକୁ ଛାତ୍ରଛାତ୍ରୀମାନେ ଭରପୂର ଉପଯୋଗ କଲେ। ସେମାନେ ସିଲାବସ ଓ ଷ୍ଟଡି ମ୍ୟାଟେରିଆଲ ଡାଉନଲୋଡ କଲେ। ଯାହା ଫଳରେ ସେମାନେ ସ୍କୁଲ କଲେଜ ବନ୍ଦ ହେବା ସ୍ଥିତିରେ ମଧ୍ୟ ନିୟମିତ ପାଠପଢ଼ା ଜାରି ରଖିପାରିବେ।

ଦେଶର 5682 ଷ୍ଟେସନରେ ଭାରତୀୟ ରେଳବାଇର ୱାଇ-ଫାଇ ସୁବିଧା ପରିବର୍ତ୍ତନଶୀଳ ଭାରତର ଏପରି କାହାଣୀର ବର୍ଣ୍ଣନା କରୁଛି ଯାହା ଆହ୍ୱାନକୁ ଅବସରରେ ରୂପାନ୍ତରିତ କରିବାର ପ୍ରେରଣା ଦେଇଥାଏ। ଗ୍ରାମୀଣ କ୍ଷେତ୍ର ଏବଂ ବିଶେଷ କରି ଦାରିଦ୍ର୍ୟ ସହିତ ସଂଘର୍ଷ କରୁଥିବା ପ୍ରତିଭାଙ୍କ ଲାଗି ମୋଦୀ ସରକାରଙ୍କ ଏହି ସୁବିଧା ବରଦାନ ସାବ୍ୟସ୍ତ ହୋଇଛି। କାରଣ ରେଲୱେର ୱାଇ-ଫାଇ ସୁବିଧା ଥିବା ଷ୍ଟେସନ ମଧ୍ୟରୁ 70 ପ୍ରତିଶତ ଷ୍ଟେସନ ଗ୍ରାମୀଣ କ୍ଷେତ୍ରରେ ରହିଛି। କରୋନା କାଳରେ 2.2 କୋଟି ୟୁଜର୍ସ ଏହାର ଲାଭ ନେଇସାରିଛନ୍ତି। ସେହିପରି ୨000 ଟିବି ଡାଟା ଖର୍ଚ୍ଚ ହୋଇସାରିଛି।

## ଡିଜିଟାଲ ଇଣ୍ଡିଆର ସ୍ୱପ୍ନକୁ ମିଳିଲା ୱାଇ-ଫାଇର ଡେଣା

**5682** ରେଳ ଷ୍ଟେସନରେ ୱାଇଫାଇ ସୁବିଧା

କୁଲି, ଦୈନିକ ଯାତ୍ରୀ ଓ ଛାତ୍ରଛାତ୍ରୀଙ୍କ ଦ୍ୱାରା ବ୍ୟବହୃତ

**9000** ଟିବି ଡାଟା ମୋଟ ଉପଯୋଗ ଲକଡାଉନର 2 ମାସ ମଧ୍ୟରେ

ଲକଡାଉନ ମଧ୍ୟରେ ବ୍ୟବହାରକାରୀଙ୍କ ସଂଖ୍ୟା 2.2 କୋଟି ବୃଦ୍ଧି

**70%** ଗ୍ରାମୀଣ କ୍ଷେତ୍ରରେ ଷ୍ଟେସନରେ ସୁବିଧା, ଇଣ୍ଟରନେଟ ସ୍ପିଡ ଛାତ୍ରଛାତ୍ରୀଙ୍କୁ ଆକୃଷ୍ଟ କରୁଛି

ସ୍କାନ କରନ୍ତୁ ଯାତ୍ରୀମାନଙ୍କ ଅନୁଭୂତି ଶୁଣନ୍ତୁ

# ଶିକ୍ଷାର ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ ହୋଇଚାଲିଛି ରେଳ ୱାଇ-ଫାଇ

ଶ୍ରୀନାଥଙ୍କ ଭଳି ପ୍ରେରଣାଦାୟୀ କାହାଣୀ ଆହୁରି ଅନେକଙ୍କ କ୍ଷେତ୍ରରେ ଘଟିଛି । ଗୁଜରାଟର ବରଜାଦୀ ନନ୍ଦେଜ ଷ୍ଟେସନରୁ ଦୈନିକ ଯାତ୍ରା କରୁଥିବା ମହମ୍ମଦ ଅସଗରଙ୍କ ଅନୁଭୂତି ମଧ୍ୟ ବେଶ ରୋଚକ । ସେ କୁହନ୍ତି ଯେ ମାଗଣା ଏବଂ ଦ୍ରୁତ ୱାଇଫାଇ ସହାୟତାରେ ସେ ନେଟ ବ୍ୟାଙ୍କିଙ୍ଗ କରିପାରୁଛନ୍ତି ଓ ଆପ ଡାଉନଲୋଡ କରୁଛନ୍ତି । ଏବେ ଏଥିପାଇଁ ତାଙ୍କୁ ସାଇବର କାଫେ ମଧ୍ୟ ଯିବାକୁ ପଡୁନାହିଁ । ସେହିପରି ହେଲେନ ଏପରି ଜଣେ ମା’ ଯିଏ ନିଜ ପରିବାରର ଗୁଜୁରାଣ ମେଣ୍ଟାଇବା ଲାଗି ଅଟୋ ଚଳାଇଥାନ୍ତି । ସେ ଷ୍ଟେସନରେ ରେଲୱେର ୱାଇଫାଇର ଉପଯୋଗ କରି ସ୍କୁଲ ଯାଉଥିବା ନିଜ ପୁଅକୁ ପାଠ ପଢ଼ାଇବା ସହିତ ନିଜେ ବି ଅପଡେଟ ରହିପାରୁଛନ୍ତି । କେବଳ ସେତିକି ନୁହେଁ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ କର୍କଟ ରୋଗୀମାନେ ମନୋରଞ୍ଜନ ଲାଗି ୱାଇଫାଇର ଉପଯୋଗ କରିବା ନିମନ୍ତେ ମୁମ୍ବାଇ ଷ୍ଟେସନକୁ ଆସୁଛନ୍ତି । କର୍ଣ୍ଣାଟକର ଏକ ଗ୍ରାମୀଣ ରେଳଷ୍ଟେସନ ଭାନାପୁରରେ



ସିଭିଲ ଇଞ୍ଜିନିୟରିଂରେ ବିଇ ପାଠପଢ଼ା ସାରିଥିବା ଶ୍ରୀକାନ୍ତ ସବୁବେଳେ ଷ୍ଟେସନରେ ଅପେକ୍ଷା କରିବା ସମୟରେ ରେଲୱେର ୱାଇଫାଇର ଉପଯୋଗ କରି ୟୁଟ୍ୟୁବରୁ ଅଟୋକ୍ୟାଡ ଶିକ୍ଷା ହାସଲ କରୁଛନ୍ତି । ହୁବଲୀ ଡିଭିଜନର ଓବୁଲପୁରମ ଷ୍ଟେସନରେ ରିଜୱାନ ମଧ୍ୟ ପାଠ୍ୟ ଉପକରଣ ଡାଉନଲୋଡ କରିବା ଲାଗି ମାଗଣା ୱାଇ-ଫାଇର ଉପଯୋଗ କରୁଛନ୍ତି ।

### ଗାଁ-ସହର ମଧ୍ୟରେ କମୁଛି ଦୂରତା


ସ୍ମାର୍ଟ ଫୋନର ଦାମ କମିବା ଫଳରେ ଏସବୁକ୍ଷେତ୍ରର ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ଶ୍ରେଣୀର ଲୋକମାନଙ୍କ ପାଇଁ ରେଳ ଷ୍ଟେସନରେ ରେଲଟେଲ ରେଲୱେର ୱାଇ-ଫାଇ ଜରିଆରେ ଇଣ୍ଟରନେଟର ସୁବିଧା ପାଇବା ସହଜ ହୋଇପାରୁଛି। ଏହି ହାଇସ୍ପିଡ ମାଗଣା ୱାଇ-ଫାଇ ସୁବିଧା ଗ୍ରାମାଞ୍ଚଳରେ ପହଞ୍ଚିବା ଫଳରେ ସହର-ଗ୍ରାମ ବିଭାଜନ ଦୂର ହେବା ସହିତ ଏହାର ଉପଯୋଗ କରାଯାଇ ଡିଜିଟାଲ ପଇଠ, ଇ-ଗ୍ରାମ ସେବା ନିକଟରେ ପହଞ୍ଚିବା, ପାଣିପାଗର ସ୍ଥିତି ବିଷୟରେ ସୂଚନା ପ୍ରାପ୍ତ କରିବା ତଥା ନୂଆ ଧନ୍ଦାମୂଳକ ଶିକ୍ଷା ଓ ଦକ୍ଷତା ଶିଖିବାରେ ଉପଯୋଗ କରାଯାଇପାରୁଛି । ଛାତ୍ରଛାତ୍ରୀ ଅପେକ୍ଷା କରିଥିବା ସମୟରେ ପାଠ୍ୟ ଉପକରଣ ଡାଉନଲୋଡ କରିପାରିବେ, ଭେଣ୍ଡରମାନେ ଡିଜିଟାଲ କାରବାର କରିପାରିବେ, ଦୈନିକ ଯାତ୍ରୀ ଷ୍ଟେସନରେ ମାଗଣା ୱାଇଫାଇ ଜରିଆରେ ନିଜ ସମୟର ଉପଯୋଗ ନୂଆ କୌଶଳ ଶିଖିବା କିମ୍ବା ନେଟ ସର୍ଫିଙ୍ଗ ପାଇଁ କରିପାରୁଛନ୍ତି।

### ସହଜ ନଥିଲା ସୁବିଧା ଦେବା

ରେଳ ଷ୍ଟେସନରେ ୱାଇ-ଫାଇ, ଶୁଣିବାକୁ ଖୁବ ସହଜ ଲାଗିପାରେ କିନ୍ତୁ ଏହା ସେତେଟା ସହଜ ନଥିଲା । ବିଶେଷ କରି ବଡ଼ ଷ୍ଟେସନରେ ୱାଇ-ଫାଇ ସିଗ୍ନାଲକୁ ମୋଟା ପଥର ପ୍ରାଚୀର ଅଟକାଇ ଦେଇଥାଏ, ପ୍ରତ୍ୟେକ ଷ୍ଟେସନର ଡିଜାଇନ ଭିନ୍ନ ହୋଇଥାଏ । ତେଣୁ ସାମଗ୍ରୀଗୁଡ଼ିକୁ ଏହାର ଅନୁକୂଳ କରିବାର ଆବଶ୍ୟକତା ରହିଥାଏ। ବହୁ ସଂଖ୍ୟାରେ ଲୋକ ଏଠାକୁ ଆସିଥାନ୍ତି, ବିଦ୍ୟୁତ କାଟ ହୋଇଥାଏ, ଷ୍ଟେସନଗୁଡ଼ିକର ପୁନର୍ବିକାଶ ଏବଂ ଷ୍ଟେସନରେ ଜାରି ରହିଥିବା ନିର୍ମାଣ ଗତିବିଧି ଏ ସମସ୍ତ ଆହ୍ୱାନର ସମ୍ମୁଖୀନ ହୋଇ ରେଳବାଇକୁ ଏହି ପ୍ରକଳ୍ପ ପୂରଣ କରିବାକୁ ପଡ଼ିଲା । କିନ୍ତୁ ଏ ସମସ୍ତ ବାଧା ଭାରତୀୟ ରେଳବାଇକୁ ଏହି ଅଭୂତପୂର୍ବ ଉପଲବ୍ଧି ହାସଲ କରିବାରୁ ଅଟକାଇ ପାରିଲା ନାହିଁ । ଯାତ୍ରୀଗଣ ଏହି ସୁବିଧାର ଉପଯୋଗ ହାଇ ଡେଫିନେସନ (ଏଚଡି) ଭିଡିଓ ଫିଲ୍ମ, ଗୀତ ଏବଂ ଗେମ ଡାଉନଲୋଡ କରିବା ଓ ନିଜ କାର୍ଯ୍ୟାଳୟର କାମ ଅନଲାଇନ ଜରିଆରେ କରିବାର ସୁବିଧା ପାଇପାରୁଛନ୍ତି । ମୋଦୀ ସରକାରଙ୍କ ଯୋଜନା କରିଛନ୍ତି, ଦେଶର ସବୁ ଷ୍ଟେସନକୁ ୱାଇଫାଇଯୁକ୍ତ କରାଯିବ । ବର୍ତ୍ତମାନ ଏହି କାମ ଜାରି ରହିଛି । ଡିସେମ୍ବର 2020 ସୁଦ୍ଧା ଆହୁରି 225ଟି ଷ୍ଟେସନରେ ୱାଇ-ଫାଇ ସେବା ଆରମ୍ଭ କରି ଦିଆଯିବ । ଅବଶିଷ୍ଟ ଷ୍ଟେସନ ଯେଉଁଠି ଓଏଫସି କନେକ୍ଟିଭିଟି ନାହିଁ, ସେପରି 50ଟି ଷ୍ଟେସନରେ ପରୀକ୍ଷାମୂଳକ ଭାବେ 4ଜି/3ଜି କନେକ୍ଟିଭିଟି ପ୍ରଦାନ କରାଯିବ । ବାସ୍ତବରେ ଜଣେ ଗରିବ ଲୋକର ଲକ୍ଷ୍ୟକୁ ଡେଣା ଦେବାର ଏକ ପ୍ରକୃଷ୍ଟ ଉଦାହରଣ ହେଉଛି ଭାରତୀୟ ରେଳବାଇର ୱାଇ-ଫାଇ ସୁବିଧା ।

## ଶହ ଶହ ବର୍ଷର ପ୍ରତୀକ୍ଷା ଆଜି ସମାପ୍ତ ହେଉଛି...

# ||ରାମ କାଜ କୀହ୍ନେ ବିନୁ ମୋହି କହାଁ ବିଶ୍ରାମ||


ରାମଲଲାଙ୍କ ଦ୍ୱାରରେ ସାଷ୍ଟାଙ୍ଗ ପ୍ରଣାମ


ପୂଜା ଅର୍ଚ୍ଚନା


ସମ୍ବୋଧନ


ହନୁମାନ ଗଡିରେ ଆରତୀ

ପାରମ୍ପରିକ ବେଶଭୂଷା-ଧୋତି, କୁର୍ତ୍ତା ଧାରଣ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ 5 ଅଗଷ୍ଟରେ ଭଗବାନ ରାମଲଲାଙ୍କ ଜନ୍ମଭୂମି ଅଯୋଧ୍ୟା ନଗରୀରେ ପହଞ୍ଚିଥିଲେ। ଏଥିସହିତ ଶହ ଶହ ବର୍ଷର ସ୍ୱପ୍ନ ସାକାର ହେଲା । ପ୍ରଧାନମନ୍ତ୍ରୀ ରାମ ଲଲାଙ୍କ ପୂଜାର୍ଚ୍ଚନା କଲେ ଏବଂ ରାମ ଜନ୍ମଭୂମି ସ୍ଥଳରେ 'ସାଷ୍ଟାଙ୍ଗ' ଦଣ୍ଡବତ କଲେ । ଭୂମି ପୂଜା ସହିତ ଭବ୍ୟ ରାମ ମନ୍ଦିର ନିର୍ମାଣ ଆରମ୍ଭ ହେଲା ।

ଦଶନ୍ଧି ଧରି ଚାଲି ଆସିଥିବା ନ୍ୟାୟିକ ପ୍ରକ୍ରିୟା ସମାପ୍ତ ହେବା ପରେ ୨ ନଭେମ୍ବର 2019ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରାଷ୍ଟ୍ର ଉଦ୍ଦେଶ୍ୟରେ ଉଦବୋଧନ ଦେଇ ଭାରତ ପାଇଁ ଏହାକୁ ଏକ ନୂଆ ସକାଳ ବୋଲି ଉଲ୍ଲେଖ କରିଥିଲେ। ସେ କହିଥିଲେ ଯେ ଏବେ ଦେଶକୁ ସଂକଳ୍ପ କରିବାକୁ ହେବ ଯେ ନୂଆ ପିଢ଼ି, ନୂଆ ଢଙ୍ଗରେ ନ୍ୟୁ ଇଣ୍ଡିଆର ନିର୍ମାଣରେ ନିୟୋଜିତ ହେବ । ଏହି ବାର୍ତ୍ତାକୁ ଆଗକୁ ବଢ଼ାଇ ପ୍ରଧାନମନ୍ତ୍ରୀ ଅଯୋଧ୍ୟରେ ଭବ୍ୟ ରାମ ମନ୍ଦିର ନିର୍ମାଣ ଲାଗି ଶିଳାନ୍ୟାସ କରି କହିଥିଲେ, "ଯେପରି ଭାବେ ଦଳିତ-ପଛୁଆ-ଆଦିବାସୀ, ସମାଜର ପ୍ରତ୍ୟେକ ବର୍ଗ ସ୍ୱାଧୀନତା ସଂଗ୍ରାମରେ ଗାନ୍ଧୀଜୀଙ୍କୁ ସହଯୋଗ କରିଥିଲେ, ସେହିପରି ଆଜି ସାରା ଦେଶର ଲୋକମାନଙ୍କ ସହଯୋଗରେ ରାମ ମନ୍ଦିର ନିର୍ମାଣର ଏହି ପୂଣ୍ୟ କାର୍ଯ୍ୟ ଆରମ୍ଭ ହୋଇଛି..."

**ପ୍ରଧାନମନ୍ତ୍ରୀଙ୍କ ଉଦବୋଧନର କେତେକ ଗୁରୁତ୍ୱପୂର୍ଣ୍ଣ ବିନ୍ଦୁ :**

- ପ୍ରଥମେ ମାତା ସୀତା ଓ ପ୍ରଭୁ ରାମଚନ୍ଦ୍ରଙ୍କୁ ସ୍ମରଣ କରି ନେବା : ସୀୟାବର ରାମଚନ୍ଦ୍ରଙ୍କ କି ଜୟ ! ଜୟ ସୀୟାରାମ । ଜୟ ସୀୟାରାମ । ଆଜି ଏହି ଜୟଘୋଷ କେବଳ ସୀତାରାମଙ୍କ ନଗରୀରେ ଶୁଣାଯାଉନାହିଁ । ଏହା ସମଗ୍ର ବିଶ୍ୱରେ ପ୍ରତିଧ୍ୱନିତ

> ଭଗବାନ ରାମ ଜଣେ ନ୍ୟାୟପରାୟଣ ବ୍ୟକ୍ତି ହୋଇପାରନ୍ତି। ଏହି ସ୍ଥାନ ହିଁ ଭଗବାନ ରାମଙ୍କ ଜନ୍ମ ସ୍ଥାନ ଅଟେ, ଏହା ହିନ୍ଦୁମାନଙ୍କର ଏକ ଅତୁଟ ଆସ୍ଥା ଅଟେ ।
>
> ୨ ନଭେମ୍ବର 2019ରେ ସୁପ୍ରିମ କୋର୍ଟ ଦେଇଥିବା ଟିପଣୀ

ହେଉଛି । ସବୁ ଦେଶବାସୀଙ୍କୁ ଏବଂ କୋଟି କୋଟି ଭାରତ ଭକ୍ତ ଓ ରାମଭକ୍ତଙ୍କୁ ଆଜିର ଏହି ପବିତ୍ର ଅବସରରେ ଅଶେଷ ଅଭିନନ୍ଦନ।

- ଟ୍ରଷ୍ଟ ମୋତେ ଏଠାକୁ ଆମନ୍ତ୍ରଣ କରିଛି । ଏହି ଐତିହାସିକ କ୍ଷଣର ସାକ୍ଷୀ ରହିବା ପାଇଁ ମୋତେ ସୁଯୋଗ ଦିଆଯାଇଛି । ଏଥିପାଇଁ ଶ୍ରୀରାମ ଜନ୍ମଭୂମି ତୀର୍ଥକ୍ଷେତ୍ର ଟ୍ରଷ୍ଟ ପ୍ରତି ହାର୍ଦ୍ଦିକ କୃତଜ୍ଞତା ଜ୍ଞାପନ କରୁଛି । ଆସିବା ସାଧାରଣ ଥିଲା ରାମ କାଜୁ କିହ୍ନେ ବିନୁ ମୋହି କହାଁ ବିଶ୍ରାମ (ରାମଙ୍କ କାର୍ଯ୍ୟ ବିନା ମୋତେ ବିଶ୍ରାମ କାହିଁ)
- ବର୍ଷ ବର୍ଷ ଧରି ତାଟି ଓ ପାଲ ତଳେ ରହି ଆସିଥିବା ଆମ ରାମଲଲାଙ୍କ ପାଇଁ ଏବେ ଏକ ଭବ୍ୟ ମନ୍ଦିର ତିଆରି ହେବ। ଭାଙ୍ଗିଯିବା ଏବଂ ପୁଣି ଉଠି ଛିଡ଼ା ହେବା ଏମିତି ବର୍ଷ ବର୍ଷ ଧରି ଚାଲିଥିବା ଏ ବ୍ୟତିକ୍ରମରୁ ରାମ ଜନ୍ମଭୂମି ଆଜି ମୁକ୍ତ ହୋଇଯାଇଛି ।
- ରାମ ମନ୍ଦିର ପାଇଁ ହୋଇଥିବା ଆନ୍ଦୋଳନରେ ଉଭୟ ଅର୍ପଣ ଓ ତର୍ପଣ, ସଂଘର୍ଷ ଓ ସଂକଳ୍ପ ଥିଲା । ଯେଉଁମାନଙ୍କର ତ୍ୟାଗ, ବଳିଦାନ ଓ ସଂଘର୍ଷରେ ଆଜି ଏ ସ୍ୱପ୍ନ ସାକାର ହେବାକୁ ଯାଉଛି ସେମାନଙ୍କର ତପସ୍ୟା ରାମ ମନ୍ଦିରର ସ୍ତମ୍ଭ ଭଳି ଯୋଡି ହୋଇଛି। ମୁଁ ଏ ସମସ୍ତଙ୍କୁ ଆଜି ନମସ୍କାର କରିବା ସହ ସେମାନଙ୍କର ବନ୍ଦନା କରୁଛି ।
- ଶ୍ରୀରାମଚନ୍ଦ୍ରଙ୍କ ତେଜ ସୂର୍ଯ୍ୟଙ୍କ ସମାନ । ତାଙ୍କ କ୍ଷମା ପୃଥ୍ୱୀ ତୁଲ୍ୟ । ବୁଦ୍ଧିରେ ସେ ବୃହସ୍ପତିଙ୍କ ସଦୃଶ ଏବଂ ଯଶରେ ଇନ୍ଦ୍ର ସମ ପରିଗଣିତ ହୁଅନ୍ତି । ଶ୍ରୀରାମଙ୍କ ଚରିତ୍ର ସବୁଠୁ ଅଧିକ ଯେଉଁ କେନ୍ଦ୍ରବିନ୍ଦୁ ଉପରେ ଘୂର୍ଣ୍ଣାୟମାନ ତାହାହେଲା ସତ୍ୟରେ ଅଟଳ ରହିବା । ଏଥିପାଇଁ ହିଁ ଶ୍ରୀରାମ ସ୍ୱୟଂ ସଂପୂର୍ଣ୍ଣ ଅଟନ୍ତି ।
- ରାମଙ୍କ ଅଦ୍ଭୁତ ଶକ୍ତି ଦେଖନ୍ତୁ । ତାଙ୍କ ଆସ୍ଥାନକୁ ନଷ୍ଟ କରିଦିଆଗଲା। ଅସ୍ତିତ୍ୱ ଲୋପ କରିବାକୁ ମଧ ବହୁ ପ୍ରୟାସ ହେଲା; କିନ୍ତୁ ରାମ ଆଜି ମଧ ଆମ ମନରେ ରହିଛନ୍ତି । ଆମ ସଂସ୍କୃତିର ଆଧାର ପାଲଟିଛନ୍ତି।
- ଏହି ମନ୍ଦିର ନିର୍ମାଣ ହେବା ପରେ ଅଯୋଧ୍ୟାର କେବଳ ସୌନ୍ଦର୍ଯ୍ୟ ବଢିବ ନାହିଁ, ଏହି କ୍ଷେତ୍ରର ସମଗ୍ର ଅର୍ଥତନ୍ତ୍ର ମଧ ବଦଳିଯିବ। ଏଠାରେ ପ୍ରତ୍ୟେକ କ୍ଷେତ୍ରରେ ନୂଆ ସୁଯୋଗ ସୃଷ୍ଟି ହେବ । ଚିନ୍ତା କରନ୍ତୁ, ସାରା ଦୁନିଆରୁ ଲୋକେ ଏଠାକୁ ଆସିବେ । ପୂରା ଦୁନିଆ ପ୍ରଭୁ ରାମ ଓ ମାତା ଜାନକୀଙ୍କ ଦର୍ଶନ କରିବେ ।
- ଜୀବନରେ ଏମିତି କୌଣସି ଦିଗ ନାହିଁ ଯେଉଁଠି ରାମଙ୍କର ପ୍ରେରଣା ନାହିଁ । ଭାରତରେ ଏଭଳି କୌଣସି ଭାବନା ନାହିଁ ଯେଉଁଠି ପ୍ରଭୁ ରାମଙ୍କର ଝଲକ ଅନୁଭୂତ ହୁଏ ନାହିଁ । ଭାରତର ଆସ୍ଥା ଓ ଆଦର୍ଶରେ ରାମ ଅଛନ୍ତି । ଭାରତର ଦିବ୍ୟତା, ଦର୍ଶନରେ ମଧ ସେ ବିଦ୍ୟମାନ ।

ପ୍ରଧାନମନ୍ତ୍ରୀ ଶେଷରେ ଭରସା ଦେଇଥିଲେ ଯେ "ଆମେ ସମସ୍ତ ଆଗକୁ ବଢ଼ିବା, ଦେଶ ଆଗକୁ ବଢ଼ିବ! ଭଗବାନ ରାମଙ୍କ ଏହି ମନ୍ଦିର ଯୁଗ ଯୁଗ ପର୍ଯ୍ୟନ୍ତ ମାନବ ସମାଜକୁ ପ୍ରେରଣା ଦେବ, ମାର୍ଗଦର୍ଶନ କରିଚାଲିବ।

ହନୁମାନ ଗଢ଼ି ମନ୍ଦିରରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ପୂଜା କାର୍ଯ୍ୟକ୍ରମକୁ ଦେଖିବା ଲାଗି QR କୋଡ ସ୍କାନ କରନ୍ତୁ।

ଭୂମି ପୂଜା ଠାରୁ ସମ୍ବୋଧନ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମ ଦେଖିବା ଲାଗି QR କୋଡ ସ୍କାନ କରନ୍ତୁ।



## 492 ବର୍ଷର ଲମ୍ବା ଇତିହାସ

- 1528 : ଐତିହାସିକଙ୍କ ମତରେ ବାବରର ସୁବେଦାର ମୀର ବାକି ଅଯୋଧ୍ୟାରେ ମସଜିଦ ନିର୍ମାଣ କରିଥିଲେ।
- 1853 : ଅୱଧର ନବାବ ୱାଜିଦ ଅଲି ଶାହଙ୍କ ସମୟରେ ପ୍ରଥମ ଥର ଲାଗି ଅଯୋଧ୍ୟାରେ ସାମ୍ପ୍ରଦାୟିକ ହିଂସା ହୋଇଥିଲା।
- 1950 : ହିନ୍ଦୁ ମହାସଭାର ଓକିଲ ଗୋପାଳ ବିଶାରଦ ଫୈଜାବାଦ ଜିଲ୍ଲା ଆଦାଲତରେ ଆବେଦନ କରି ରାମଲଲାଙ୍କ ମୂର୍ତ୍ତି ପୂଜା ପାଇଁ ଅଧିକାର ଦେବାକୁ ଦାବି କଲେ।
- 1959 : ନିର୍ମୋହୀ ଆଖଡ଼ା ବିବାଦୀୟ ସ୍ଥଳ ଉପରେ ମାଲିକାନା ଅଧିକାର ସାବ୍ୟସ୍ତ କଲା।
- 1961 : ସୁନ୍ନୀ ୱାକଫ ବୋର୍ଡ (ସେଣ୍ଟ୍ରାଲ) କୋର୍ଟରେ ଆବେଦନ କଲା ଏବଂ ମସଜିଦ ଓ ଆଖପାଖ ଜମି ଉପରେ ନିଜର ଅଧିକାର ଦାବି କଲା।
- 1981 : ଉତ୍ତର ପ୍ରଦେଶ ସୁନ୍ନି ସେଣ୍ଟ୍ରାଲ ୱାକଫ ବୋର୍ଡ ଜମିର ମାଲିକାନା ଅଧିକାର ପାଇଁ ମାମଲା ଦାୟର କଲା।
- 1989 : ଆହ୍ଲାବାଦ ହାଇକୋର୍ଟ ବିବାଦୀୟ ସ୍ଥାନରେ ସ୍ଥିତାବସ୍ଥା ବଜାୟ ରଖିବାକୁ ଆଦେଶ ଦେଲେ।
- 2010 : ଆହ୍ଲାବାଦ ହାଇକୋର୍ଟ ଜମିକୁ 3 ଭାଗରେ ବାଣ୍ଟିଦେଲେ।
- 2011: ସୁପ୍ରିମକୋର୍ଟ ଆହ୍ଲାବାଦ ହାଇକୋର୍ଟର ନିଷ୍ପତ୍ତି ଉପରେ ରୋକ ଲଗାଇଲେ।
- 16 ଅକ୍ଟୋବର 2019 : ସୁପ୍ରିମକୋର୍ଟରେ ମାମଲାର ଶୁଣାଣି ସମ୍ପୂର୍ଣ୍ଣ ହେଲା।
- ୨ନଭେମ୍ବର 2019 : ସୁପ୍ରିମକୋର୍ଟ ସମ୍ପୂର୍ଣ୍ଣ ଜମିକୁ ରାମଲଲା ବିରାଜମାନଙ୍କୁ ଅର୍ପଣ କରି ଦେଲେ। ମସଜିଦ ପାଇଁ ପୃଥକ ସ୍ଥାନରେ 5 ଏକର ଜମି ଦେବାକୁ ରାୟ ଦେଲେ।



# ଭଗବାନ କେଦାରନାଥଙ୍କ ନଗରୀକୁ ଭବ୍ୟ-ଦିବ୍ୟ ରୂପ ମିଳିଲା

**ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଡ୍ରିମ ପ୍ରୋଜେକ୍ଟରେ ସାମିଲ ହୋଇଥିବା କେଦାରନାଥ ଧାମ ଭୀଷଣ ପ୍ରାକୃତିକ ବିପର୍ଯ୍ୟୟ କାରଣରୁ ସୃଷ୍ଟି ହୋଇଥିବା ତାଣ୍ଡବ ଲୀଳାର 7ବର୍ଷ ପରେ ପୁଣିଥରେ ପୁନଃନିର୍ମାଣ କାର୍ଯ୍ୟ ଜରିଆରେ ଦ୍ରୁତଗତିରେ ନିଜ ରଙ୍ଗରେ ଫେରିବାକୁ ଲାଗିଛି। ଏବେ କରୋନା ପାଇଁ ମିଳିଥିବା ସୁଯୋଗକୁ ଉପଯୋଗ କରି ପଡ଼ି ରହିଥିବା କାର୍ଯ୍ୟକୁ ଦ୍ରୁତ ଗତିରେ ସାରିବା ଲାଗି ଆଇଟିର ଉପଯୋଗ କରି ତୀର୍ଥସ୍ଥଳୀର ଐତିହାସିକ-ସାଂସ୍କୃତିକ ଗୁରୁତ୍ୱକୁ ପ୍ରଦର୍ଶିତ କରିବା ଲାଗି ପ୍ରଧାନମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।**


> "ବାବା କେଦାରଙ୍କ ଦର୍ଶନମାତ୍ରକେ କୋଟି କୋଟି ଶ୍ରଦ୍ଧାଳୁମାନଙ୍କୁ ଅପୂର୍ବ ଶକ୍ତି ପ୍ରାପ୍ତ ହୋଇଥାଏ। ଯାତ୍ରୀମାନଙ୍କୁ ଗୌରୀକୁଣ୍ଡ-କେଦାରନାଥ ମାର୍ଗରେ ସମସ୍ତ ସୁବିଧା ମିଳୁ, ପ୍ରଯୁକ୍ତି ମାଧ୍ୟମରେ ତୀର୍ଥର ଐତହାସିକ ଏବଂ ସାଂସ୍କୃତିକ ଗୁରୁତ୍ୱକୁ ପ୍ରଦର୍ଶିତ କରାଯାଉ, ଏପରି ବ୍ୟବସ୍ଥା ବିକଶିତ ହେଉ। ମନ୍ଦିର ଓ ଜଗଦଗୁରୁ ଆଦି ଶଙ୍କରାଚାର୍ଯ୍ୟଙ୍କ ସମାଧି ସ୍ଥଳର ଦିବ୍ୟତା ବଢୁ, ସ୍ୱଚ୍ଛତାକୁ କେନ୍ଦ୍ରରେ ରଖି ଆହୁରି ଅଧିକ ବିକାଶ ହେଉ। ମୋର ବିଶ୍ୱାସ ରହିଛି ଯେ ବାବାଙ୍କ ଆଶୀର୍ବାଦ ବଳରେ କେଦାରନାଥ ଧାମର ଅଲୌକିକ ସ୍ୱରୂପ ଆହୁରି ଅଧିକ ବୃଦ୍ଧି ପାଉ।"

2013 ବର୍ଷରେ 16-17 ଜୁନର ସେହି କାଳ ରାତ୍ରୀର ଘଟଣା ଆଜି ମଧ୍ୟ ଶରୀରରେ ଶିହରଣ ସୃଷ୍ଟି କରିଥାଏ। ଉତ୍ତରାଖଣ୍ଡର କେଦାରନାଥ ଧାମରେ ଆସିଥିବା ଭୟାନକ ପ୍ରାକୃତିକ ବିପର୍ଯ୍ୟୟ ହଜାର ହଜାର ଲୋକଙ୍କ ପ୍ରାଣ ନେଇଯାଇଥିଲା। ଲକ୍ଷ ଲକ୍ଷ ଲୋକଙ୍କ ଆବାସ ଉଜାଡ଼ି ଦେଇଥିଲା। ଯାତାୟାତର ସାଧନ ଠପ ହୋଇଯାଇଥିଲା। କିନ୍ତୁ ବିପର୍ଯ୍ୟୟର ବର୍ଷକ ପରେ ମଧ୍ୟ ଜନଜୀବନ ମାର୍ଗକୁ ଫେରିପାରିନଥିଲା। 2014ରେ ଯେତେବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶର ଦାୟିତ୍ୱ ସମ୍ଭାଳିଲେ ତ' ସର୍ବପ୍ରଥମେ ନିଜ ହୃଦୟର ବେଶ ନିକଟତର କେଦାରନାଥ ଧାମର ପୁନଃନିର୍ମାଣ ଦାୟିତ୍ୱ ନିଜ କାନ୍ଧରେ ଉଠାଇଥିଲେ। ଏହା ପରେ କେଦାରନାଥ ଧାମର ବିକାଶକାର୍ଯ୍ୟକୁ ନିଜେ ହିଁ ଅନୁଧ୍ୟାନ କରିଥିଲେ। କରୋନା କାଳରେ ପ୍ରଧାନମନ୍ତ୍ରୀ ମୋଦୀ ପ୍ରଥମେ ଜୁନ ମାସରେ ଓ ଏହାପରେ ପବିତ୍ର ଶ୍ରାବଣ ମାସରେ 15 ଜୁଲାଇରେ ଭିଡିଓ କନଫରେନ୍ସିଂ ଜରିଆରେ ଉତ୍ତରାଖଣ୍ଡର ସରକାରଙ୍କ ସହିତ ପୁନଃନିର୍ମାଣ ପ୍ରକଳ୍ପର ସମୀକ୍ଷା କରିବା ସହିତ କେତେକ ଜରୁରି ନିର୍ଦ୍ଦେଶ ଦେଇଥିଲେ। ପ୍ରଧାନମନ୍ତ୍ରୀ ମୋଦୀ ସମୀକ୍ଷା ବୈଠକ ପରେ ଟୁଇଟ ବାର୍ତ୍ତା ଜରିଆରେ କହିଥିଲେ, "ପବିତ୍ର ଶ୍ରାବଣ ମାସରେ କେଦାରନାଥ ଧାମରେ ହେଉଥିବା ବିକାଶ କାର୍ଯ୍ୟ ଏବଂ ଧାମର ଦିବ୍ୟତାକୁ ଆହୁରି ବଢ଼ାଇବା ଲାଗି ହେଉଥିବା ପ୍ରୟାସର ସମୀକ୍ଷା କରିବାର ସୌଭାଗ୍ୟ ମିଳିଛି।" ସମୀକ୍ଷା ସମୟରେ କେଦାରନାଥ ମନ୍ଦିର ଏବଂ ଜଗଦଗୁରୁ ଆଦି ଶଙ୍କରାଚାର୍ଯ୍ୟଙ୍କ ସମାଧି ସ୍ଥଳର ଦିବ୍ୟତାକୁ ଆହୁରି ବଢ଼ାଇବା ତଥା ପରିସରରେ ପରିଚ୍ଛନ୍ନତା ବଜାୟ ରଖିବା ସହିତ ଏହାର ବିକାଶ ସୁନିଶ୍ଚିତ କରିବା ଲାଗି ବିଚାର-ବିମର୍ଶ ହୋଇଥିଲା।

ଏହି ତୀର୍ଥସ୍ଥଳୀର ପୁନଃନିର୍ମାଣ ଲାଗି ନିଜର ପରିକଳ୍ପନା ବିଷୟରେ ପ୍ରଧାନମନ୍ତ୍ରୀ କହିଥିଲେ ଯେ ରାଜ୍ୟ ସରକାରଙ୍କୁ କେଦାରନାଥ ଏବଂ ବଦ୍ରିନାଥ ଭଳି ପବିତ୍ର ସ୍ଥଳୀର ବିକାଶ ପ୍ରକଳ୍ପର ପରିକଳ୍ପନା ସହିତ ଏହାର ଡିଜାଇନ ଏପରି ଭାବେ ପ୍ରସ୍ତୁତ କରିବାର ଆବଶ୍ୟକତା ରହିଛି ଯାହା ସମୟର ପରୀକ୍ଷାରେ ଭଲ ଭାବେ ଉତ୍ତୀର୍ଣ୍ଣ ହୋଇପାରୁଥିବ, ପରିବେଶ ଅନୁକୂଳ ହୋଇଥିବ ଏବଂ ଏଥିସହିତ ପ୍ରକୃତି ଓ ଏହାର ଆଖପାଖ ବାତାବରଣ ସହିତ ତାଳମେଳ ରକ୍ଷା କରିପାରୁଥିବ। କରୋନା କାଳରେ ଶ୍ରଦ୍ଧାଳୁମାନଙ୍କ ସଂଖ୍ୟାରେ ତୁଳନାତ୍ମକ ହ୍ରାସକୁ ଏକ ସୁଯୋଗ ଭାବେ ଗ୍ରହଣ କରି ପଡ଼ି ରହିଥିବା କାମକୁ ସମ୍ପୂର୍ଣ୍ଣ କରିବା ଉପରେ ମଧ୍ୟ ପ୍ରଧାନମନ୍ତ୍ରୀ ଜୋର ଦେଇଥିଲେ।

## ପିଏମ ମୋଦୀ ଏବଂ କେଦାରନାଥ ଧାମ

କେଦାରନାଥ ଧାମ ପ୍ରଧାନମନ୍ତ୍ରୀ ମୋଦୀଙ୍କ ପାଇଁ ଶ୍ରଦ୍ଧାର କେନ୍ଦ୍ର। ସେ ନିଜ ମନର ଶାନ୍ତି ପାଇଁ ଏଠାକୁ ଆସିଥାନ୍ତି। ଏଥିରୁ ସେ ଏହି ଧାମ ପ୍ରତି କେତେ ଆସ୍ଥା ରଖିଥାନ୍ତି ତାହା ସ୍ପଷ୍ଟ ଭାବେ ଅନୁମାନ କରିହେବ। ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀ ହେବା ପୂର୍ବରୁ ମଧ୍ୟ ସେ କେଦାରନାଥ ଧାମ ଯାଇ ସାଧନା କରୁଥିଲେ। ବିଗତ ବର୍ଷ ଯେତେବେଳେ ନିର୍ବାଚନ ଅଭିଯାନରୁ ଫୁରସତ ମିଳିଲା ସେ ଦୁଇ ଦିନ କେଦାରନାଥ ଧାମରେ ରହିଲେ ଏବଂ ମୌନ ସାଧନା କଲେ। ତାଙ୍କର କେଦାରନାଥ ଧାମକୁ ଯିବା ପର୍ଯ୍ୟଟନ ଦୃଷ୍ଟିକୋଣରୁ ଅତ୍ୟନ୍ତ ଲାଭଦାୟକ ସାବ୍ୟସ୍ତ ହେଲା।




**Narendra Modi**
@narendramodi

**2,354** Following **60M** Followers

**Narendra Modi** @narendramodi

राष्ट्ररक्षासमं पुण्यं,

राष्ट्ररक्षासमं व्रतम्,

राष्ट्ररक्षासमं यज्ञो,

दृष्टो नैव च नैव च।।

नभः स्पृशं दीप्तम्...
स्वागतम्! #RafaleInIndia

**Rajnath Singh** @rajnathsingh
राष्ट्रीय सुरक्षा के दायरे में हम जो कुछ भी करते हैं, यह हमेशा आत्मरक्षा के लिए करते हैं, आक्रमण के लिए नहीं। अगर दुश्मन देश ने कभी हमारे ऊपर आक्रमण किया, तो हमने यह भी साबित कर दिया कि कारगिल की तरह हम उसे मुंहतोड़ जवाब देंगे।

**Amit Shah** @AmitShah
करगिल विजय दिवस भारत के स्वाभिमान, अद्भुत पराक्रम और दृढ़ नेतृत्व का प्रतीक है। मैं उन शूरवीरों को नमन करता हूं, जिन्होंने अपने अदम्य साहस से करगिल की दुर्गम पहाड़ियों से दुश्मन को खदेड़ कर वहाँ पुनः तिरंगा लहराया। मातृभूमि की रक्षा के लिए समर्पित भारत के वीरों पर देश को गर्व है।

**Nitin Gadkari** @nitin_gadkari
1742 करोड़ रुपए की कुल लागत और 5575 मीटर लंबाई का स्टील ट्रस सुपर स्ट्रक्चर से बना देश का पहला स्टेट ऑफ आर्ट पुल 'महात्मा गांधी सेतु', बिहार की आर्थिक और सामाजिक विकास को गति देगा।

**Dr. Ramesh Pokhriyal Nishank**
विद्यार्थियों के सर्वांगीण विकास तथा 21वीं सदी की आवश्यकताओं को दृष्टिगत रखते हुए आदरणीय PM श्री @narendramodi जी के दूरदर्शी नेतृत्व में नई शिक्षा नीति को स्वीकृति प्रदान की गई है। इस ऐतिहासिक परिवर्तन का लाभ शीघ्र ही ज़मीनी स्तर पर दिखना शुरू होगा। रचनात्मक प्रतिक्रिया हेतु आभार।

## 77.3 प्रतिशत लोगों ने कहा - कोविड-19 की स्थिति अच्छे से संभाल रहे हैं प्रधानमंत्री मोदी

Nav Bharat Times July 24, 2020

मोदी सरकार को देश में कोविड-19 की स्थिति को संभालने को लेकर उच्च स्वीकार्यता रेटिंग प्राप्त हुई है। तीन चौथाई से भी ज्यादा लोगों ने सरकार को इस मामले में ऊंची रेटिंग दी। आईएएनएस सी-वोटर कोविड-19 ट्रेकर से यह जानकारी मिली। नवीनतम पोल के अनुसार, सर्वे में शामिल लोगों में से 77.3 प्रतिशत उत्तरदाताओं ने इस बात पर सहमति जताई कि नरेंद्र मोदी नीत राष्ट्रीय जनतांत्रिक गठबंधन की सरकार इस संकट को अच्छी तरह से संभाल रही है।



RNI No. :
DELODI/2020/78831

August: 15-31, 2020

RNI Registered No. DELODI/2020/78831, Delhi Postal License No DL (S)-1/3542/2020-22, WPP NO U (S)-90/Provisionally, posting at BPC, MEGHDOOT BHAWAN, NEW DELHI-110 001 On 13,14 advance Fortnightly (Publishing Date August 10, 2020, Pages 40)



# ‘ପ୍ରତ୍ୟେକଟି କାମ ଦେଶ ପାଇଁ’

**23 ବର୍ଷ ପରେ ଭାରତ ମାଟିରେ ନୂଆ ଲଢୁଆ ବିମାନ : 36ଟି ରାଫେଲ ମଧ୍ୟରୁ ପ୍ରଥମ 10ଟି ରାଫେଲ ଭାରତକୁ ମିଳିସାରିଛି। ଏଥିମଧ୍ୟରୁ 5ଟି ରାଫେଲ 29 ଜୁଲାଇରେ ବାୟୁସେନାର ଅମ୍ବାଲା ଏୟାରବେସରେ ପହଞ୍ଚିସାରିଛି। ପାଞ୍ଚଟି ବିମାନ ଏବେ ଫ୍ରାନ୍ସରେ ରହିଛି। ଏଥିପୂର୍ବରୁ 1997ରେ ରୁଷଠାରୁ ସୁଖୋଇ-30 ଏମକେଆଇ ବିମାନ କ୍ରୟ କରାଯାଇଥିଲା।**

*ରାଫେଲକୁ ସ୍ୱାଗତ କରିବାର ଭିଡିଓ ଦେଖିବା ନିମନ୍ତେ QR କୋଡ ସ୍କାନ କରନ୍ତୁ।*

**“ ରାଫେଲର ଅଭାବ ଆଜି ଦେଶ ଅନୁଭବ କରିପାରିଛି। ଆଜି ହିନ୍ଦୁସ୍ତାନ ଗୋଟିଏ ସ୍ୱରରେ କହୁଛି ଯେ ଯଦି ଆମ ପାଖରେ ରାଫେଲ ଥାଆନ୍ତା ତ’ କ’ଣ ହୋଇଥାନ୍ତା? ”**

-ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ (ବାଲାକୋଟ ଏୟର ଷ୍ଟ୍ରାଇକ ପରେ ଏକ କାର୍ଯ୍ୟକ୍ରମ ଅବସରରେ)

Odia Issue 4

**Published & Printed by: Satyendra Prakash**, DG, BOC on behalf of Bureau of Outreach and Communication | **Editor: Kuldeep Singh Dhatwalia,** PDG, PIB, New Delhi | Published from Bureau of Outreach and Communication, 2nd Floor, Soochna Bhawan, New Delhi -110003 | **Printed at** Infinity Advertising services Pvt.Ltd. FBD-One Corporate Park, 10th floor, New Delhi-Faridabad border, NH-1, Faridabad-121003 | **RNI No. : DELODI/2020/78831**